


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୧ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 21 OCTOBER 2021

Vol.No. 32 ■ No. 267 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଗୋବିନ୍ଦଙ୍କ ପରକିୟା ପ୍ରୀତି ଜାଣିଥିବାରୁ ମମିତାଙ୍କୁ ହତ୍ୟା କରାଯାଇଛି



ଭୁବନେଶ୍ୱର,୨୦/୧୦(ନି.ପ୍ର): ମମିତା ମର୍ଡର ମିଷ୍ଟ୍ରି ଉପରୁ ହଟିଛି ପରଦା । ପ୍ରେସମିଟ୍ କରି ବଡ ସୂଚନା ଦେଇଛନ୍ତି ଉତ୍ତରାଞ୍ଚଳ ଡିଆଇଜି । ମମିତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲା ଅଭିଯୁକ୍ତ ଗୋବିନ୍ଦ ସାହୁ । ମମିତାଙ୍କୁ କାର ଭିତରେ ହତ୍ୟା କରାଯାଇଥିଲା । ଗୋବିନ୍ଦଙ୍କ ପରକୀୟା ପ୍ରୀତି ସମ୍ପର୍କ ବାବଦରେ ଜାଣିଥିଲେ ମମିତା । ଏପରିକି ବାରମ୍ବାର ଏନେଇ ଗୋବିନ୍ଦଙ୍କୁ ଧମକ ଦେଉଥିଲେ ମମିତା । କାଳେ ଏହି ଘଟଣା ବାହାରକୁ ଆସିଯିବ ସେଥିପାଇଁ ମମିତାଙ୍କୁ ହତ୍ୟା କରାଯାଇଥିବା କହିଛି ପୋଲିସ । ମମିତାଙ୍କୁ ହତ୍ୟା କରିବାକୁ ପୂର୍ବରୁ ଯୋଜନା କରିଥିଲା ଗୋବିନ୍ଦ । ଆଉ ଯୋଜନା ଅନୁସାରେ ମମିତାଙ୍କୁ ଭବାନୀପାଟଣା ଡାକିଥିଲେ ଗୋବିନ୍ଦ । ଆଉ ୮ ତାରିଖ ଦିନ ଭବାନୀପାଟଣାରୁ କେ ଗାଁକୁ ଫେରୁଥିବା ରାସ୍ତାରେ ମମିତାଙ୍କୁ ହତ୍ୟା କରାଯାଇଥିଲା । ତେବେ ତଣ୍ଟି ଚିପି ହତ୍ୟା କରାଯାଇଛି କି ନାହିଁ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ହତ୍ୟା କରିବା ପରେ ମମିତାଙ୍କ ମୃତଦେହକୁ ସାଥୀରେ ନେଇଯାଇଥିଲା ଗୋବିନ୍ଦ । ହତ୍ୟା ପରେ ଅନ୍ଧାର ହେଲା ପରେ ମୃତଦେହକୁ ଷ୍ଟାଡିୟମକୁ ନେଇ ପୋଡିଥିଲେ ଗୋବିନ୍ଦ । ପରଦିନ ସକାଳେ ଜେସିବି ମେସିନରେ ଉକ୍ତ ମୃତଦେହକୁ ପୋତାଯାଇଥିଲା । ଏହି ହତ୍ୟାକାଣ୍ଡରେ କେତେ ଜଣଙ୍କ ସମ୍ପୃକ୍ତି ରହିଛି ତାହାର ଯାଞ୍ଚ କରୁଛି ପୋଲିସ । ୭୫ରୁ ଅଧିକ ସିସିଟିଭି ଫୁଟେଜ ଦେଖାଯାଇଛି, ସାଇଣ୍ଟିଫିକ୍ ପ୍ରମାଣ ମିଳିଛି ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଆଧାର କରି ତଦନ୍ତ ଆଗକୁ ବଢାଇଥିଲା ପୋଲିସ । ଆଉ ଶେଷରେ ଉକ୍ତ ଷ୍ଟାଡିୟମ ପାଖରେ ପହଞ୍ଚି ମୃତଦେହକୁ ଉଦ୍ଧାର କରାଯାଇଥିଲା । ଖୁବଶୀଘ୍ର ଚାର୍ଜସିଟ୍ ଦାଖଲ ହେବ ବୋଲି କହିଛନ୍ତି ଉତ୍ତରାଞ୍ଚଳ ଡିଆଇଜି ।

## ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରାଙ୍କ ପରଲୋକ

ଭୁବନେଶ୍ୱର,୨୦/୧୦ (ନି.ପ୍ର): ଓଡିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରାଙ୍କ ପରଲୋକ ହୋଇଛି। ଭୁବନେଶ୍ୱର ଏମସ୍ ରେ ୭୪ ବର୍ଷ ବୟସରେ ପରଲୋକ ଘଟିଛି। ସେ କ୍ୟାନ୍ସରରେ ଆକ୍ରାନ୍ତ ପରେ କୋଭିଡ ସଂକ୍ରମିତ ବି ହୋଇଥିଲେ । ପ୍ରହ୍ଲାଦ ଦୋରା ଓଡ଼ିଶା ବିଧାନସଭାର ଦୁଇଥର ଉପବାଚସ୍ପତି ଥିଲେ ।

## ମମିତା ମେହେର ମୃତ୍ୟୁ ଘଟଣାରେ ମନ୍ତ୍ରୀଙ୍କ ବହିଷ୍କାର ହେବା ଦରକାର : ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଲା ଏନ୍ସିଡବ୍ଲ୍ୟୁ

ଭୁବନେଶ୍ୱର,୨୦/୧୦(ନି.ପ୍ର): କଳାହାଣ୍ଡି ସନସାଇନ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ମୃତ୍ୟୁ ଘଟଣାରେ ଦୁଇ ମନ୍ତ୍ରୀଙ୍କ ବହିଷ୍କାର ହେବା ଦରକାର । ଜାତୀୟ ମହିଳା କମିଶନର ରେଖା ଶର୍ମା ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି । ସେହି ଚିଠିରେ ଲେଖାଯାଇଛି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ପ୍ରତାପ ଜେନା ସ୍କୁଲକୁ ବାରମ୍ବାର ଯାଉଥିଲେ । ତେଣୁ ପୁଲିସର ତଦନ୍ତ ପ୍ରଭାବିତ ହୋଇପାରେ ଯଦି ଏମାନେ ମନ୍ତ୍ରୀ ପଦରେ ରହିବେ । ତେଣୁ ଦୁଇ ମନ୍ତ୍ରୀଙ୍କୁ ବହିଷ୍କାର କରିବାକୁ ଜାତୀୟ ମହିଳା କମିଶନର ରେଖା ଶର୍ମା ଚିଠିରେ କହିଛନ୍ତି । ଏଥିସହ ଡିଜିପିଙ୍କୁ ମଧ୍ୟ ଚିଠି ଲେଖି ଏହି ମୃତ୍ୟୁ ମାମଲାରେ ନିରପେକ୍ଷ ତଦନ୍ତ କରିବାକୁ କହିଛନ୍ତି ରେଖା ଶର୍ମା । ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହିତ ପୀଡିତାଙ୍କ ପରିବାରକୁ ଆବଶ୍ୟକ ସୁରକ୍ଷା ଯୋଗଇ ଦେବାକୁ ରେଖା ଶର୍ମା କହିଛନ୍ତି । ସୂଚନାଯୋଗ୍ୟ ଯେ, ମମିତା ମେହେର ମୃତ୍ୟୁକାଣ୍ଡ ଘଟଣାରେ ଏବେ ରହସ୍ୟ ଖୋଲିବାରେ ଲାଗିଛି । କଲେଜର ମାଲିକ ଗୋବିନ୍ଦ ସାହୁ ହିଁ ମମିତାଙ୍କୁ ହତ୍ୟା କରିଥିଲା ବୋଲି ସ୍ପଷ୍ଟ ହୋଇଛି । ତେବେ ଏହା ପଛରେ ପରକୀୟା ପ୍ରୀତି ହିଁ ମୁଖ୍ୟ କାରଣ ଥିଲା ବୋଲି କୁହାଯାଉଛି । ଯାହା ଫଳରେ ମମିତାଙ୍କ ତଣ୍ଟିଚିପି ଗୋବିନ୍ଦ ତାଙ୍କୁ ହତ୍ୟା କରିଥିଲା । ହେଲେ ଏହି ଘଟଣାକୁ ନେଇ ଏବେ ବିରୋଧୀମାନେ ଶାସକ ଦଳକୁ ଟାର୍ଗେଟ କରିବାରେ ଲାଗିଛନ୍ତି । ବିଶେଷକରି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଏହି ଘଟଣାରେ ସମ୍ପୃକ୍ତି ନେଇ ବିରୋଧୀମାନେ ଶାସକ ଦଳକୁ ଘେରିବାରେ ଲାଗିଛନ୍ତି ।

## ଆରୟନ ଖାନଙ୍କୁ ମିଳିଲାନି ଜାମିନ୍



ନୂଆଦିଲ୍ଲୀ,୨୦/୧୦: ଶାହାରୁଖ ଖାନଙ୍କ ପୁଅ ଆରୟନ ଖାନଙ୍କୁ ଆଜି ବି ମିଳିଲା ନାହିଁ ଜାମିନ । ଜେଲରୁ ବାହାରି ପାରିଲେ ନାହିଁ ଆରୟନ । କାରଣ, ଏନଡିପିଏସ କୋର୍ଟ ପୁଣି ଥରେ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି । ଆରୟନଙ୍କ ସମେତ ତାଙ୍କର ଦୁଇ ସାଙ୍ଗ ଅରବାଜ ମର୍ଚ୍ଚେଂଟ ଏବଂ ମୁନମୁନ ଧମେଚାଙ୍କ ଜାମିନ ମଧ୍ୟ ଖାରଜ ହୋଇଛି । ଏବେ ଆରୟନ ଜାମିନ ପାଇଁ ମୁମ୍ବାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାପଡିଛି । ଆରୟନ ଖାନଙ୍କୁ ଝଟକା ! ଡ୍ରଗ୍ସ ମାମଲାରେ ପୁଣି ଖାରଜ ହେଲା ବେଲ୍ । ପୁଣିଥରେ ବଲିଉଡ୍ ସୁପରଷ୍ଟାର ଶାହାରୁଖ ଖାନଙ୍କ ପୁଅ ଆରୟନ ଖାନଙ୍କ ଜାମିନ ଖାରଜ ହୋଇଛି । ମୁମ୍ବାଇ ଡ୍ରଗସ କ୍ରୁଜ ମାମଲାରେ ଗିରଫ ହେବା ପରେ ଆରୟନ ଖାନଙ୍କ ସମସ୍ୟା ବଢିବାରେ ଲାଗିଛି । ଗୋଟିଏ ପଟେ ଆରୟନ ଖାନଙ୍କ ଗିରଫ ମାମଲାକୁ ନେଇ ରାଜନୀତି ତେଜୁଥିବାବେଳେ ଏପଟେ ଏନସିବି ଆରୟନଙ୍କୁ ନେଇ ଅନେକ ପ୍ରମାଣ କୋର୍ଟରେ ଦେଖାଇଛି । ଯାହା ଫଳରେ ପୁଣିଥରେ ଆରୟନ ଖାନଙ୍କ ଜାମିନ୍ ସେସନ୍ କୋର୍ଟ ଖାରଜ କରି ଦେଇଛନ୍ତି ।

## କୁଶୀନଗର ଆନ୍ତର୍ଜାତିକ ବିମାନ ବନ୍ଦର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୦/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି (ତା୨୦.୧୦.୨୦୨୧) କୁଶୀନଗର ଆନ୍ତର୍ଜାତିକ ବିମାନ ବନ୍ଦର ଉଦ୍‌ଘାଟନ କରିଛନ୍ତି । ସମବେତ ଜନତାଙ୍କୁ ଉଦ୍ ?ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମଗ୍ର ବିଶ୍ୱରେ ଭାରତ ହେଉଛି ବୁଦ୍ଧ ଚେତନାର କେନ୍ଦ୍ରବିନ୍ଦୁ । ଆଜି କୁଶୀନଗର ଆନ୍ତର୍ଜାତିକ ବିମାନବନ୍ଦରର ଉଦ୍‌ଘାଟନ ସେମାନଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ସଦୃଶ । ଏହି ଅଂଚଳ ଭଗବାନ ବୁଦ୍ଧଙ୍କ ଦିବ୍ୟଜ୍ଞାନ ପ୍ରାପ୍ତିଠାରୁ ଆରମ୍ଭ କରି ମହାପରିନିର୍ବାଣ ସହ ଓତଃପ୍ରୋତଃ ଜଡିତ । ଆଜିଠାରୁ ଏହି ଅଂଚଳ ବିଶ୍ୱର ଅନ୍ୟାନ୍ୟ ସ୍ଥାନ ସହ ସିଧାସଳଖ ସଂଯୋଗ ହେଉଛି । ଭଗବାନ ବୁଦ୍ଧଙ୍କ ସହ ଯୋଡି ହୋଇଥିବା ସ୍ଥାନଗୁଡିକକୁ ଉନ୍ନତ ସଂଯୋଗ ଓ ଭକ୍ତମାନଙ୍କୁ ସୁବିଧାସୁଯୋଗ ଉପଲବ୍ଧ କରାଇ ସେ ସବୁର ବିକାଶ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । କୁଶୀନଗରରେ ଅବତରଣ କରିଥିବା ଶ୍ରୀଲଙ୍କା ପ୍ରତିନିଧିମାନଙ୍କୁ ପ୍ରଧାନମନ୍ତ୍ରୀ ସ୍ୱାଗତ ଜଣାଇଥିଲେ । ଆଜି ମହର୍ଷି ବାଲ୍ମୀକୀଙ୍କୁ ତାଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ପ୍ରଧାନମନ୍ତ୍ରୀ ଦେଶ ସବ୍ ?କା ସାଥ୍ ସବ୍‌କା ପ୍ରୟାସକୁ ଆଧାର କରି ସବ୍‌କା ବିକାଶ ପଥରେ ଆଗେଇ ଚାଲିଛି ବୋଲି କହିଥିଲେ । "କୁଶୀନଗରର ବିକାଶ ଉଭୟ ଉତ୍ତରପ୍ରଦେଶ ଓ କେନ୍ଦ୍ରର ଅଗ୍ରାଧିକାର ବୋଲି ସେ କହିଛନ୍ତି । ସେ ବିଶ୍ୱାସ ହେଉ ବା ଆମୋଦପ୍ରମୋଦ, ପର୍ଯ୍ୟଟନ ନିମନ୍ତେ ନିର୍ମଳ ପରିବେଶ ସହ ରେଳ,

▶▶ପୃଷ୍ଠା ୭

## ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟଣା : ପରିବାରକୁ ଭେଟିବାକୁ ଗଲାବେଳେ ପ୍ରିୟଙ୍କାଙ୍କୁ ହେପାଜତକୁ ନେଲା ପୋଲିସ



ନୂଆଦିଲ୍ଲୀ,୨୦/୧୦: ୟୁପିର ଆଗ୍ରାରେ ପୋଲିସ ହେପାଜତରେ ଜଣେ ସଫେଇ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ପୁଣି ୟୁପି ରାଜନୀତି ସରଗରମ ହୋଇଛି । ମୃତ ଯୁବକଙ୍କ ପରିବାରକୁ ଭେଟିବାକୁ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଯିବା ବେଳେ ଆଗ୍ରା ଠାରେ ପୋଲିସ ପ୍ରିୟଙ୍କାଙ୍କୁ ହେପାଜତକୁ ନେଇଛି । କହିରଖୁ କି ଅରୁଣ କୁମାର ନାମରେ ଜଣେ ସଫେଇ କର୍ମଚାରୀଙ୍କୁ ପୋଲିସ କଷ୍ଟଡି ଭିତରେ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି । ବାଲ୍ମୀକି ସମାଜର ଯୁବକ ଅରୁଣଙ୍କୁ ପୋଲିସ ଚୋରୀ ଅଭିଯୋଗରେ ଗିରଫ କରିଥିଲା । ଆସନ୍ତା ବର୍ଷ ୟୁପିରେ ବିଧାନସଭା ନିର୍ବାଚନ ଥିବାରୁ ଏହାକୁ ନେଇ ବିରୋଧୀମାନେ ହୋହାଲ୍ଲା କରିଛନ୍ତି । ଅନ୍ୟପଟେ ପ୍ରିୟଙ୍କା ଗାନ୍ଧୀଙ୍କୁ ପୋଲିସ ଅଟକାଇବା ପରେ ପ୍ରିୟଙ୍କା କହିଛନ୍ତି କି "ଶାସକଙ୍କ ଚାପରେ ପୋଲିସର ସ୍ଥିତି ଏଭଳି ହୋଇଯାଇଛି କି,ନିଜେ କିଛି କହିବାର କ୍ଷମତା ପୋଲିସ ହରାଇଛି, ସେମାନଙ୍କ ଅଧିକାରୀ ବି ଜାଣିଛନ୍ତି ଏଭଳି ଅଟକ ରଖିବା ବେଆଇନ କିନ୍ତୁ ସବୁ ସ୍ଥାନରେ ଧାରା ୧୪୪ର ଆଳ ଦେଖାଇ ପୋଲିସ ନିଜେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛି " କେବଳ ସେତିକି ନୁହେଁ, ଏହା ପୂର୍ବରୁ ବି ପ୍ରିୟଙ୍କା ଗାନ୍ଧୀ

▶▶ପୃଷ୍ଠା ୭

## ଉତ୍ତରାଖଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗଲାଣି ୪୦ରୁ ଅଧିକ ଜୀବନ

ଉତ୍ତରାଖଣ୍ଡ,୨୦/୧୦(ନି.ପ୍ର): ଉତ୍ତରାଖଣ୍ଡରେ ଲଗାତାର ୩ ଦିନ ଧରି ଲଗାଣ ବର୍ଷା, ବାଦଲଫଟା ବର୍ଷା ଏବଂ ବିଭିନ୍ନ ଅଞ୍ଚଳରେ ବନ୍ୟା ଯୋଗୁଁ ଅତି କମ୍‌ରେ ୪୦ରୁ ଅଧିକ ଜଣଙ୍କ ମୃତ୍ୟୁ ଘଟିଛି । ନୈନିତାଲ୍ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ଭୂସ୍ଖଳନ ଯୋଗୁଁ ନୈନିତାଲ୍‌କୁ ସଂଯୋଗ ହୋଇଥିବା ୩ଟି ରାସ୍ତା ବନ୍ଦ ହୋଇଯାଇଥିବାରୁ ନୈନିତାଲ ସହ କୌଣସି ସଡ଼କ ଯୋଗାଯୋଗ ନାହିଁ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଆକାଶ ମାର୍ଗରୁ ବର୍ଷା ପ୍ରଭାବିତ ଅଞ୍ଚଳଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି । ପ୍ରବଳ ବର୍ଷା, ଭୂସ୍ଖଳନ ଏବଂ ବନ୍ୟା ଯୋଗୁଁ ଉତ୍ତରାଖଣ୍ଡରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ସଦସ୍ୟଙ୍କ ପାଇଁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି । ଯେଉଁମାନେ ବର୍ଷା ଏବଂ ବନ୍ୟା ଯୋଗୁଁ ଘର ହରାଇଦେଇଛନ୍ତି ସେମାନଙ୍କ ପାଇଁ ୧.୯ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା ହୋଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରୁ

▶▶ପୃଷ୍ଠା ୭

## ଜାମ୍ମୁକାଶ୍ମୀରରେ ସେନାକୁ ବଡ ସଫଳତା : ୧୫ ଦିନରେ ୧୫ ଆତଙ୍କବାଦୀ ସଫା

ନୂଆଦିଲ୍ଲୀ,୨୦/୧୦: ଜାମ୍ମୁକାଶ୍ମୀରରେ ଜାରି ରହିଛି ସେନାର ସର୍ଚ୍ଚ ଅପରେସନ । ଗତ ୨୪ ଘଣ୍ଟା ଭିତରେ ସେନା ଗୁଳିରେ ନିପାତ ହୋଇଛନ୍ତି ୨ କୁଖ୍ୟାତ ଆତଙ୍କବାଦୀ । ହେଲେ ଏନକାଉଣ୍ଟର ବେଳେ ଜଣେ ଯବାନ ମଧ୍ୟ ସହିଦ ହୋଇଛନ୍ତି । ଘାଟିରେ ଆତଙ୍କରାଜ ବୃଦ୍ଧି ପାଉଥିବାରୁ ଗତ କିଛିଦିନ ଧରି ସେନା ପକ୍ଷରୁ ଆତଙ୍କୀ ବିରୋଧି ଅପରେସନ୍ କରାଯାଉଛି । ଜାମ୍ମୁକାଶ୍ମୀରରେ ସେନାକୁ ବଡ ସଫଳତା । ଟିଆରଏଫ କମାଣ୍ଡରକୁ ନିପାତ । ୧୫ ଦିନରେ ୧୫ ଆତଙ୍କୀଙ୍କୁ ସଫା କରିଛି ଭାରତୀୟ ସେନା । ଜମ୍ମୁ-କାଶ୍ମୀରରେ ସେନା ପକ୍ଷରୁ ଜାରି ରହିଥିବା ସର୍ଚ୍ଚ ଅପରେସନ ଭିତରେ ପୁଣି ୨ କୁଖ୍ୟାତ ଆତଙ୍କବାଦୀଙ୍କୁ ମାରିଛନ୍ତି ଯବାନ । ନିହତ ଆତଙ୍କୀଙ୍କ ମଧ୍ୟରୁ ଜଣଙ୍କ ନାଁ ଆଦିଲ ବାନି ଓ ସେ ପୁଲଓ୍ୱାମା ବିସ୍ଫୋରଣରେ ସାମିଲ ରହିଥିଲା । ସେହିପରି ଶ୍ରୀନଗରରେ ସକ୍ରିୟ ଆତଙ୍କୀ ସଙ୍ଗଠନ ଟିଆରଏଫ କମାଣ୍ଡର ଦାୟିତ୍ୱ ତୁଲାଉଥିବା ଆଦିଲ ମଧ୍ୟ ସେନା ଗୁଳିରେ ନିହତ ହୋଇଛି । ଯିଏ ଦୁଇ ଦିନ ତଳେ ପ୍ରବାସୀ ଶ୍ରମିକଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିଲା । ତେବେ ଆତଙ୍କୀଙ୍କୁ ଏନକାଉଣ୍ଟର କରିବା ଭିତରେ ସେନାର ଜଣେ ଯବାନ ସହୀଦ ହେବା ସହ ୨ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଭଟ୍ଟା ଟୁରିୟନ ଘଂଚ ଜଙ୍ଗଲରେ ଲୁଚି ରହିଛନ୍ତି ଆତଙ୍କବାଦୀ । ପାଖାପାଖି ୫-୬ ଜଣ ଆତଙ୍କି ଲୁଚି ରହିଥିବା ଗୁଇନ୍ଦା ସୂତ୍ରରୁ ଖବର ପାଇ ସେନା ପକ୍ଷରୁ ତଲାସ ଅଭିଯାନ ଜୋରଦାର କରାଯାଇଛି । ଆତଙ୍କୀଙ୍କୁ ୪ ଦିଗରୁ ସେନା ଓ

▶▶ପୃଷ୍ଠା ୭

## ବଲାଙ୍ଗୀର ବନ୍ଦ ଡାକରା ଦେଲା ଜିଲ୍ଲା ବିଜେପି




ଭୁବନେଶ୍ୱର,୨୦/୧୦(ନି.ପ୍ର): ବହୁଚର୍ଚ୍ଚିତ କଳାହାଣ୍ଡି ଜିଲ୍ଲା ମମିତା ମେହେର ମୃତ୍ୟୁ ମାମଲାକୁ ନେଇ ଏବେ ସାରା ରାଜ୍ୟରେ ହଇଚଇ । ବିରୋଧୀମାନେ ଏହି ଘଟଣାକୁ ନେଇ ଶାସକ ଦଳକୁ ଘେରୁଥିବାବେଳେ, ମନ୍ତ୍ରୀଙ୍କ ଇସ୍ତଫା ମଧ୍ୟ ଦାବି କରିଛନ୍ତି । ଆଉ ଏହାରି ଭିତରେ ୧୨ ଘଣ୍ଟିଆ ବଲାଙ୍ଗୀର ବନ୍ଦ ଡାକରା ଦେଇଛି ଜିଲ୍ଲା ବିଜେପି । ଆସନ୍ତାକାଲି ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଲାଙ୍ଗୀରରେ ବନ୍ଦ ପାଳନ ହେବ ବୋଲି ଜିଲ୍ଲା ବିଜେପି ପକ୍ଷରୁ ଘୋଷଣା କରାଯାଇଛି । ତେବେ ମମିତାଙ୍କ ପରିବାରକୁ ନ୍ୟାୟ ଓ ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଏହି ବନ୍ଦ ଡାକରା ଦିଆଯାଇଛି ବୋଲି କୁହାଯାଉଛି । ସୂଚନାଯୋଗ୍ୟ ଯେ, ମମିତାଙ୍କ ମୃତ୍ୟୁ ପଛରେ ସ୍କୁଲ ମାଲିକ ଗୋବିନ୍ଦ ସାହୁଙ୍କ ହାତ ଥିଲା ବୋଲି ସ୍ପଷ୍ଟ ହୋଇଛି । ହେଲେ ଏହି ମୃତ୍ୟୁ ପଛରେ ଗୃହ ରାଜ୍ୟମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କରଙ୍କର ମଧ୍ୟ ହାତ ଥିବା ବିରୋଧୀମାନେ ଦାବି କରି ଆସୁଛନ୍ତି । ଉଭୟ ବିଜେପି ଓ କଂଗ୍ରେସ ଏହି ଘଟଣାରେ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବାବେଳେ, ବିଜେପି ସିବିଆଇ ତଦନ୍ତ ମଧ୍ୟ ଦାବି କରିଛି । ଆଉ ତା ସହିତ ଆସନ୍ତାକାଲି ୧୨ ଘଣ୍ଟା ପାଇଁ ବିଜେପି ବଲାଙ୍ଗୀର ବନ୍ଦ ଘୋଷଣା କରିଛି ।

## ମହାଲିଙ୍ଗ ସ୍କୁଲ ଶିକ୍ଷୟିତ୍ରୀଙ୍କ ହତ୍ୟା ଘଟଣା

## ମୁଖ୍ୟମନ୍ତ୍ରୀ ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୨୦/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ଭଳି ଉପାନ୍ତ ଅଂଚଳରେ ସ୍କୁଲ ଶିକ୍ଷୟିତ୍ରୀଙ୍କ ଅପହରଣ ଓ ହତ୍ୟା ଭଳି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀ ତୁରନ୍ତ ଆଇନ ଅନୁସାରେ ଘଟଣାରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ୱିଟ୍ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାବୀ କରିଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଓଡ଼ିଶାର କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ଭଳି ଉପାନ୍ତ ଅଂଚଳରେ ସ୍କୁଲର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ବଲାଙ୍ଗିର ଝିଅର ଷଡ଼ଯନ୍ତ୍ରପୂର୍ଣ୍ଣ ହତ୍ୟା ଖବର ଶୁଣି ମୁଁ ଚିନ୍ତିତ ଓ ବ୍ୟଥିତ। ଏହି ସ୍କୁଲର ମାଲିକ ଏହି ନିର୍ମମ ହତ୍ୟାକାଣ୍ଡର ମୁଖ୍ୟ ସୂତ୍ରଧର ବୋଲି ଜଣାପଡ଼ିଛି। ପୀଡ଼ିତାଙ୍କ ପରିବାର ତରଫରୁ ତାଙ୍କ ବିରୁଦ୍ଧରେ ଯେଉଁ ସବୁ ସଙ୍ଗୀନ ଅଭିଯୋଗ ଅଣାଯାଉଛି, ଏହା ଆହୁରି କଷ୍ଟଦାୟକ। ଏହି ବେସରକାରୀ ଶିକ୍ଷାନୁଷ୍ଠାନ ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତାରେ ଚାଲୁଛି ଏବଂ ଓଡ଼ିଶାର ଶାସକ ଦଳର ମନ୍ତ୍ରୀ ଓ ନେତା ମାନଙ୍କର ଏହି ଘଟଣାରେ ସମ୍ପୃକ୍ତି ଥିବା ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହା ସବୁ ତଥ୍ୟ ସତ୍ୟ ହୋଇଥିଲେ ସାଂଘାତିକ। ଓଡ଼ିଶା ଭଳି ରାଜ୍ୟରେ ମହିଳା ବିରୋଧୀ ହିଂସା ଓ ଅତ୍ୟାଚାର କ୍ରମାଗତ ଭାବେ ବୃଦ୍ଧି ପାଇବା ଉଦବେଗଜନକ। ଏହା ଏକ ସାଧାରଣ ଅପରାଧ ନୁହେଁ। ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତୁରନ୍ତ ଆଇନ ଅନୁସାରେ ଘଟଣାରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

# ଯୁବକଙ୍କୁ ପଥରରେ ଛେଚି ନିର୍ମମ ହତ୍ୟା : ଦୁଇ ଅଭିଯୁକ୍ତଙ୍କୁ ପୋଲିସର ଜିମାଦେଲେ ସ୍ଥାନୀୟ ଲୋକେ

କେନ୍ଦୁଝର,୨୦/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଆଜାଦବସ୍ତିର ଜନୈକ ସଫେଇ କର୍ମଚାରୀ ବୁଧୁରାମଙ୍କୁ ପଡୋଶୀ ଦୁଇ ଭାଇ ମିଶି ଅତି ନିର୍ମମ ଭାବେ ହତ୍ୟା କରିଥିବା ଜଣାପଡିଛି । ଘରେ କୌଣସି ସଦସ୍ୟ ନଥିବାର ସୁଯୋଗ ନେଇ ସାମ୍ନା ଘରେ ପଡୋଶୀ ଭାବେ ରହୁଥିବା ଦୁଇଭାଇ ତାଙ୍କ ଘର ଭିତରେ ପଶି ଗଣ୍ଡଗୋଳ କରିବା ସହିତ ବୁଧୁରାମଙ୍କ ମୁଣ୍ଡକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରି ଫେରାର୍ ହୋଇଯାଉଥିବା ବେଳେ ଗଣ୍ଡଗୋଳ ଓ ପାଟିତୁଣ୍ଡ ଶୁଣି ସ୍ଥାନୀୟ ବସ୍ତିବାସିନ୍ଦା ମାନେ ରୁଣ୍ଡ ହେବା ପରେ ଅଭିଯୁକ୍ତ ଦୁଇଭାଇଙ୍କୁ କାବୁ କରିନେବା ସହିତ ରଶିରେ ବାନ୍ଧି ଅଟକାଇବା ପରେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଯୋଡା ପୌରପାଳିକା ୫ ନଂ ୱାର୍ଡ ଆଜାଦବସ୍ତି ଅଂଚଳରେ ସୋମବାର ଦିନ ଜଣେ ଯୁବକଙ୍କୁ ପଥରରେ ଅତି ନିର୍ମମ ଭାବେ ହତ୍ୟା କରିଥିବା ଘଟଣା ଯୋଡା ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ପ୍ରତ୍ୟେକ୍ଷଦର୍ଶୀଙ୍କ କହିବାନୁଯାୟୀ, ମୃତ ବୁଧୁରାମ ସିରିକା ମୁଣ୍ଡାଙ୍କ ସହ ପଡୋଶୀ ମାନି ମୁଣ୍ଡା ଓ ଶିବ ମୁଣ୍ଡା କୌଣସି କାରଣ ନଥାଇ ବିବାଦର ସୂତ୍ରପାତ କରି ଗଣ୍ଡଗୋଳ ସୃଷ୍ଟି କରିଥିଲେ । ଗଣ୍ଡଗୋଳ ପାଟିତୁଣ୍ଡ ଚାଲୁଥିବା ସମୟରେ ଲଦର ମୁଣ୍ଡା, ମାନି ମୁଣ୍ଡା ଓ ଶିବ ମୁଣ୍ଡା ମୃତ ବୁଧୁରାମଙ୍କ ଘରେ ପଶି ପଥରରେ ଆକ୍ରମଣ କରିବା ସହ ମୁଣ୍ଡକୁ ଛେଚି ଛେଚି ହତ୍ୟା କରି ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକ ଓ ପାଖ ପଡୋଶୀ ଅଭିଯୁକ୍ତ ଦୁଇଭାଇଙ୍କୁ କାବୁ କରି ପୋଲିସର ଜିମା ଦେଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଭାଇ ଲଦର ମୁଣ୍ଡା ଘଟଣାସ୍ଥଳରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ଯୋଡା ଥାନା ଅଧିକାରିଣୀ ପଦ୍ମାଳୟା ସାହୁ ପହଂଚି ହତ୍ୟାକାଣ୍ଡର କାରଣ ଖୋଜୁଥିବା ବେଳେ ବସ୍ତିବାସିନ୍ଦାଙ୍କ କବଳରୁ ଦୁଇଭାଇଙ୍କୁ ଥାନାକୁ ନେଇଥିଲେ । କେଉଁ କାରଣ ପାଇଁ ହତ୍ୟାକାଣ୍ଡ ଘଟିଛି ତାକୁ ନେଇ ପୋଲିସ ବିଭିନ୍ନ ଦିଗରୁ ଛାନଭିନ ଜାରି ରଖିଥିବା ନେଇ ସୂଚନା ଦେଇଛି । ମୃତ ବୁଧୁରାମଙ୍କ ସ୍ତ୍ରୀ ସରସ୍ୱତୀ ସିରିକା ମୁଣ୍ଡା ଜଣେ ଦିନ ମଜୁରିଆ ମହିଳା ଶ୍ରମିକ ଭାବେ କାର୍ଯ୍ୟ କରୁଥିବାରୁ କାମ କରିବା ନିମନ୍ତେ ସେ ବାହାରକୁ ଯାଇଥିଲେ । ଏବଂ ଘରେ ରହିଥିବା ତାଙ୍କର ୪ଟି ସନ୍ତାନ ଦାଣ୍ଡରେ ଖେଳୁଥିବା ବେଳେ ଘରେ କେହିନଥିବାର ସୁଯୋଗ ନେଇ ଅପରାଧୀମାନେ ଏହି ହତ୍ୟାକାଣ୍ଡ ଭିଆଇଥିଲେ । ପଡୋଶୀଙ୍କ କହିବାନୁଯାୟୀ, ମୃତ ବୁଧୁରାମଙ୍କ ଘରର ଚଳଣୀ ଏକପ୍ରକାର ସ୍ୱଚ୍ଛଳ ଥିବାରୁ ସେ ନିଜ ପାଇଁ ଏକ ବାସଗୃହ ନିର୍ମାଣ କରିଥିଲେ । ଯେବେଠାରୁ ସେ ବାସଗୃହ ନିର୍ମାଣ କଲେ ସେହିଦିନ ଠାରୁ ହତ୍ୟାକାରୀ ତିନିଭାଇ ପଡୋଶୀ ହୋଇଥିବା କାରଣରୁ ବିଭିନ୍ନ ଆଳ ଦେଖାଇ ବୁଧୁରାମଙ୍କ ସହ ଭଲରେ ମିଳାମିଶା କରିପାରୁନଥିଲେ । ସେହି ଘଟଣା ପାଇଁ ହୁଏତ ହତ୍ୟା କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି । ସ୍ଥାନୀୟ ଅଂଚଳର ମହିଳା ଏବଂ ଝିଅ ମାନଙ୍କୁ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଶିବ ମୁଣ୍ଡା ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ ସହ କମେଟଣ୍ଟ ମାରୁଥିବାରୁ ତାକୁ ନେଇ ପୂର୍ବରୁ ସ୍ଥାନୀୟ ଅଧିବାସୀ ମାନଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଶିବ ଜଣେ ଅସାମାଜିକ ବ୍ୟକ୍ତି ହୋଇଥିବାରୁ ତାହା ସହିତ ଲାଗିବାକୁ ଲୋକେ ଭୟ କରୁଥିଲେ । ଯାହାର ସୁଯୋଗ ନେଇ ଶିବ ସେ ଅଂଚଳରେ ଆତଙ୍କରାଜ ଚଳାଇ ଆସୁଥିଲା । ଯାହାର ନମୁନା ଏହି ହତ୍ୟାକାଣ୍ଡରୁ ଦେଖିବାକୁ ମିଳିଛି । ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ପଚରାଉଚୁରା କରୁଥିବାର ଖବର ହସ୍ତଗତ ହୋଇଛି । ସୂଚନାଯୋଗ୍ୟ ଯେ ମୃତ ବୁଧୁରାମ ଯୋଡା ପୌରାଚଂଳରେ ଥିବା ଏକ ସଫେଇ ଠିକାଦାରଙ୍କ ପାଖରେ କାର୍ଯ୍ୟ କରୁଥିଲେ ।

# ମଉଳୁଛି ଆଶା : ଟିଟିପିଏସ୍ ବନ୍ଦ ସପକ୍ଷରେ ସରକାର

ଅନୁଗୁଳ,୨୦/୧୦ (ନି.ପ୍ର): ତାଳଚେର ଥର୍ମାଲ ପାୱାର ଷ୍ଟେସନ (ଟିଟିପିଏସ୍) ଆଉଥରେ ଚାଲିବା ନେଇ ଆଶା ମଉଳିବାରେ ଲାଗିଛି । ଏହି ପ୍ଲାଣ୍ଟକୁ ବନ୍ଦ କରିଦେବା ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରାଳୟ ସବୁଜ ସଙ୍କେତ ଦେବା ପରେ ହାଇକୋର୍ଟ ଏଥିରେ ରୋକ୍ ଲଗାଇଥିଲେ । କର୍ମଚାରୀ ଓ ଶ୍ରମିକ ସଂଗଠନର ଆପତ୍ତି, ଅଭିଯୋଗ ଶୁଣି ଆଉ ଥରେ ନିଷ୍ପତ୍ତି ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏଥିରୁ କିଛି ସୁଫଳ ମିଳିନି । କେନ୍ଦ୍ର ଶ୍ରମ ମନ୍ତ୍ରାଳୟ ମାମଲାର ଆଉ ଥରେ ସମୀକ୍ଷା କରିବା ପରେ ସଂଶୋଧିତ ନିର୍ଦ୍ଦେଶନାମା ଜାରି କରିଛି । କର୍ମଚାରୀଙ୍କ କିଛି ଦାବି ପୂରଣ ସହ ପୁରୁଣା ପ୍ଲାଣ୍ଟକୁ ବନ୍ଦ କରିଦେବା ପାଇଁ ସରକାର ଅନୁମତି ଦେଇଛନ୍ତି । ଫଳରେ ଏଠାରେ କାର୍ଯ୍ୟରତ କର୍ମଚାରୀ ହତାଶ ହୋଇଛନ୍ତି । ଜାତୀୟ ତାପଜ ବିଦ୍ୟୁତ ନିଗମ (ଏନଟିପିସି) ଦ୍ୱାରା ପରିଚାଳିତ ତାଳଚେର ଥର୍ମାଲ ପାୱାର ଷ୍ଟେସନରୁ ବିଜୁଳି ଉତ୍ପାଦନ ଗତ ମାର୍ଚ୍ଚ ୩୧ ତାରିଖରୁ ବନ୍ଦ ରହିଛି । ୪୬୦ ମେଗାୱାଟ ବିଶିଷ୍ଟ ଏହି ପ୍ରକଳ୍ପକୁ କର୍ତ୍ତୃପକ୍ଷ ବନ୍ଦ କରିଥିଲେ ଏଥିନେଇ ବିଧିବଦ୍ଧ ସୂଚନା ମିଳିଥିଲା ଜୁଲାଇ ୧୨ତାରିଖରେ । ପ୍ଲାଣ୍ଟକୁ ଅଗଷ୍ଟ ୨୦ ତାରିଖରୁ ସବୁଦିନ ପାଇଁ ବନ୍ଦ କରିବାକୁ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ କେନ୍ଦ୍ର ଶ୍ରମ ମନ୍ତ୍ରାଳୟ ଅନୁମତି ଦେଇଥିଲା । ଏହାପରେ କର୍ମଚାରୀ ଓ ବିଭିନ୍ନ ଶ୍ରମିକ ସଂଗଠନ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ପ୍ଲାଣ୍ଟ ବନ୍ଦ ହେବା ନିଷ୍ପତ୍ତି ଉପରେ ଅକ୍ଟୋବର ୨୫ ତାରିଖ ପର୍ଯ୍ୟନ୍ତ ରହିତାଦେଶ ଦେଇଥିଲେ । ଏହା ଭିତରେ ଆବେଦନକାରୀଙ୍କୁ ପୁଣିଥରେ ଉପଯୁକ୍ତ ତଥ୍ୟ ସହ ଶ୍ରମ ମନ୍ତ୍ରାଳୟରେ ନିଜ ପକ୍ଷ ରଖିବାକୁ କୁହାଯାଇଥିଲା । ଶେଷରେ ଶ୍ରମ ମନ୍ତ୍ରାଳୟ ପକ୍ଷରୁ ସଂଶୋଧିକ ନିର୍ଦ୍ଦେଶନାମା ଜାରି କରାଯିବା ସହ ପ୍ଲାଣ୍ଟ ବନ୍ଦ ହେବା ସପକ୍ଷରେ ମତ ଦିଆଯାଇଛି । ପ୍ଲାଣ୍ଟ ଚାଲିବା ନେଇ ଆବେଦନକାରୀମାନେ ଦେଇଥିବା ପିଟିସନ ଅନୁସାରେ ପ୍ଲାଣ୍ଟ ଚଲାଇବା ସମ୍ଭବ ନୁହେଁ ବୋଲି ଏଥିରେ କୁହାଯାଇଛି । ଶ୍ରମ ମନ୍ତ୍ରାଳୟର ଏହି ନିର୍ଦ୍ଦେଶନାମା ପରେ ଟିଟିପିଏସ୍ ପ୍ଲାଣ୍ଟର ଭବିଷ୍ୟତ ପୁଣି ଅନ୍ଧାରକୁ ଚାଲି ଯାଇଛି ।

# ଦୀପ୍ତିରେଖାଙ୍କ କଣ୍ଠସ୍ୱରରେ ଝୁମିବେ ଜନତା : ୨୧ ତାରିଖରୁ ୫୪ତମ କୁମାର ଉତ୍ସବ ଆରମ୍ଭ

ପୁରୀ,୨୦/୧୦ (ନି.ପ୍ର): ପବିତ୍ର ଶରଧାବାଲି ଠାରେ ୫୪ତମ କୁମାର ଉତ୍ସବ ପାଳିତ ହେବ ବୋଲି କୁମାର ଉତ୍ସବ ସମିତି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛି । ଏହା ତିନି ଦିନଧରି ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହେବ । ଶେଷ ଦିନ ୨୩ ତାରିଖରେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢୀଙ୍କ କଣ୍ଠରୁ ଝରି ଆସିବ ସୁମଧୁର ସଙ୍ଗୀତ । ସଙ୍ଗୀତରେ ଝୁମିବେ ଦର୍ଶକ । ସାମ୍ବାଦିକ ସମ୍ମିଳନୀରେ ପୁରୀର ଯୁବ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କହିଲେ ପୁରୀର କଳା ସଂସ୍କୃତି ଐତିହ୍ୟ ଓ ପରମ୍ପରା ବିଶ୍ୱରେ ଏକ ନିଆରା ପରମ୍ପରା ସୃଷ୍ଟି କରିଛି । କାଳିଆ କ୍ଷେତ୍ରରେ ଅନେକ ପ୍ରତିଷ୍ଠିତ କଳାକାର ରହିଛନ୍ତି । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ । ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଚଳିତବର୍ଷର ଜୀ ସାର୍ଥକ ସାରେଗାମାପାର ବିଜେତା ଶ୍ରୀକ୍ଷେତ୍ରର ଝିଅ ଦେବାଂଶି ଦାଶ ତାଙ୍କ ସୁମଧୁର କଣ୍ଠରେ ମଞ୍ଚ ଦୁଲୁକାଇବେ । ଏହା ସହ ଦର୍ଶନା କର, ଦୁର୍ଗା ଓ ଯାଜ୍ଞସିନୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସମସ୍ତ କାର୍ଯ୍ୟକ୍ରମକୁ ଭରତ ନାୟକ, ଚିର ସବୁଜ ଶ୍ୟାମପ୍ରକାଶ ସେନାପତି ଏବଂ ପିୟୁଷ ସଂଯୋଜନାରେ ଉତ୍ସବ ପାଳିତ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ମିଶ୍ର, ଉପଦେଷ୍ଟା ତଥା ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ ପଣ୍ଡା ,ଶ୍ରୀକାନ୍ତ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଏକ କୋଟି ୪୫ ଲକ୍ଷ ଆତ୍ମସାତ୍ ମାମଲା

# ଫେରାର୍ ଡାବୁଗାଁ ତହସିଲର ନାଜିରଙ୍କୁ ଛତିଶଗଡରୁ ଗିରଫ କଲା ପୁଲିସ

ନବରଙ୍ଗପୁର,୨୦/୧୦ (ନି.ପ୍ର): ଡାବୁଗାଁ ତହସିଲ କାର୍ଯ୍ୟାଳୟର ନାଜିର ଚନ୍ଦନା ମଣ୍ଡଳଙ୍କୁ ଗିରଫ କରିଛି ନବରଙ୍ଗପୁର ଜିଲା ପୁଲିସ । ଅଭିଯୁକ୍ତ ଚନ୍ଦନା ତହସିଲ କାର୍ଯ୍ୟାଳୟର ଏକ କୋଟି ୪୫ ଲକ୍ଷ ଟଙ୍କା ସରକାରୀ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଜିଲା ପୁଲିସ କାର୍ଯ୍ୟାଳୟରେ ଅପରାହ୍ନ ୨ଟାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଆରକ୍ଷୀ ଅଧିକ୍ଷିକ ସ୍ମିଥ.ପୁରୁଷୋତମ ଦାସ ଯୋଗଦେଇ ଏହି ଗିରଫ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିପାଇଁ ୩ଟି ପୁଲିସ ଟିମ୍ ଗଠନ କରାଯାଇଥିଲା । ତାଙ୍କୁ ଛତିଶଗଡ ରାଜ୍ୟର ସୁକୁମା ଜିଲାରୁ ଗିରଫ କରାଯାଇଛି । ବୋର୍ଡ ଅଫ ରେଭନ୍ୟୁର ଅଡିଟ ପ୍ରକାରେ ଚନ୍ଦନା ଏକ କୋଟି ୪୫ ଲକ୍ଷ ଆତ୍ମସାତ୍ କରିଥିବା ଜଣାପଡିଥିବା କହିଥିଲେ । ସେ ସରକାରୀ ବ୍ୟାଙ୍କରୁ ଚେକ୍ ମାଧ୍ୟମରେ ଟଙ୍କା ଆତ୍ମସାତ କରିଛନ୍ତି । ସେ ବିଭିନ୍ନ ବ୍ୟାଙ୍କରେ ଜମା ରଖିଥିବା ୨୭ ଲକ୍ଷ ୮୭ ହଜାର ୦୨୬ ଟଙ୍କାକୁ ଜବତ କରାଯାଇଛି । ଗତ ୧୮ ତାରିଖରେ ସେ ରହୁଥିବା ସ୍ଥାନକୁ ଚିହ୍ନଟ କରାଯାଇଥିଲା । ଜିଲା ପୁଲିସ ପକ୍ଷରୁ ଛତିଶଗଡ ରାଜ୍ୟର ସୁକୁମା ଜିଲା ଅନ୍ତର୍ଗତ ବରସର ଥାନାର ଇଟାଭଟ୍ଟା ଗାଁରୁ ତାଙ୍କୁ ଗିରଫ କରାଯାଇଛି । ତେବେ ଏହି ଘଟଣାରେ ଅନ୍ୟ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଚାଲିଛି । ତାଙ୍କର ସମ୍ପର୍କୀୟ ଓ ଯାନ ବାହନ ସମ୍ପର୍କରେ ତଦନ୍ତ ଚାଲୁଥିବାବେଳେ ଏଥିପାଇଁ ରାଜସ୍ୱବିଭାଗ ଓ ପରିବହନ ବିଭାଗକୁ ଚିଠି ଲେଖାଯାଇଛି । ଅଭିଯୁକ୍ତ ଚନ୍ଦନାଙ୍କୁ ଆଜି ଉମରକୋଟ ଅଦାଲତକୁ ଚାଲାଣ କରାଯାଇଥିବା ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଗତ ତା ୧.୯.୨୧ ଡାବୁଗାଁ ତହସିଲଦାର ସନ୍ଧ୍ୟା ସମରଥ ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ (ନାଜିର) ଚନ୍ଦନା ମଣ୍ଡଳ ସରକାରୀ ଅର୍ଥର ଅନୀୟମିତତାନେଇ ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ବୋର୍ଡ ଅଫ ରେଭେନ୍ୟୁର ଅଡିଟ ଅଧିକ୍ଷକଙ୍କର ରିପୋର୍ଟ ପ୍ରକାରେ ଗତ ତା ୦୮.୦୯.୨୦ ଠାରୁ ତା୨୪.୦୫.୨୧ ମଧ୍ୟରେ ମୋଟ୍ ୧ କୋଟି ୪୪ ଲକ୍ଷ ୪୮ହଜାର ୯୪୬ଟଙ୍କାର ଅନିୟମିତତା ହୋଇଥିବା ଜଣାପଡିଥିଲା । ଏହା ଜଣାପଡିବାପରେ ତାଙ୍କୁ ଚାକିରୀରଉ ନିଲମ୍ବିତ କରାଯାଇଛି । ଏହାପରେ ଚନ୍ଦନା ଗିରଫ ଭୟରେ ଓଡିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇ ଅଗ୍ରୀମ ଜାମିନ ପାଇଁଆବେଦନ କରିଥିଲେ ହେଁ ଗତ ୩୦.୦୭.୨୦୨୧ ରେ ହାଇକୋର୍ଟ ଜାମିନ ନାକଚ କରିଥିଲେ । ଏହାପରେ ସେ ଫେରାର ହୋଇଥିଲେ । ତେବେ ଦୀର୍ଘଦିନ ଧରି ଫେରାର ରହିଥିବା ନାଜିର ଚନ୍ଦନାଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ୧୨ ଫୁଟ୍ ଲମ୍ବର ଅଜଗର ସାପ ଉଦ୍ଧାର

ହରିଚନ୍ଦନପୁର,୨୦/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ରେବଣାପଲାଶପାଳ ଫରେଷ୍ଟ ବିଟ୍ ଅଧିନସ୍ଥ ତେନ୍ତୁଳିପୋଷି ଗାଁରୁ ଏକ ୧୨ଫୁଟ୍ ଲମ୍ବର ବିଶାଳ ଅଜଗର ସାପ ଉଦ୍ଧାର କରିଯାଇଛି ।
ସୂଚନା ଅନୁଯାୟୀ, ଚିଲିକିଧରା ରେଲୱେ ଷ୍ଟେସନ ନିକଟସ୍ଥ ତେନ୍ତୁଳିପୋଷି ଗାଁରେ ଏହି ଅଜଗର ସାପଟି ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ପ୍ରଥମ ଥର ପାଇଁ ଗ୍ରାମରେ ଏଭଳି ଏକ ବିରାଟକାୟ ସାପକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ । ଗ୍ରାମର ଯୁବକମାନେ ସଙ୍ଗେ ସଙ୍ଗେ ଦାୟିତ୍ୱରେ ଥିବା ବନପାଳଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ବନପାଳ ଓ ସାପ ଧରା ଟିମ୍ ଘଟଣାସ୍ଥଳରେ ପହଂଚି ସାପଟିକୁ ନିଜ ଆୟତକୁ ନେଇ ସୁରକ୍ଷିତ ଅବସ୍ଥାରେ ରେବଣାପଲାଶପାଳ ସଂରକ୍ଷିତ ଜଙ୍ଗଲରେ ଛାଡିଥିବା ଜଣାପଡିଛି । ଏହି ବିରାଟକାୟ ଅଜଗର ସର୍ପକୁ ଦେଖିବା ପାଇଁ ଘଟଣାସ୍ଥଳରେ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା ।

# ବିପଦସଂକୁଳ ଅବସ୍ଥାରେ ମେଡ଼ିକାଲରେ ବିଦ୍ୟୁତ ବ୍ୟବସ୍ଥା

ପୁରୀ,୨୦/୧୦ (ନି.ପ୍ର): ପୁରୀ ଜିଲ୍ଲାର ପ୍ରମୁଖ ଚିକିତ୍ସାକେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ ବ୍ୟବସ୍ଥା ବିପଦସଂକୁଳ ଅବସ୍ଥାରେ ରହିଛି । ଶହ ଶହ ରୋଗୀ ସେଠାରେ ରହୁଥିବା ବେଳେ ରୋଗୀଙ୍କ ବେଡ଼ ଝରକା ନିକଟରେ ଇଲେକ୍ଟ୍ରୀ ଖୁଂଟର ତାର ଝୁଲି ରହିଛି । ଏହା ସହ ସେଠାରେ ପ୍ରତିଦିନ ଶହ ଶହ ମାଙ୍କଡ଼ ଡ଼େଉଁଥିବାରୁ ତାର ଗୁଡ଼ିକ ଛିଣ୍ଡି ରୋଗୀରଙ୍କ ଝରକାରେ ଲାଗି ରହିଛି । ଯାହା ଫଳରେ ରୋଗୀମାନେ ଭୟଭୀତ ହୋଇ ରହୁଛନ୍ତି । ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ଓ ବ୍ୟବସ୍ଥା ଯୋଗୁଁ ରୋଗୀମାନେ ବିପଦ ସଂକୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି । ରୋଗୀଙ୍କ ବେଡ଼ ନିକଟସ୍ଥ ଇଲେକ୍ଟ୍ରୀ ପୋଲ ଗୁଡ଼ିକ ଅପସାରଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ତୁଳସୀ ମହିଳା ମହା ବିଦ୍ୟାଳୟରେ ସୂଚନା ଅଧିକାର ଆଇନ ସଚେତନତା

କେନ୍ଦ୍ରାପଡ଼ା,୨୦/୧୦ (ନି.ପ୍ର): ତୁଳସୀ ମହିଳା ମହା ବିଦ୍ୟାଳୟ ର ଜାତୀୟ ସେବା ଯୋଜନା ଓ ଆଇକ୍ୟୁଏସି ର ମିଳିତ ଉଦ୍ୟମରେ ଏକ ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମହା ବିଦ୍ୟାଳୟର ଅଧକ୍ଷ ରଞ୍ଜିତ ରଞ୍ଜନ ସାହୁ ଅଧକ୍ଷତା କରି ସୂଚନା ଅଧିକାର ଆଇନ ଓ ସୁଶାସନ ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଆଇନଜୀବି ଚିତ ରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନର ଉପଯୋଗିତା ଓ ଏହାର ଗୁରୁତ୍ୱ ବିଷୟରେ ସମସ୍ତଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ଦାସଙ୍କ ସହ ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ ଛାତ୍ରୀ ମାନଙ୍କୁ ଆଇନ ସାହାଯ୍ୟରେ କିପରି ଆବେଦନ କରି ସୂଚନା ପ୍ରାପ୍ତି ପାଇଁ ଅଥବେଦନ କରିବେ ସେ ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ଅଧିକାରିଣୀ ଡ଼ଃ ପଦ୍ମଜା କବି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନଗଡ଼ାରେ ପୁଣି ଅପପୁଷ୍ଟି : ଆଖି ବୁଜିଲେ ୯ ମାସର ଶିଶୁ

କାଳିଆପାଣି ,୨୦/୧୦ (ନି.ପ୍ର): ୨୦୧୬ ମସିହାରେ ଅପପୁଷ୍ଟି ଯୋଗୁ ୩ ମାସରେ ୧୯ଜଣ ଶିଶୁଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚାକୁ ଆସିଥିଲା ନଗଡ଼ା । ଏହାପରେ ବି ଆହୁରି କେତେଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ ନଗଡ଼ା ପାଇଁ ଅନେକ ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହା ସତ୍ତ୍ୱେ ବି ନଗଡ଼ାରେ ପୁଣି ଅପପୁଷ୍ଟି ଜନିତ ଶିଶୁ ମୃତ୍ୟୁ ଅଭିଯୋଗ ହୋଇଛି । ମୃତ୍ୟୁର ଶିକାର ହୋଇଥିବା ଶିଶୁ ଜଣକ ଗୁହିଆଶାଳ ମୌଜାର ରଙ୍ଗବତୀ ଓ ପୁନିଆଁ ପ୍ରଧାନଙ୍କ ପଞ୍ଚମ ସନ୍ତାନ ଅଜୟ(୯ ମାସ) । ଅପପୁଷ୍ଟି ପାଇଁ ଅଜୟର ମୃତ୍ୟୁ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ସୂଚନା ଅନୁସାରେ, ମୃତ୍ୟୁ ବେଳକୁ ଅଜୟର ଓଜନ ମାତ୍ର ୨ କିଲୋ ୨ ଶହ ଗ୍ରାମ୍ ଥିଲା । ଯାହାକି ସାଧାରଣ ଶିଶୁର ହାରାହାରି ଓଜନଠାରୁ ଅଧା ଥିଲା । ସାଂଘାତିକ କୁପୋଷଣର ଶିକାର ହୋଇଥିବା ଅଜୟକୁ ଗତ ଜୁଲାଇ ମାସରେ ସୁକିନ୍ଦା ପୁଷ୍ଟି ସାଧନ କେନ୍ଦ୍ର(ଏନ୍ଆରସି)କୁ ଅଣାଯାଇଥିଲା । କିଛିଦିନ ପରେ ଏହି ଦମ୍ପତି ଶିଶୁକୁ ଧରି ଗାଁକୁ ପଳାଇଥିଲେ । ଗାଁର ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ଅଭାବୀ ପରିବାରରେ ସୁଷମ ଶିଶୁ ଆହାରର ଘୋର ଅଭାବ ସାଙ୍ଗକୁ ଚିକିତ୍ସା ଅବହେଳା ପାଇଁ ଅଜୟର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ଅଜୟକୁ ପୁଣିଥରେ ଏନ୍ଆରସି ଯିବାକୁ ପରାମର୍ଶ ଦିଆଯାଇଥିଲା । ହେଲେ ଧାନକଟା ପରେ ଶିଶୁକୁ ସାଥୀରେ ଧରି ସେମାନେ ମେଡିକାଲ୍ ଯିବେ ବୋଲି ତା’ ବାପା ପୁନିଆଁ ପ୍ରଧାନ ମତ ରଖିଥିଲେ ।

## ମହିଳା ମହାବିଦ୍ୟାଳୟରେ ଏନସିସି ତରଫରୁ ସ୍ୱଚ୍ଛଭାରତ ଅଭିଯାନ

ଭୁବନ,୨୦/୧୦ (ନି.ପ୍ର): ଭୁବନ ମହିଳା ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି) ତରଫରୁ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଦିଲ୍ଲୀପ କୁମାର ଦାସ ଙ୍କ ନିର୍ଦ୍ଦେଶରେ ଏନସିସି ଅଫିସର ଲେଫ୍ଟନାଣ୍ଟ ପ୍ରମିଳା କୁମାରୀ ଦସ ଓ ସହଯୋଗୀ ଶାନ୍ତନୁ ଦାଶ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାଡେଡ ମାନେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ କରିଥିଲେ । ଅଧକ୍ଷ ଶ୍ରୀମାନ ଦାସ କ୍ୟାଡେଡ ମାନଙ୍କ ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

# ପ୍ଲାଷ୍ଟିକ ବସ୍ତାରେ ବାଘ ଚମଡ଼ା ପୁରାଇ ବିକ୍ରି ଯୋଜନା : ଏସଟିଏଫ୍ ହାତରେ ଧରାପଡିଲା

ବୌଦ୍ଧ,୨୦/୧୦ (ନି.ପ୍ର): ବୌଦ୍ଧ ଜିଲାରେ ବନ୍ୟଜନ୍ତୁଙ୍କ ଅବାଧ ଶିକାର ହେଉଥିବା ଅନେକ ଅଭିଯୋଗ ହେଉଥିଲେ ମଧ୍ୟ ଜଙ୍ଗଲ ବିଭାଗର ନିଦ୍ରା ଭଙ୍ଗ ହେଉନାହିଁ । ଜିଲାରେ ପୂର୍ବରୁ ହାତୀଦାନ୍ତ, ବାଘ ଚମଡ଼ା ଆଦି କାରବାର ହେଉଥିବା ନେଇ ଅନେକ ନଜିର ରହିଛି । ଏବେ ଆଉ ଥରେ ଭୁବନେଶ୍ୱର ଏସଟିଏଫ୍ ଟିମ୍ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା କପାସିରା ଛକ ନିକଟରୁ ଦୁଇଟି କଲରାପତରିଆ ବାଘଛାଲ ଜବତ କରିବା ସହ ଘଟଣାରେ ଜଣକୁ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ କଣ୍ଟାମାଳ ଥାନା ନାରାୟଣ ପ୍ରସାଦ ପଞ୍ଚାୟତ ଲୁଣ୍ଡୁରୁ ଗ୍ରାମର ଗଣରାମ ଭୋଇଙ୍କ ପୁଅ ଜୀବର୍ଦ୍ଧନ ଭୋଇ । ମନମୁଣ୍ଡା ଥାନା ଅଞ୍ଚଳରେ ବାଘଛାଲ କାରବାର ହେଉଥିବା ନେଇ ଏସଟିଏଫ୍ ଖବର ପାଇଥିଲା । ଏସଟିଏଫ୍ ଟିମ୍ କପାସିରା ଛକରେ ପାଟ୍ରୋଲିଂ କରୁଥିବା ସମୟରେ ଛକରେ ଏକ ବସ୍ତା ଧରି ଛିଡ଼ା ହୋଇଥିବା ଜୀବର୍ଦ୍ଧନ ପାଖରେ ଅଟକି ଥିଲେ । ପରେ ଜୀବର୍ଦ୍ଧନ ଧରିଥିବା ବସ୍ତାକୁ ଉକ୍ତ ଟିମ୍ ଯାଂଚ୍ କରିବାରୁ ସେଥିରୁ ଦୁଇଟି କଲରାପତରିଆ ବାଘଛାଲ ଜବତ ହୋଇଥିଲା । ଘଟଣାରେ ଜୀବର୍ଦ୍ଧନକୁ ଉକ୍ତ ଟିମ୍ ଗିରଫ କରି ବୌଦ୍ଧ ଡିଏଫଓଙ୍କୁ ହସ୍ତାନ୍ତର କରିଥିଲା । ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ୫୦ ବସ୍ତା ବାଣ ଜବତ : ୩ ଗିରଫ

ଗଞ୍ଜାମ,୨୦/୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ କାଳଷଣ୍ଡପୁର ଗ୍ରାମରେ ଗତକାଲି ରାତିରେ ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ଭାବେ ଗଚ୍ଛିତ ଥିବା ୫୦ ବସ୍ତା ବାଣ ଜବତ କରାଯାଇଛି । ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ବିଶେଷ ସୂତ୍ରରୁ ଖବର ପାଇ ଆସିକା ଏସଡ଼ିପିଓ ଉମାଶଙ୍କର ସିଂଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଓ ଥାନା ଷ୍ଟାଫ୍ ଏହି ଚଢ଼ଉରେ ସାମିଲ୍ ଥିଲେ ।

# ପୌରାଚଂଳ ଘୋଷଣା ହେବାର ୩୩ ବର୍ଷ ପରେ ମଧ୍ୟ ମୌଳିକ ସୁବିଧାରୁ ବଂଚିତ ପଟ୍ଟାମୁଣ୍ଡାଇ ସହରବାସୀ

ପଟ୍ଟାମୁଣ୍ଡାଇ,୨୦/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଦ୍ୱିତୀୟ ବୃହତମ ସହର ପଟ୍ଟାମୁଣ୍ଡାଇକୁ ଗତ ୧୯୮୮ ମସିହା ଡିସେମ୍ବର ୬ ତାରିଖରେ ଏନଏସିର ମାନ୍ୟତା ପ୍ରଦାନ କରାଯାଇଥିଲା । ପଟ୍ଟାମୁଣ୍ଡାଇ ସମେତ ଆଖପାଖ ୫ଟି ଗ୍ରାମପଚାଂୟତର କେତେକ ଅଂଚଳକୁ ନେଇ ଏନଏସି ଘୋଷଣା କରି ବିଜ୍ଞାପିତ ଅଂଚଳର ସମସ୍ତ ସୁବିଧା ସୁଯୋଗ ଜନସାଧାରଣଙ୍କୁ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଥିଲେ । ପଟ୍ଟାମୁଣ୍ଡାଇ ପଚାଂୟତ କଷଣଅଂଟା ପଚାଂୟତ, ମାଟିଆ ପଚାଂୟତ, ବାଲିପାଟଣା ପଚାଂୟତ, ନୀଳକଣ୍ଠପୁର ପଚାଂୟତ ପ୍ରଭୃତି ଅଂଚଳର ବିଭିନ୍ନ ଗ୍ରାମକୁ ନେଇ ପଟ୍ଟାମୁଣ୍ଡାଇ ଏନଏସି ଘୋଷଣା କରାଯାଇଥିଲା । ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ସ୍ୱର୍ଗତଃ ବଟକୃଷ୍ଣ ଜେନାଙ୍କ ସହଯୋଗ ଓ ତତ୍କାଳୀନ ପଟ୍ଟାମୁଣ୍ଡାଇ ବିଧାୟକ ଗଣେଶ୍ୱର ବେହେରାଙ୍କ ଉଦ୍ୟମରେ ପଟ୍ଟାମୁଣ୍ଡାଇକୁ ମିଳିଥିଲା ବିଜ୍ଞାପିତ ଅଂଚଳର ମାନ୍ୟତା । ବିଜ୍ଞାପିତ ପରିଷଦର ପ୍ରଥମ ଅଧ୍ୟକ୍ଷ ଭାବେ ପ୍ରତ୍ୟେକ୍ଷ ନିର୍ବାଚନରେ ବିଜୟ ହୋଇଥିଲେ ଯୁବନେତା ରବିନ୍ଦ୍ର ମହାନ୍ତି । ପରବର୍ତ୍ତୀ ସମୟରେ ବିଜ୍ଞାପିତ ଅଂଚଳର ସର୍ବାଙ୍ଗୀନ ବିକାଶ ପାଇଁ ଜନତାଦଳ ସରକାର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରଣୟନ କରିବା ଆରମ୍ଭ କରିଥିଲେ ହେଁ ବସ୍ତୁତଃ ଅଞ୍ଚଳରେ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇପାରିନଥିଲା । ବିଜ୍ଞାପିତ ପରିଷଦ ପକ୍ଷରୁ କିଣା ଯାଇଥିବା ୨ଟି ଯାତ୍ରୀବାହୀ ବସ୍ ରାସ୍ତା କଡରେ ପଡି ଖତ ଖାଇଯିବାବେଳେ ଅକଟ୍ରାଏ ଟିକସ ଆଦାୟକୁ ନେଇ ବେଶ୍ ବଦନାମ ମୁଣ୍ଡାଇ ଥିଲା । ଦୀର୍ଘ ଦିନର ବ୍ୟବଧାନ ପରେ ପରବର୍ତ୍ତୀ ରାଜ୍ୟ ସରକାର ବିଜ୍ଞାପିତ ପରିଷଦର ଅଧ୍ୟକ୍ଷ ପଦବୀ ନିର୍ବାଚନକୁ ପରୋକ୍ଷ ଭାବେ କରାଇବାର ନିଷ୍ପତି ଗ୍ରହଣ କରିଥିଲେ । ଗତ ୨୦୧୪ ମସିହା ଫେବୃଆରୀ ୨୪ ତାରିଖ ଠାରୁ ପଟ୍ଟାମୁଣ୍ଡାଇ ଏନଏସିକୁ ରାଜ୍ୟ ସରକାର ମ୍ୟୁନିସିପାଲିଟିର ମାନ୍ୟତା ପ୍ରଦାନ କରଥିଲେ । ବର୍ତ୍ତମାନ ଏହାର ଜନସଂଖ୍ୟା ୪୪୫୨୮ ହୋଇଥିବାବେଳେ ମୋଟ୍ ୨୦ଟି ୱାର୍ଡ ରହିଛି । ଜନସଂଖ୍ୟା ବୃଦ୍ଧିକୁ ଆଖି ଆଗରେ ରଖି ୱାର୍ଡ ପୁନଃଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ବସ୍ତୁତଃ ଏହା କାର୍ଯ୍ୟକାରୀ ହୋଇନାହିଁ । ପଟ୍ଟାମୁଣ୍ଡାଇ ସହରାଚଂଳରେ ଲୋକମାନଙ୍କର ବିଭିନ୍ନ ସମସ୍ୟା ରହିଛି । ତନ୍ମଧ୍ୟରୁ ପାଣିନିଷ୍କାସନ ସମସ୍ୟା, ଗମନାଗମନ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା, ପାନୀୟଜଳ, ବଜାର ସମସ୍ୟା, ଟ୍ରାଫିକ ସମସ୍ୟା ସମେତ ପାଠାଗାର ପ୍ରତିଷ୍ଠା ଆମୋଦପ୍ରମୋଦ ପାଇଁ ପ୍ରମୋଦ ଉଦ୍ୟାନ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଣ୍ଡପ ଏବଂ ସଭାସମିତି ପାଇଁ ସଭାଗୃହ ସମସ୍ୟା ମଧ୍ୟ ସହରବାସୀଙ୍କର ଏକ ମୌଳିକ ସମସ୍ୟା କୁହାଯାଇପାରେ । ରାଜ୍ୟ ସରକାରଙ୍କ ନଗରଉନ୍ନୟନ ବିଭାଗ ପକ୍ଷରୁ ପାର୍କ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲେ ହେଁ ତାହା କାଗଜକଲମରେ ସୀମିତ ରହିଛି । ସେହିପରି ନିର୍ମାଣ କରାଯାଇଥିବା କଲ୍ୟାଣମଣ୍ଡପ ଅଦ୍ୟାବଧି ଜନସାଧାରଣଙ୍କ କାର୍ଯ୍ୟରେ ଲାଗି ପାରୁନାହିଁ । ପଟ୍ଟାମୁଣ୍ଡାଇର ଅନ୍ୟାନ୍ୟ ମୁଖ୍ୟ ସମସ୍ୟା ମଧ୍ୟରେ ଟ୍ରାଫିକ ସମସ୍ୟା ଏକ ଗୁରୁତର ସମସ୍ୟା । ବୁଲା ଗାଈଗୋରୁ, ଛେଳିମେଣ୍ଢା, ଟ୍ରାଫିକ ନିୟନ୍ତ୍ରଣ କରିବା ଏକ ନିତିଦିନିଆ ଘଟଣା । ସେହିପରି ସହରାଚଂଳରେ ନିର୍ଦ୍ଧାରିତ ସ୍ଥାନରେ ନିର୍ଦ୍ଧାରିତ ବଜାର ଭେଣ୍ଡିଂଜୋନ ମାଧ୍ୟମରେ ଖୋଲାନଯିବା ଆଉ ଏକ ସମସ୍ୟା । ବର୍ଷା ଦିନେ ସହରାଞ୍ଚଳର ବହୁ ସ୍ଥାନ ଜଳାର୍ଣ୍ଣବ ହୋଇପଡୁଥିବାବେଳେ ପାଣି ନିଷ୍କାସନ ପାଇଁ ଡ୍ରେନେଜ ସିଷ୍ଟମକୁ ଅଦ୍ୟାବଧି ସଜଡା ଯାଇପାରିଲାନାହିଁ । ଅଡିଟୋରିୟମ କାର୍ଯ୍ୟ ମଧ୍ୟ ଧିମା ଗତିରେ ଚାଲିଥିବାରୁ ତାହାର ପୂର୍ଣ୍ଣାଙ୍ଗ ସ୍ୱରୂପ ଦେଖିବାକୁ ସହରବାସୀଙ୍କୁ ଆଉ କିଛିଦିନ ଅପେକ୍ଷା କରିବାକୁ ପଡିବ । ସହରରେ ପାଠାଗାର ନଥିବାରୁ ସହରାଚଂଳବାସୀଙ୍କୁ ବିଭିନ୍ନ ଉପାଦେୟ ପୁସ୍ତକ ପଠନ କରିବାରେ ସୁଯୋଗ ମିଳୁନାହିଁ । ପୁନଶ୍ଚ ବହୁ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ କରାଯାଇଥିବା ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟଟି ଲୋକଙ୍କ କାର୍ଯ୍ୟରେ ଲାଗି ପାରୁନାହିଁ । ପୌରାଚଂଳର ବିଭିନ୍ନ ସାହିବସ୍ତିରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡିଥିବା କାରଣରୁ ଏହା ଗମନାଗମନରେ ଅନ୍ତଃରାୟ ସୃଷ୍ଟି କରୁଛି । ପୌରାଚଂଳ ରାସ୍ତାପାର୍ଶ୍ୱର ଆଲୋକୀକରଣ ବ୍ୟବସ୍ଥା ସଜାଡିବା ପାଇଁ କିଣା ଯାଇଥିବା ଗାଡି ଏବେ ବିଦ୍ୟୁତ ବିଭାଗ ଗ୍ରିଡରେ ପଡି ଖତ ଖାଉଛି । ଆଲୋକୀକରଣ ବ୍ୟବସ୍ଥାକୁ ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିବାରୁ ସହରବାସୀ ବହୁ ସମୟରେ ରାତ୍ରକାଳରେ ଷ୍ଟ୍ରିଟ ଆଲୋକ ପାଇବାରୁ ବଂଚିତ ହେଉଛନ୍ତି । ବିଭିନ୍ନ ସମସ୍ୟାରେ ଉବୁଟୁବୁ ହେଉଥିବା ପଟ୍ଟାମୁଣ୍ଡାଇ ସହରାଚଂଳର ଭାଗ୍ୟ କେବେ ବଦଳିବ ତାହା ଦେଖିବା ପାଇଁ ସହରବାସୀ ଚାତକ ପରି ଚାହିଁ ରହିଥିବବେଳେ ଏହି ସବୁ ସମସ୍ୟାର ଆଶୁ ସମାଧାନ ପାଇଁ ରାଜ୍ୟ ସରକାର କି ଠୋସ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ 'ଟାଙ୍ଗଲାଙ୍ଗ୍'



ଯଦି ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଐତିହାସିକ ଜାଗା ଭ୍ରମଣ କରିବାକୁ ଚାହୁଁଛନ୍ତି, ତା ହେଲେ ଅରୁଣାଚଳପ୍ରଦେଶସ୍ଥିତ 'ଟାଙ୍ଗଲାଙ୍ଗ' ପ୍ରକୃଷ୍ଟ ସ୍ଥାନ। ପ୍ରକୃତି କୋଳରେ ବସିଥିବା ଏହି ଗାଁ ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଏଠାକୁ ଥରେ ବୁଲି ଆସିଲେ, ପାହାଡ, ଘଞ୍ଚ ଜଙ୍ଗଲ ମଧ୍ୟରେ ମାଇଲି ମାଇଲି ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବା ପର୍ବତ ଶୃଙ୍ଖଳାକୁ ଦେଖି ଆପଣ ସବୁ ଚିନ୍ତା ଭୁଲିଯିବେ।

କ'ଣ ଦେଖିବେ: ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରାଣ ହରାଇଥିବା ସୈନିକମାନଙ୍କର ଏଠାରେ କବରସ୍ଥାନ ରହିଛି। ଯାହାକି 'ଜୟରାମପୁର କବରସ୍ଥାନ' ନାମରେ ପରିଚିତ। ଏଠାରେ ପହଞ୍ଚି ଆପଣ ଉକ୍ତ ଯୁଦ୍ଧର ବିଭୀଷିକାକୁ ମଧ୍ୟ ହୃଦୟଙ୍ଗମ କରିପାରିବେ।



ଟାଙ୍ଗଲାଙ୍ଗରେ ଏକ ନ୍ୟାସନାଲ ପାର୍କ ରହିଛି। ଯେଉଁଠାରେ ଆପଣ ବାଘଠୁ ଆରମ୍ଭ କରି ହିମାଳୟ ଭାଲୁ. ବିଭିନ୍ନ ପ୍ରଜାତିର ଜୀବଜନ୍ତୁ, ଭଳିକି ଭଳି ବୃକ୍ଷରାଜି ମଧ୍ୟ ଦେଖି ପାରିବେ। ଏଠାରେ ଥିବା ନୋଆ-ଦେହିଙ୍ଗ ନଦୀ କୂଳରେ ତିବତଙ୍କ ବସତି ରହିଛି। ତେଣୁ ଆପଣ ଏଠାକୁ ବୁଲି ଆସିଥିଲେ, ସେମାନଙ୍କଠାରୁ ଶୀତ ବସ୍ତ୍ର ନେବାକୁ ଭୁଲନ୍ତୁ ନାହିଁ।

ଟାଙ୍ଗଲାଙ୍ଗରେ ଥିବା ଏକ ହ୍ରଦର ନାଁ ' ଲେକ୍ ଅଫ୍ ନୋ ରିଟର୍ନ'। ଏଠାକୁ ଆସୁଥିବା ପର୍ଯ୍ୟଟକ ଏହି ହ୍ରଦ ବୁଲି ଯିବାକୁ ଭୁଲନ୍ତି ନାହିଁ। ଏହାର ନାମକରଣ ପଛରେ ରହିଛି ଏକ ବିଶେଷତ୍ୱ। କୁହାଯାଏ , ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏଠାରେ ଏକ ପ୍ଲେନ ଅବତରଣ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଫଳରେ ସେଥିରେ ଥିବା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ତେଣୁ ଏହି ହ୍ରଦର ଏପରି ନାମକରଣ ହୋଇଛି। ଏହାର ଅର୍ଥ ଏହା ଏପରି ଏକ ହ୍ରଦ ଯେଉଁଠିକି ଥରେ ଆସିଲେ କେହି ଫେରନ୍ତି ନାହିଁ।


### କିପରି ଯିବେ:

ଟାଙ୍ଗଲାଙ୍ଗରେ ପହଞ୍ଚିବାକୁ ଆପଣ ଆକାଶମାର୍ଗ, ରେଳପଥ କିମ୍ବା ସଡକ ପଥ ବାଛି ପାରିବେ। ଆପଣ ଦିଲ୍ଲୀରୁ ଏଠାକୁ ଯିବାକୁ ଚାହୁଁଥିଲେ ରେଳପଥରେ ୫୦ ଘଣ୍ଟା ଯାତ୍ରା କରିବାକୁ ପଡିବ। ଏହାର ନିକଟତମ ଏୟାରପୋର୍ଟ ହେଉଛି ଆସାମର ମୋହନବାଡି। ଏହା ଟାଙ୍ଗଲାଙ୍ଗଠାରୁ ୧୮୨ କି.ମି. ଦୂରରେ ସ୍ଥିତ। ଏଠାରୁ ଆପଣ ବସ୍ ଯୋଗେ ନଚେତ ଟ୍ୟାକ୍ସି ରିଜର୍ଭ କରି ଯାଇ ପାରିବେ। ଯଦି ଆପଣ ଟ୍ରେନରେ ଯିବାକୁ ଚାହିଁଛନ୍ତି ତା ହେଲେ ନିକଟତମ ରେଳଷ୍ଟେଶନ ହେଉଛି ଆସାମର ତିନସୁକିୟା। ଏହା ସହରଠାରୁ ପ୍ରାୟ ୧୪୧ କି.ମି ଦୂରରେ ସ୍ଥିତ। ଆପଣ ବସ୍‌ରେ ବି ଗନ୍ତବ୍ୟ ସ୍ଥଳକୁ ଯାଇ ପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆପଣ ବର୍ଷର ଯେକୌଣସି ସମୟରେ ଏଠାକୁ ଯାଇ ପ୍ରକୃତି କୋଳିରେ ନିଜକୁ ହଜାଇ ପାରିବେ।



## କେଉଁଠି ରହିବା ଉଚିତ ଘରର ପାଣି ଟାଙ୍କି

ଘର କରିବା ବେଳେ ପ୍ରାୟତଃ ସମସ୍ତେ ପାଣି ଟାଙ୍କି ଛାତ ଉପରେ ବନାଇଥା'ନ୍ତି। ହେଲେ ଅନେକ ଏହାକୁ ନିର୍ମାଣ କରିବା ବେଳେ ବାସ୍ତୁକୁ ଧ୍ୟାନ ଦେଇ ନଥା'ନ୍ତି। ତା'ହେଲେ ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ପାଣି ଟାଙ୍କି ରହିବା ଉଚିତ ଓ କେଉଁଠି ରହିବା ଉଚିତ ନୁହେଁ।



♦ ଘରର ପାଣି ଟାଙ୍କି ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଦିଗରେ ନିର୍ମାଣ କରନ୍ତୁ। ଏହାଦ୍ୱାରା ଘରର ସୁଖ ସମୃଦ୍ଧି ବଢ଼ିଥାଏ।

♦ ସେହିପରି ଘରର ପାଣି ଟାଙ୍କି ପଶ୍ଚିମ ଦିଗରେ ମଧ୍ୟ ନିର୍ମାଣ କରିପାରିବେ। ଏହାଦ୍ୱାରା ଶୁଭଫଳ ମିଳିଥାଏ। କାରଣ ପଶ୍ଚିମ ଦିଗ ବରୁଣ ଦେବତା ରହିଥା'ନ୍ତି । ବରୁଣ ଦେବତା ଜଳର ଦେବତା ଅଟନ୍ତି।

♦ ଘରର ଦକ୍ଷିଣ-ପୂର୍ବ ଦିଗରେ ପାଣି ଟାଙ୍କି ଦିଗରେ କରିବା ଉଚିତ ନୁହେଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ଏହା ସହ ଦୁର୍ଘଟଣା ଘଟିଥାଏ।

♦ ଉତ୍ତର-ପଶ୍ଚିମ ଦିଗରେ ପାଣି ଟାଙ୍କି ନିର୍ମାଣ କରିବା ଉଚିତ ନୁହେଁ। ଯଦି ଏହି ଦିଗରେ ପାଣି ଟାଙ୍କି ନିର୍ମାଣ କରୁଛନ୍ତି, ତା'ହେଲେ ଟାଙ୍କିର ଆକାର ଛୋଟ କରନ୍ତୁ। ପାଣି ଟାଙ୍କିରେ ପ୍ଲାଷ୍ଟିକ ଢାଙ୍କୁଣୀ ଲଗାନ୍ତୁ ନାହିଁ ।

## ବାପା ନାଁ ମଧ୍ୟପ୍ରଦେଶ ପୁଅ ନାଁ ଭୋପାଲ୍



ରାଜ୍ୟ ଏବଂ ଜିଲ୍ଲାକୁ ନେଇ ପରିବାର ସଦସ୍ୟଙ୍କ ନାଁ। ବାପା ନାଁ ମଧ୍ୟପ୍ରଦେଶ ତ ପୁଅ ନାଁ ଭୋପାଲ୍। ଏମିତି କିଛି ନିଆରା ନାଁ ରଖି ଚର୍ଚ୍ଚାରେ ମଧ୍ୟପ୍ରଦେଶର ଭମାରା ଗାଁରେ ରହୁଥିବା ମଧ୍ୟପ୍ରଦେଶ ସିଂହ। ଧାର ଜିଲ୍ଲାର ଜନ୍ମିତ ମଧ୍ୟପ୍ରଦେଶ ସିଂହ ଝାବୁଆ ଚନ୍ଦ୍ରଶେଖର ଆଜାଦ ସରକାରୀ ମହା ବିଦ୍ୟାୟଳୟରେ ଜଣେ ଗେଷ୍ଟ ଫ୍ୟାକଲ୍‌ଟି ଭାବେ କାମ କରନ୍ତି। ତାଙ୍କ କହିବା ଅନୁଯାୟୀ, ୯ ଭାଇ ଭଉଣୀଙ୍କ ମଧ୍ୟରେ ସେ ସବୁଠୁ ଛୋଟ ଥିଲେ। ବଡ଼ ଭାଇ ଭଉଣୀମାନେ ମିଶି ତାଙ୍କ ନାଁ ମଧ୍ୟପ୍ରଦେଶ ରଖିଥିଲେ। ମଧ୍ୟପ୍ରଦେଶଙ୍କ କହିବା ଅନୁଯାୟୀ, ସେ ଏମିତି ନାଁ ପାଇ ବେଶ୍ ଗର୍ବ ଅନୁଭବ କରନ୍ତି। ଯେହେତୁ ତାଙ୍କ ନାଁ ମଧ୍ୟପ୍ରଦେଶ ଥିଲା ତେଣୁ ସେ ତାଙ୍କ ପୁଅ ନାଁ ଭୋପାଲ୍ ରଖିବେ ବୋଲି ଚିନ୍ତା କରିଥିଲେ। ପୁଅ ଜନ୍ମହେବା ପରେ ସେ ତାଙ୍କର ନାଁ ଭୋପାଲ୍ ରଖିଛନ୍ତି। କଲେଜ୍‌ର ଜଣେ ସହପାଠିନୀଙ୍କ ସହ ମଧ୍ୟପ୍ରଦେଶ ପ୍ରେମ ବିବାହ କରିଛନ୍ତି। ତାଙ୍କ ପତ୍ନୀଙ୍କ କହିବା ଅନୁଯାୟୀ, ପ୍ରଥମେ ମଧ୍ୟପ୍ରଦେଶଙ୍କ ନାଁ ଶୁଣି ତାଙ୍କୁ ଟିକେ ଅଜବ ଲାଗୁଥିଲା ଧୀରେ ଧୀରେ ସେ ଏହି ନାଁକୁ ଭଲପାଇଗଲେ।

## ବିଲେଇ ରାସ୍ତା କାଟିଲେ ଶୁଭ !



ଅନେକ ସମୟରେ ଏମିତି ଦେଖିବାକୁ ମିଳେ ଯେ, ରାସ୍ତାରେ ଯିବା ସମୟରେ ଅନେକ ଥର ବିଲେଇ ରାସ୍ତା କାଟିଥାଏ। ବିଲେଇ ରାସ୍ତା କାଟିବା ଅନେକ ଲୋକ ଅଶୁଭ ମାନି ସେହି ରାସ୍ତାରେ ନ ଯାଇ ଫେରି ଆସନ୍ତି କିମ୍ବା ବାଟ ବଦଳାଇ ଦିଅନ୍ତି। ଏମିତି ବି ଦେଖିବାକୁ ମିଳେ ବିଲେଇ ରାସ୍ତା କାଟିବା ଦ୍ୱାରା ଲୋକମାନେ କିଛି ସମୟ ପାଇଁ ରହିଯାଆନ୍ତି। କୁହାଯାଏ ବିଲେଇ ରାସ୍ତା କାଟିବା ଦ୍ୱାରା ଯେଉଁ କାମ କରିବାକୁ ଯାଉଥିବେ ସେ କାମ ପୂରା ହୋଇ ନ ଥାଏ ବା ଅଶୁଭ ହୋଇଥାଏ। କିନ୍ତୁ ସେମିତି ନୁହେଁ । ସବୁବେଳେ ଏହା ଅଶୁଭ ହୋଇ ନ ଥାଏ। ତେବେ ବିଲେଇ ରାସ୍ତା କଟିବା କେଉଁ ପରିସ୍ଥିତିରେ ଅଶୁଭ ମନା ଯାଏ ଆସନ୍ତୁ ଜାଣିବା। ଶାସ୍ତ୍ରରେ ବିଲେଇକୁ ନକରାତ୍ମକ ଉର୍ଜାର ପ୍ରତୀକ ବୋଲି କୁହାଯାଇଛି। ଏଣୁ ଯୁଆଡେ ବିଲେଇ ଯାଏ ସେଠାକାର ନକରାତ୍ମକ ଉର୍ଜା ନଷ୍ଟ ହୋଇଯାଇଥାଏ। ବିଲେଇ ସହ ବାସ୍ତୁର ମଧ୍ୟ ସମ୍ବନ୍ଧ ଅଛି। ଏହାଛଡ଼ା ଧଳା ବିଲେଇଠୁ କଳା ବିଲେଇକୁ ଅଧିକ ଅଶୁଭ ମନାଯାଏ। କୁହାଯାଏ କଳା ବିଲେଇ ରାସ୍ତା କାଟିଲେ ସତେବେଳେ ଅଶୁଭ ହୋଇଥାଏ, ଯେତେବେଳେ ବାଁ ପଟରୁ ରାସ୍ତା କାଟି ସେ ଡାହାଣକୁ ଯାଉଥାଏ। ଅନ୍ୟ ପରିସ୍ଥିତିରେ ବିଲେଇର ରାସ୍ତା କାଟିବା ଶୁଭ ବୋଲି କୁହାଯାଇପାରେ। ଯେତେବେଳେ ବିଲେଇ ରସ୍ତା କାଟି ଅନ୍ୟ ପଟକୁ ଚାଲିଆସିଥାଏ ସେତେବେଳେ ସେମାନେ ତାଙ୍କ ପଛରେ ନକରାତ୍ମକ ଉର୍ଜା ଛାଡ଼ି ଦେଇଯାଆନ୍ତି। ଯେତେବେଳେ ଘରେ ବିଲେଇର କାନ୍ଦିବାର ଶବ୍ଦ ଶୁଭେ କିମ୍ବା ସେମାନଙ୍କର ଝଗଡ଼ା କରିବାର ଶବ୍ଦ ଶୁଭେ ଏହାକୁ ଅଶୁଭ ବୋଲି ମନାଯାଏ। ମାନ୍ୟତା ଅନୁଯାୟୀ ଏମିତି ହେଲେ ଘରର ସଦସ୍ୟମାନଙ୍କ ଅଶୁଭ ହୋଇଥାଏ।

## ସାତଟି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍ ?

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ।



⇨ ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।

⇨ ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ କାରଣରୁ ମଧ୍ୟ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ।

⇨ ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ।

⇨ ଆଲର୍ଜି ବା ଔଷଧ ଯୋଗୁଁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ।

⇨ ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ।

⇨ ନିଦ ନହେବା ଯୋଗୁଁ ଆଖିତଳେ ଡାର୍କ ସର୍କଲ ଦେଖାଦେଇଥାଏ। ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇଁ ଚେଷ୍ଟା କରନ୍ତୁ।

⇨ ମେକଅପ୍‌ରେ ଅଧିକ ମାତ୍ରାରେ ହାଇଲାଇଟର୍ ବ୍ୟବହାର କରିବା ଯୋଗୁଁ ମଧ୍ୟ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଆବଶ୍ୟକସ୍ଥଳେ ହାଲ୍‌କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ।

## କେଶରେ ଚିନିର ପ୍ରୟୋଗ

ଘନ କେଶ ପ୍ରତି ପ୍ରତ୍ୟେକ ଯୁବତୀ ତଥା ମହିଳାଙ୍କ ଅହେତୁକ ଦୁର୍ବଳତା ରହିଛି । ସୁନ୍ଦର କେଶ ନିମନ୍ତେ ବିଭିନ୍ନ ପ୍ରକାର ଘରୋଇ ଉପଚାର କରିବା ଉଚିତ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ। ବଜାରରେ ଉପଲବ୍ଧ ଅର୍ଗାନିକ୍ ଶାମ୍ପୁ ନଚେତ ଘରୋଇ ଉପାୟରେ ତିଆରି ଶ୍ୟାମ୍ପୁର ପ୍ରୟୋଗ କେଶରେ କରିବା ଉଚିତ । ତେବେ ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ଚିନିକୁ ମଧ୍ୟ କେଶ ଚର୍ଚ୍ଚାରେ ପ୍ରୟୋଗ କରିହେବ । ମେହେନ୍ଦୀ ପ୍ୟାକରେ ଅଧ ଚାମଚ ଚିନି ଗୁଣ୍ଡର ପ୍ରୟୋଗ କରି ତାହାକୁ କେଶରେ ଲଗାଇବେ । କେଶର ଘନତ୍ୱ ବଢ଼ିଥାଏ । କେଶରେ ଶ୍ୟାମ୍ପୁ କଲାବେଳେ ଶ୍ୟାମ୍ପୁ କେଶରେ ଲଗାଇବା ପୂର୍ବରୁ ଗୁଣ୍ଡ ଚିନି ଚିମୁଟାଏ ଶ୍ୟାମ୍ପୁରେ ମିଶାଇ କେଶ ସଫା କରନ୍ତୁ । ନିଜେ ହିଁ ଫରକ ଜାଣିପାରିବେ । ତେବେ ହର୍ବାଲ ଶ୍ୟାମ୍ପୁ ଏଥିପାଇଁ ବ୍ୟବହାର କରିବା ଉଚିତ । ଖରାଦିନରେ କେଶରେ ଅଧିକ ଧୂଳି ଜମିବା ସହ ଝାଳ ମଧ୍ୟ ହୋଇଥାଏ । ତେବେ ଏଥିରୁ ରକ୍ଷା ପାଇବା ପାଇଁ ନିଜ ଶ୍ୟାମ୍ପୁରେ ଗୁଣ୍ଡ ଚିନିର ବ୍ୟବହାର କରନ୍ତୁ।

## ହର୍ବାଲ୍ ଉପାୟରେ କେଶକୁ କରନ୍ତୁ ଷ୍ଟ୍ରେଟ୍

*ଷ୍ଟ୍ରେଟ୍ ହେୟାର୍ ସବୁ ପ୍ରକାର ଆଉଟ୍‌ଫିଟ୍‌ରେ ସୁଟ୍ କରିଥାଏ। ଏଥିପାଇଁ ଅଧିକାଂଶ ଝିଅ ହେୟର ଷ୍ଟ୍ରଟ୍‌ନିଙ୍ଗ କରିବା ପାଇଁ ପାର୍ଲର ଯିବାକୁ ପସନ୍ଦ କରିଥା'ନ୍ତି। ପାର୍ଲରରେ ଆପଣଙ୍କ କେଶରେ କେମିକାଲ୍ ଓ ହିଟ୍ ପ୍ରୟୋଗ କରାଯାଇଥାଏ। ତେବେ ଆପଣ ଚାହିଁଲେ ଘରେ ହର୍ବାଲ୍ ଉପାୟରେ କେଶକୁ ସିଧା କରିପାରିବେ। ଏସବୁ କରିବା ପାଇଁ କେଶରେ କେମିକାଲ୍ କିମ୍ବା ହିଟ୍‌ର ଆବଶ୍ୟକତା ପଡ଼ିନଥାଏ। ଆସନ୍ତୁ ଜାଣିବା ହର୍ବାଲ୍ ଉପାୟରେ ଘରେ କିପରି ହେୟାର ଷ୍ଟ୍ରେଟ୍ କରାଯାଇପାରିବ।*

■ କିଛି ଦିନ ପର୍ଯ୍ୟନ୍ତ କେଶରେ ଗରମ ତେଲ ଲଗାଇଲେ, କେଶ ସିଧା ହେବାକୁ ଲାଗିଥାଏ। ଯଦି ଆପଣ ନଡ଼ିଆ, ବାଦାମ କିମ୍ବା ଅଲିଭ୍ ତେଲ ବ୍ୟବହାର କରୁଛନ୍ତି, ତେବେ ଅଧିକ ଫାଇଦା ପାଇପାରିବେ। ପ୍ରଥମେ ତେଲକୁ ହାଲ୍‌କା ଗରମ କରନ୍ତୁ। ଏହାପରେ କେଶ ମୂଳରେ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ତେଲକୁ ମାଲିସ କରନ୍ତୁ। ୩୦ ମିନିଟ୍ ପରେ କେଶକୁ ସାମ୍ପୁ କରି କୁଣ୍ଡାଇ ଦିଅନ୍ତୁ।

■ ସେହିପରି ମୁଲତାନି ମାଟିର ପେଷ୍ଟ କେଶରେ ଲଗାଇଲେ, କେଶ ପ୍ରାକୃତିକ ଉପାୟରେ ସିଧା ହୋଇଥାଏ। ପ୍ରଥମେ ମୁଲତାନି ମାଟିରେ ଅଣ୍ଡାର ଧଳାଅଂଶକୁ ମିଶାନ୍ତୁ। ଏଥିରେ ୧ ଚାମଚ ଚାଉଳ ଚୁନା ଓ ପାଣି ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ସମ୍ପୂର୍ଣ୍ଣ କେଶରେ ଲଗାନ୍ତୁ। ଏହାପରେ ମୋଟା ଦାନ୍ତ ଥିବା ପାନିଆରେ କେଶକୁ କୁଣ୍ଡାଇ ଦିଅନ୍ତୁ। ୧ ଘଣ୍ଟା ପରେ କେଶକୁ ଧୋଇ ଦିଅନ୍ତୁ। କେଶ ଶୁଖିଯିବା ପରେ ଏଥିରେ କିଛି କ୍ଷୀର ସ୍ପ୍ରେ କରନ୍ତୁ। ୧୫ ମିନିଟ୍ ପରେ ପୁଣିଥରେ ଧୋଇ ଦିଅନ୍ତୁ। ମାସକୁ ଏପରି ଦୁଇରୁ ତିନିଥର କଲେ, ଦେଖିବେ ଆପଣଙ୍କ ହେୟାର୍ ଷ୍ଟ୍ରେଟ୍ ହୋଇଯିବ।

■ ନଡ଼ିଆ କ୍ଷୀର ଓ ଲେମ୍ବୁ ରସକୁ ଗୋଟିଏ ପାତ୍ରରେ ରଖି ଫ୍ରିଜରରେ କିଛି ଘଣ୍ଟା ରଖନ୍ତୁ। ଏହାପରେ କେଶରେ ଏହାର ମିଶ୍ରଣକୁ ଲଗାନ୍ତୁ। ୧୫ ରୁ ୨୦ ମିନିଟ୍ ପରେ କେଶକୁ ଷ୍ଟିମ୍ ଦିଅନ୍ତୁ। ଏହାପରେ କେଶକୁ ସାମ୍ପୁରେ ଧୋଇ ଦିଅନ୍ତୁ। ଦେଖିବେ କେଶରେ



ଚମକ ଆସିବା ସହିତ ଷ୍ଟ୍ରେଟ୍ ଲାଗିବ।

■ ୪ଟି ଚାମଚ ବେସନ,୪ ଚାମଚ ମୁଲତାନି ମାଟି ଓ ଅଧା କପ୍ ସିରକା ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ କେଶରେ ଲଗାନ୍ତୁ। ୧୦ରୁ ୧୫ ମିନିଟ୍ ପରେ କେଶକୁ ଧୋଇ ଦିଅନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦେଶବାସୀଙ୍କ ବ୍ୟଥା...

ଭାରତ ବର୍ଷର ମୁକୁଟସ୍ୱରୂପ ଶୋଭା ପାଉଥିବା କାଶ୍ମୀର କିଭଳି ଓଣ୍ଟଦୁଃସ୍ଥିତି ଦେଇ ଗତି କରିବାକୁ ଯାଉଛି, ତାହା ଦେଖିଲେ ପ୍ରତ୍ୟେକ ଦେଶବାସୀଙ୍କ ମନରେ ବ୍ୟଥା ଭରିଯାଉଛି । ପ୍ରାକୃତିକ ପର୍ଯ୍ୟଟନ ସୌନ୍ଦର୍ଯ୍ୟରେ ଭରପୂର ଏହି କ୍ଷେତ୍ର କେଉଁ କାରଣରୁ ବିଷମ ପଥ ଦେଇ ଗତିକରୁଛି, ତାହାର ତୁରନ୍ତ କାରଣ ଜଣାନଥିଲେ ହେଁ ସଦ୍ୟତମ ସ୍ଥିତି ସମସ୍ତଙ୍କ ମନ ଭିତରେ ଅନୁଚିତ ଦୁଶ୍ଚିନ୍ତା ଭରିଦେଲା ଭଳି ହୋଇଛି। ଯେଉଁ କାଶ୍ମୀରକୁ ସାରା ବିଶ୍ୱବାସୀ ଭୂସ୍ୱର୍ଗର ଉପମା ଦେଇଆସୁଥିଲେ ତାହା ଅସ୍ୱାଭାବିକ୍ ଭାବେ ନର୍କଯନ୍ତ୍ରଣା ପାଇଁ ଯେମିତି ବାଟ କାଟି ଚାଲିଛି । ସେଥିପାଇଁ ରହିଥାଇପାରେ ଅନେକାନେକ କାରଣ । ସ୍ୱାଧୀନତା ପ୍ରାପ୍ତିର ଉଷାକାଳରୁ ବିବାଦର ମଞ୍ଜି ବୁଣା ହୋଇଥିବାର ଅଭିଯୋଗ ଓ ପରେ ଦେଶ ବିଭାଜନ କାଳରେ ପୃଥକ୍ ମର୍ଯ୍ୟାଦା ପାଇ ସମ୍ବିଧାନରେ ଯେଉଁ ୩୭୦ଧାରା ଖଞ୍ଜାଯାଇଥିଲା, ତାହା ବଳରେ ରାଜ୍ୟବାସୀ କେତେକ ବିଶେଷାଧିକାର ଉପଭୋଗ କରିଆସୁଥିଲେ । ତାହା ଦେଶର ଅବଶିଷ୍ଟ ଜନସଂଖ୍ୟାଠାରୁ ଜାମ୍ମୁ-କାଶ୍ମୀର ବାସିନ୍ଦାଙ୍କୁ ଦେଇଆସୁଥିଲା ବିଶେଷତ । ପ୍ରଥମ ମୁଖ୍ୟମନ୍ତ୍ରୀ ଶେଖ ଅବ୍ଦୁଙ୍କ ଅମଳରୁ ଗଢ଼ିଆସୁଥିବା ପରମ୍ପରା ବହୁକାଳ ଉତ୍‌ଥାନପତନ ମଧ୍ୟଦେଇ ଚାଲିଥିଲା । କେତେବେଳେ କଂଗ୍ରେସ ତ ଆଉ କେତେବେଳେ ନ୍ୟାସନାଲ କନ୍‌ଫରେନ୍ସ, ପୁଣି ପିଡିପି ଓ ବିଜେପି ଭାଗୁଆଳି ଶାସନ ଚଳାଇ ଆସୁଥିଲେ । ସମୟାନ୍ତରରେ ନିର୍ବାଚିତ ସରକାର ନଥିବାବେଳେ କେନ୍ଦ୍ରୀୟ ଶାସନ ଚାଲୁଥିଲା । କେନ୍ଦ୍ରରେ କ୍ଷମତାସୀନ ଦଳମାନେ ଜାମ୍ମୁ-କାଶ୍ମୀର କ୍ଷେତ୍ରକୁ ନିଜ ସ୍ୱାର୍ଥ ବା ପସନ୍ଦ ମୁତାବକ ବ୍ୟବହାର କରୁଥିବାର ମଧ୍ୟ ଅଭିଯୋଗ ହେଉଥିଲା । ଯେମିତି କିଛି ନେତା କୌଣସି ନା' କୌଣସି କ୍ଷେତ୍ରୀୟ ଦଳଙ୍କୁ ସାର୍ଥକୁ ସୁହାଇବା ଭଳି ବ୍ୟବହାର କରିଆସୁଥିଲେ । ତାହାର ଉଦାହରଣ ଖୋଜାଯିବା ଦରକାର ନାହିଁ । । ବିଭିନ୍ନ ପରୀକ୍ଷା ପରେ ନିକଟରେ କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀରକୁ ତିନି ପୃଥକ୍ କ୍ଷେତ୍ରରେ ପରିଣତ କରି ପ୍ରଶାସନିକ ସୁବିଧା ପାଇଁ ବହୁ କାର୍ଯ୍ୟ କରିଥିବାର କୁହାଯାଉଛି । ଜାମ୍ମୁ ଓ କାଶ୍ମୀରରେ ଉପ-ରାଜ୍ୟପାଳ ଏବଂ ଲେହଲଦାଖରେ ପ୍ରଶାସକ ଅବସ୍ଥାପିତ କରାଯିବା ପରେ ବିପୁଳ ଧନରାଶିର ପ୍ରାବଧାନ କରାଗଲା । ପ୍ରତିବେଶୀ ପାକିସ୍ତାନ ପଟୁ ଅନୁପ୍ରବେଶ ବନ୍ଦ କରିବା ଲକ୍ଷ୍ୟରେ ସୀମାନ୍ତରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଜଳାଗଲା । ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ସମ୍ପୃକ୍ତ କ୍ଷେତ୍ରରେ ସକ୍ରିୟ ଦଳଗୁଡ଼ିକ ବିରୋଧ କରିଆସୁଥିବା ସତ୍ତ୍ୱେ କେନ୍ଦ୍ର ସରଜମିନ୍ ବାସ୍ତବତାକୁ କେଉଁ ଦୃଷ୍ଟିରେ ନେଉଥିଲେ ତାହା ସମସ୍ତେ ଜାଣିଛନ୍ତି । ଆତଙ୍କୀ କାର୍ଯ୍ୟକଳାପ ବନ୍ଦ ହେବା ବଦଳରେ ବଢ଼ିଥିବାର ବିଶେଷଜ୍ଞ କହୁଥିବା କେତେଦୂର ଠିକ୍, ତାହା ବିଚାର ବିଷୟ । ଉଚ୍ଛେଦ ହୋଇଥିବା ଧାରାରେ କାଶ୍ମୀରବାସୀ ନିଜ ଜମି ଉପରେ ବ୍ରିବଟାର ଯେଉଁ ଅଧିକାର ରଖୁଥିଲେ ତାହା ଦେଶର ଯେକୌଣସି ନାଗରିକଙ୍କ ପାଇଁ ଉନ୍ମୁକ୍ତ କରାଗଲା । କୁହାଗଲା, ଦେଶର ସମସ୍ତ ନାଗରିକ ଜମି କିଣି କଳକାରଖାନା ବସାଇପାରିବେ । କେବଳ ସେତିକି ନୁହେଁ, ଜୀବିକା ଅର୍ଜନ ସକାଶେ ବାହାରୁ ଆସୁଥିବା ଶ୍ରମିକଙ୍କ ପାଇଁ ବହୁ କିଛି ପନ୍ଥା ଖୋଲିଯିବ । କିନ୍ତୁ ଆତଙ୍କମାନେ ତାହା କରାଇଦେଲେ ନାହିଁ । ସେମାନେ ବିହାର ଓ ଅନ୍ୟ ରାଜ୍ୟରୁ ପେଟ ପୋଷିବା ଆଶାରେ ଆସିଥିବା ଶ୍ରମିକଙ୍କୁ ନିପାତ କରିବାରେ ଲାଗିଗଲେ । ବଡ଼ କାରଖାନା ଖୋଲାଯିବା ଦୂରର କଥା, ନିରୀହ ଶ୍ରମିକଙ୍କୁ ଆତଙ୍କୀମାନେ ଗୁଳିକରି ହତ୍ୟା କଲେ । ମାତ୍ର ଦୁଇ ସପ୍ତାହରେ ଏମିତି ପାଖାପାଖି ପନ୍ଦର ଜଣ ଅଣ-କାଶ୍ମୀରୀଙ୍କୁ ହତ୍ୟା କରାଯାଇଛି । କେନ୍ଦ୍ର ସରକାର ବିଭିନ୍ନ ଦିଗରୁ ତର୍ଜମା କରି ୩୭୦ ଉଚ୍ଛେଦ କରି ପ୍ରଶାସନିକ ସୁବିଧା ପାଇଁ ଯେଉଁ ପଦକ୍ଷେପ ନେଇଥିଲେ ତାହାକୁ ଭଣ୍ଡାଫୋଡ଼ କରିବାକୁ ରାଷ୍ଟ୍ରବିରୋଧୀ ଅପଶକ୍ତିମାନେ ଯେମିତି ବାହାରି ପଡ଼ିଛନ୍ତି । ଏହାଫଳରେ କାଶ୍ମୀରରେ ଅଧିକ କାଳ ରହି ବା ନିରାପଦ ନୁହେଁ ବୋଲି ବିଚାର କରି ରାଜ୍ୟ ବାହାରୁ ଆସିଥିବା ଲୋକମାନେ ପଳାୟନ କରୁଛନ୍ତି । ଏଭଳି ଦୁର୍ଭାଗ୍ୟଜନକ ସମୟ ଆସିବ, ତାହା ନେଇ ହୁଏତ କେହି ବିଚାରିନଥିବେ । ଦିନକ ତଳେ କେନ୍ଦ୍ର ଗୃହମନ୍ତ୍ରୀ ସମସ୍ତ ରାଜ୍ୟର ପୁଲିସ ମହାନିର୍ଦ୍ଦେଶକମାନଙ୍କର ସମ୍ମିଳନୀ ଡାକିଥିଲେ । ୧୫ଦିନରେ ୧୧ ଅଣ-କାଶ୍ମୀରୀଙ୍କୁ ହତ୍ୟା ପରେ ଉତ୍ପନ୍ନ ସ୍ଥିତି ନେଇ ଆଲୋଚନା ହୋଇଛି । ମାତ୍ର ସଭା-ସମ୍ମିଳନୀ ଡକାଯାଇ ରଣନୀତି ସମ୍ପର୍କରେ ଆଲୋଚନା ହୋଇଛି ସିନା, ଆତଙ୍କମାନଙ୍କ ତାଣ୍ଡବଲୀଳା ହେତ୍ର ବାହାର ରାଜ୍ୟବାସିନ୍ଦା କଲବଲ ଅବସ୍ଥାର ତୁରନ୍ତ ପ୍ରତିକାର ସମ୍ଭବ କି ? ୟୁଏଲଏଫ୍ ଓ ଲସ୍କର ଆତଙ୍କା ପାୱାର ପ୍ଲାଣ୍ଟ ଉପରେ ଟାର୍ଗେଟ୍ ରଖୁଛନ୍ତି । ସେହିଭଳି ଘାଟିଗୁଡ଼ିକରେ ଇଣ୍ଟରନେଟ୍ ସେବା ବନ୍ଦ ହୋଇଯାଇଛି । ସମ୍ଭାବ୍ୟ ବିପଦର ମୁକାବିଲା ତରିକା ପାଇଁ ଯାହାକିଛି କରାଯାଉଛି, ତାହାକୁ ଅଧିକ ଶକ୍ତ ଓ ନିରନ୍ଧ୍ର ରଖାଯିବା ଯେତିକି ଜରୁରି, ରାଷ୍ଟ୍ରୀୟ ଅଖଣ୍ଡତା ତଥା ସାର୍ବଭୌମତ୍ୱ ପ୍ରତି ବିପଦ ବିରୋଧରେ କଟିବଦ୍ଧ ହେବାକୁ ମିଳିତ ପ୍ରୟାସ କରିବା ଆବଶ୍ୟକ । ଅନ୍ୟଥା ସମ୍ବେଦନଶୀଳ କ୍ଷେତ୍ର ପାଇଁ ରହିଥିବା ବିପଦ ବହୁଗୁଣିତ ହେବାର ଆଶଙ୍କା ଲାଗି ରହିଥିବ।

## ଲୋକଧର୍ମ ଓ ବିଶ୍ୱାସର ପ୍ରକାଶକ୍ଷେତ୍ର: ଓଷାକୋଠି



ଡକ୍ଟର ମନୋରଞ୍ଜନ ବିଷୋୟୀ

ଗଞ୍ଜାମ ଅଞ୍ଚଳର ସାଂସ୍କୃତିକ ପୃଷ୍ଠଭୂମି ମହାନ୍। ସଂସ୍କୃତି ହେଉଛି ଗୁଣାତ୍ମକ ସ୍ପୃହା, ବ୍ୟକ୍ତିଗତ ଓ ସାମୂହିକ ଜୀବନ ଆବିଷ୍କାରର ପ୍ରେରଣା। ଗଞ୍ଜାମବାସୀଙ୍କ ଆଧାତ୍ମିକ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ; ଯାନି-ଯାତ୍ରା, ଓଷା, ପର୍ବପର୍ବାଣି ଆଦି ପାଳନ ଅବସରରେ ସେମାନେ ନିଜର ଧାର୍ମିକ ଚେତନାକୁ ଉଦ୍‌ବୁଦ୍ଧ କରିଥାନ୍ତି। ଏହା ସହ ଗଞ୍ଜାମବାସୀଙ୍କ କଳା, ସାହିତ୍ୟ ଓ ସଂସ୍କୃତିକୁ ପରିପୃଷ୍ଟ କରିବାରେ ଏହା ସହାୟକ ହୋଇଥାଏ। ବାସ୍ତବିକ ଏହି ଯାନିଯାତ୍ରା ପରମ୍ପରା ହେଉଛି ଲୋକସଂସ୍କୃତିର ବାସ୍ତବ ବାର୍ତ୍ତାବହ। ଏହି ପରମ୍ପରା ଗୀତ, ବାଦ୍ୟ ଓ ଅଭିନୟ ମାଧ୍ୟମ ଦେଇ ଲୋକ ଜୀବନର ଚାଲିଚଳଣି, ଆଚାର ବିଚାର, ଧର୍ମଧାରଣାକୁ ମାର୍ଜିତ ଓ ଶୃଙ୍ଖଳିତ କରିଥାଏ।

ଏହି ପରିପ୍ରେକ୍ଷୀରେ ଓଷାକୋଠିକୁ ଏଠାରେ ଅନୁଧ୍ୟାନ କରାଯାଇପାରେ। ଗ୍ରାମବହୁଳ ଗଞ୍ଜାମର ପୁରପଲ୍ଲୀରେ ପାଳନ ହୋଇ ଆସୁଥିବା ବିଭିନ୍ନ ଓଷା ଓ ବ୍ରତ ମଧ୍ୟରୁ ଓଷାକୋଠି ଅନ୍ୟତମ। ଏହାକୁ କୋଠିଓଷା ବା କୋଠିଶାଳ ମଧ୍ୟ କୁହାଯାଏ। ଏହି ଓଷାକୋଠି ପାଳନ ସମ୍ପର୍କରେ ଏକ କିମ୍ବଦନ୍ତୀ ଲୋକମୁଖରେ ପ୍ରଚଳିତ ଥିବା ଦେଖାଯାଏ।

ଏକଦା ପାଣ୍ଡବ ପାଞ୍ଚଭାଇ ସ୍ୱର୍ଗାରୋହଣ ପାଇଁ ଯିବା ସମୟରେ ଅବନ୍ତୀନଗରର ଜଣେ ବ୍ରାହ୍ମଣଙ୍କ ପିଣ୍ଡାରେ ଆଶ୍ରୟ ନେଇଥିଲେ। ସେହି ରାତ୍ରିରେ ବ୍ରାହ୍ମଣଙ୍କ ପରିବାରରେ ପିଲାଟିଏ ଜନ୍ମ ହେଲା। ସେମାନେ ଖୁସି ହେବା ପରିବର୍ତ୍ତେ କାନ୍ଦିବାକୁ ଲାଗିଲେ। ପାଣ୍ଡବମାନେ ଏଥିରେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବୁଝିଲେ ପିଲାଟିଏ ଜନ୍ମ ହେଲେ ରାତିଟିଏ ମଧ ବଞ୍ଚିପାରେନାହିଁ। ଏହା ଶୁଣି ପାଣ୍ଡବ ପାଞ୍ଚଭାଇ ସେମାନଙ୍କ ପ୍ରତି ଦୟାଭାବ ପୋଷଣ କରି ଏହାର ପ୍ରତିକାର ପାଇଁ ସ୍ଥିର କଲେ। ନିଜେ ଅର୍ଜୁନ ଶରବିନ୍ଧି ଏକ ଶରକୋଠି ଓ ଶର ଛାମୁଣ୍ଡିଆ ନିର୍ମାଣ କରି ଧନୁ ଧରି ଯମଦେବତାଙ୍କୁ ଜଗି ରହିଲେ। ଯମଦୂତମାନେ ଘରେ ପ୍ରବେଶ ନକରି ପାରି ସେଠାରୁ ଫେରିଗଲେ। ସ୍ୱୟଂ ଯମଦେବତା ଆସି ସେଠାରେ ପାଣ୍ଡବମାନଙ୍କୁ ଦେଖି ଖୁସି ହୋଇ, ବର ମାଗିବାକୁ କହିଲେ। ଏହାପରେ ପାଣ୍ଡବମାନେ ବରମାଗିଲେ - ଆଜିଠାରୁ ଏହି କୋଠିରେ ଓଷା କଲେ ମୃତବତ୍ସା ଦୋଷ ଦୂର ହେବ। ଅପୁତ୍ରିକ ପୁତ୍ର ପାଇବ ଓ ସୌଭାଗ୍ୟ ବୃଦ୍ଧି ହେବ । ସେହିଦିନଠାରୁ ଏହି ଓଷା, ଓଷାକୋଠି ନାମରେ ଖ୍ୟାତିଲାଭ କଲା।

ବାସ୍ତବିକ୍ କହିବାକୁ ଗଲେ ସମାଜ ସଦାସର୍ବଦା ଦୁଇଟି ଶ୍ରେଣୀକୁ ନେଇ ଗଢ଼ିଉଠିଥାଏ। ଗୋଟିଏ ହେଲା ପରିପୋଷିତ ଅନ୍ୟଟି ପରିପୋଷକ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ପରିପୋଷିତ ସଦାସର୍ବଦା ପରିପୋଷକଙ୍କ ଉପରେ ନିର୍ଭରଶୀଳ ହେଲେ ହେଁ ପୋଷକ ଗୋଷ୍ଠୀ ସଦାସର୍ବଦା ଅବହେଳିତ ହୋଇ ଆସୁଅଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବ୍ରାହ୍ମଣମାନଙ୍କ ଜାତି ଯେଉଁ ଅଭିପ୍ରାୟ ନେଇ ଗଢ଼ିଉଠିଥିଲା; ସେଥିରୁ ସେମାନଙ୍କର ବିଚ୍ୟୁତି ଘଟିଲା। କ୍ରମେ ବ୍ରାହ୍ମଣମାନେ କଠୋରରୁ କଠୋରତର ହୋଇଉଠିଲେ। ଏହା ସହ ସମଗ୍ର ସମାଜକୁ ନିୟନ୍ତ୍ରିତ କରିବାକୁ ବସିଲେ। ଫଳସ୍ୱରୂପ ଇତର ଜାତି ଭାବେ ସୃଷ୍ଟି ହୋଇଥିବା ଅନ୍ୟାନ୍ୟ ଛୋଟିଆ ଜାତିମାନେ, ବେଦାଧିକାର, ଶିକ୍ଷାଧିକାର, ଉପାସନା ଅଧିକାର ଆଦି ହରାଇବା ଫଳରେ ସେମାନେ ପ୍ରତିକ୍ରିୟାଶୀଳ ହୋଇଉଠିଲେ। ଏହା ସହ ସମାଜରେ ପୋଷିତ ଗୋଷ୍ଠୀ ଯେଉଁ ସବୁ ଯାନି, ଯାତ୍ରା, ଧର୍ମ, ଆରାଧନା କରୁଥିଲେ ସେଥିରେ ପୋଷକ ଗୋଷ୍ଠୀର କୌଣସି ଭାଗ ନଥିଲା। କେତେକ ପୋଷକ ଗୋଷ୍ଠୀ ଅଛବ ଶ୍ରେଣୀଭୁକ୍ତ ହୋଇଥିବାରୁ, ବ୍ରାହ୍ମଣମାନେ ସେମାନଙ୍କଠାରୁ ଦୂରେଇ ରହିବା ଫଳରେ, ସେମାନେ ନିଜ ସମ୍ପ୍ରଦାୟ ମଧ୍ୟରୁ ପୂଜକ, ପୁରୋହିତ ଆଦି ସୃଷ୍ଟି କଲେ ଏବଂ ସେମାନେ ନିଜ ଶ୍ରେଣୀ ମଧ୍ୟରେ ହିଁ ସେମାନଙ୍କର ଲୋକବିଦ୍ୟା, ଲୋକକଳା, ଲୋକନାଟକମାନ ସୃଷ୍ଟି କରିବାକୁ ଲାଗିଲେ। ଓଷାକୋଠି ହେଉଛି ଏଭଳି ଏକ ପ୍ରତିକ୍ରିୟାରୁ ସୃଷ୍ଟିଲାଭ କରିଥିବା ଏକ ପରମ୍ପରା। ଏଥିରେ ପୁରୋହିତ, ବ୍ରାହ୍ମଣ ଆଦିଙ୍କ ଆବଶ୍ୟକତା ପଡ଼େନାହିଁ ଏବଂ ଏହାର ପରିବେଷଣରେ ଉଚ୍ଚବର୍ଗଙ୍କ କୌଣସି ଆବଶ୍ୟକତା ନଥାଏ। ଏହାସହ କୌଣସି ଶାସ୍ତ୍ରୀୟ ଉପାସନା ପଦ୍ଧତିର ଆବଶ୍ୟକତା ନଥାଏ। ଏହି ଓଷାକୋଠିରେ ଭରି ରହିଥାଏ ଗଭୀର ଭକ୍ତି ଓ ବିଶ୍ୱାସ। ପୋଷକ ଗୋଷ୍ଠୀ ସଦାସର୍ବଦା ନିଜକୁ କୃଷିକାର୍ଯ୍ୟରେ ନିୟୋଜିତ ରଖିଥାଏ। ତା'ପାଖରେ ନିଶ୍ୱାସ ମାରିବାକୁ ମଧ ସମୟ ନଥାଏ। ତେଣୁ ସେ ଓଷାକୋଠି ଓଷା କରିବାକୁ ସମୟ ପାଏନାହିଁ। ଫଳତଃ ଆଶ୍ୱିନ ମାସ ବେଳକୁ ରୁଆବେଉସା ଶେଷ ହୋଇଥାଏ ଏବଂ ଧାନ କାଟିବା ସମୟ ଆସିନଥାଏ। ପୋଷକଗୋଷ୍ଠୀଙ୍କ ଏହି ବିଶ୍ରାମ ସମୟରେ ହିଁ ଓଷାକୋଠିର ଆୟୋଜନ କରାଯାଇଥାଏ। ଏହି ପୋଷାକଗୋଷ୍ଠୀ ମଧ୍ୟରୁ ଗାଆଣ; ପୂଜା ଆରାଧନା ସମୟରେ ଗାଁ ପୁରାଣପଣ୍ଡା ଓ ବିଜ୍ଞଜନଙ୍କଠାରୁ ଶୁଣିଥିବା ପୁରାଣ କଥାର ଖିଅ ଧରି ତାଙ୍କୁ ପ୍ରଶ୍ନୋତ୍ତର ଛଳରେ ଶ୍ରୋତାମାନଙ୍କୁ ମୁଗ୍ଧ କରିଥାଏ। ଏହି ପ୍ରଶ୍ନୋତ୍ତରଧାରା ହେଉଛି ବାସ୍ତବରେ ଅବହେଳିତ ପ୍ରତିଭାର ପ୍ରକାଶ ପାଇଁ ପ୍ରକୃଷ୍ଟ ମାଧ୍ୟମ। ଏହା ଜ୍ୱଳନ୍ତ ଉଦାହରଣ ହେଉଛି ଏହି ଅବହେଳିତ ପରିବେଶରୁ ସୃଷ୍ଟି ଲାଭ କରିଥିବା ଗାହାଣ।

ବାସ୍ତବିକ କହିବାକୁ ଗଲେ ସର୍ବଶକ୍ତିମୟୀ ମା'ର ଓଷାକୋଠି ଆରାଧନା ସମୟସୀମା ହେଉଛି ଶରତଋତୁ। ଏହି ଋତୁ ହେଉଛି ଓଷାକୋଠି ପାଳନର ଶାସ୍ତ୍ର ସମ୍ମତ ଦିନ। ଶରତ ଋତୁରେ ମଧ ପୋଷିତ ଗୋଷ୍ଠୀମାନଙ୍କର ବିଭିନ୍ନ ଦେବୀପୀଠରେ ଦେବୀ ଆରାଧନା ହୁଏ। ବ୍ରାହ୍ମଣ ଶାସନମାନଙ୍କରେ ଦେବୀପୀଠ ଓ ରାଜାମାନଙ୍କ ନଗରରେ ସ୍ଥାନ ପାଉଥିବା ଦେବୀପୀଠରେ ବିଭିନ୍ନ ପ୍ରକାର ପୂଜାର ଆୟୋଜନ କରାଯାଇଥାଏ। ଶୟନାଷ୍ଟମୀ ଠାରୁ ଦେବୀ ପନ୍ଦରଦିନ ପର୍ଯ୍ୟନ୍ତ ଶୟନ କରିଥାନ୍ତି ଏବଂ ଆଶ୍ୱିନ କୃଷ୍ଣାଷ୍ଟମୀ ଦିନ ଜାଗ୍ରତ ହୁଅନ୍ତି ଏବଂ ସେହିଦିନ ଠାରୁ ଆଶ୍ୱିନ ଶୁକ୍ଳ ନବମୀ ଯାଏଁ ଦେବୀ ମା'ଙ୍କ ପୂଜା ଆରାଧନା ଯାକଜକମରେ ଆୟୋଜନ କରାଯାଇଥାଏ। ଏହି ଋତୁରେ ମଧ ପୋଷିତମାନଙ୍କ ଭଳି ପୋଷକମାନେ ଆୟୋଜନ କରିଥାନ୍ତି ମା'ମଙ୍ଗଳା ପୂଜା ବା ଓଷା ଯାହା ଓଷାକୋଠି ନାମରେ ନାମିତ। ଏହି ଓଷାକୋଠି ଉପାସନର ଅନ୍ତରାଳରେ ରହିଛି ସମସ୍ତ ଆପତ୍ତି ବିପତ୍ତିରୁ ଉଦ୍ଧାର ଓ ସନ୍ତାନ କାମନା। ଏହି ଓଷାକୋଠି ଉତ୍ସବ ବ୍ୟବସାପେକ୍ଷ ହୋଇଥିବାରୁ, କେତେକ ସ୍ଥଳେ ପୋଷକ ଗୋଷ୍ଠୀ ଭାଦ୍ରବ ଶୁକ୍ଳ ଅଷ୍ଟମୀଠାରୁ ମଙ୍ଗଳା ଠାକୁରାଣୀଙ୍କ ପଞ୍ଚମୁଖୀ ଘଟ ମସ୍ତକରେ ଧରି, ଗ୍ରାମ ଗ୍ରାମ ବୁଲି ନୃତ୍ୟର ଆୟୋଜନ କରିଥାନ୍ତି। ଏହି ଘଟ ଭିତରେ ପଞ୍ଚାମୃତ ଜଳ ରଖାଯାଇଥାଏ। ଘଟର ମୁଖ୍ୟଦ୍ୱାରକୁ ନଡ଼ିଆ ପତ୍ରକାଠିରେ ମନ୍ଦାର, କନିଅର ଓ କଇଁଫୁଲ ଆଦିରେ ମଣ୍ଡନ କରାଯାଇଥାଏ। ଏହା ଦେଖିବାକୁ ଖୁବ୍ ମନୋହର ହୋଇଥାଏ ଏବଂ ଏହି ଘଟର ଶୋଭାବର୍ଦ୍ଧନ କରେ ଘଟ ଉପରେ ଖୋସାଯାଇଥିବା ଲାଲ୍ ଓ କଳା କନାର ପତାକା। ଏହି ଘଟକୁ ଜଣେ ସ୍ତ୍ରୀବେଶଧାରୀ ପୁରୁଷ, ମସ୍ତକରେ ଧାରଣ କରି ଗଦ୍ୟାକୃତି ସ୍ତୁତି ଓ ଭଜନକୁ ମନୋରମ ଛନ୍ଦରେ ଗାଇ ଦୃଶ୍ୟାଭିନୟ କରିଥାଏ। ଏହାର ଦୃଷ୍ଟାନ୍ତ-

"ନମସ୍ତେ ମଙ୍ଗଳାମାଗୋ
ନମସ୍ତେ ହରଚଣ୍ଡୀ
ତୋତେ ସୁମରିଲେ ମାଗୋ,
ଦୁର୍ଗତି ହୋଏ ଖଣ୍ଡି।"

ଏହି ନୃତ୍ୟ ସମୟରେ ତାଳ ଓ ଲୟରେ ବାଦ୍ୟ, ମହୁରୀ, ଝାଞ୍ଜ ଆଦି ବାଜିଥାଏ। ଏହି ନୃତ୍ୟଦ୍ୱାରା ପଲ୍ଲୀପ୍ରାଣୀଙ୍କ ମନ ଚିରଚଞ୍ଚଳ ହୋଇଉଠେ। ଏଥିରୁ ମିଳୁଥିବା ଅର୍ଥ ଓଷାକୋଠି ଅନୁଷ୍ଠାନରେ ବିନିଯୋଗ କରାଯାଏ।

ଅଶ୍ୱିନୀ ଶୁକ୍ଳ ନବମୀ ସନ୍ଧ୍ୟା ସୁଦ୍ଧା ଏହି ବ୍ରତ ପାଳନ ପାଇଁ ଗ୍ରାମର ଏକ ନିର୍ଦ୍ଦିଷ୍ଟ ଗୃହକାନ୍ଥରେ ଚିତ୍ର ଅଙ୍କନ କରାଯାଏ। ଏହି ଚିତ୍ରଗୁଡ଼ିକ ମଧ୍ୟରେ ଶିବ, କାଳୀ, ଦୁର୍ଗା, ବନଦୁର୍ଗା, ଗଙ୍ଗାଦେବୀ, ବ୍ୟାଘ୍ରଦେବୀ, ବାଙ୍କେଶ୍ୱରୀ, ଜାମକୋଳି ଅଳସୁଆ, ଗଜାଭୀମ, ଗାଆଣା, ପାଳିଆ, ଭଗବତୀ ବଳଦ, ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ, ଦ୍ରୌପଦୀ, ଇନ୍ଦ୍ର, ହନୁମାନ, ଅଗ୍ନିକୁମାରୀ, ରାମ, ଲକ୍ଷ୍ମଣ, ସୀତା, ଧୋବା, ଧୋବଣୀ, କଳାପାଟ, ଫୁଲସୁନ୍ଦରୀ, ଗଉଡ଼, ଗଉଡୁଣୀ, ଅନନ୍ତ, ବାସୁକୀ, ସିଂହ, ହସ୍ତୀ, ହଂସ, କାମଧେନୁ, ଏଭଳି ଅନେକ ଚିତ୍ର ଦେଖିବାକୁ ମିଳେ। ଏହି ସମସ୍ତ ଚିତ୍ର ଭିତରେ ମା'ମଙ୍ଗଳାଙ୍କୁ ଉପଲବ୍ଧ କରାଯାଇଥାଏ। (କ୍ରମଶଃ)


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ


## ଈଶ୍ୱର ଓ ଜଗତ ଜୀବନ



କିଶୋର ମହାନ୍ତି

(ଆଜିର ଘଡ଼ିସନ୍ଧି ମୁହୂର୍ତ୍ତର ଆହ୍ୱାନ)

ଆଜି ବିଶ୍ୱର ସମସ୍ତ ମାନବ ଭିତରେ ନୈରାଶ୍ୟ ତଥା ହତାଶ ଭାବ ପରିଲକ୍ଷିତ ହେଉଛି । ଅମୂଲ୍ୟ ମହାର୍ଘ ଅମୃତମୟ ମଣିଷ ଜୀବନ ଆଜି ଯନ୍ତ୍ରଣା ଦଗ୍ଧ, ରୋଗଗ୍ରସ୍ତ । ସମଗ୍ର ବିଶ୍ୱରେ ଯାହା ମହାମାରୀର ରୂପ ନେଇଛି । ବ୍ୟାଧି ଯେ ଜୀବନକୁ ଏମିତି ଭାବରେ କବଳିତ କରେ ତାହା ଏଇ ଶତାବ୍ଦୀର ଚରମ ଉପଲବ୍ଧି । ସ୍ଥାନ, କାଳ, ପାତ୍ର ନଦେଖି ଧର୍ମ ଅଧର୍ମ କୁ ଆଡ଼େଇ ସାରା ବିଶ୍ୱରେ କରୋନାର ଦ୍ୱିତୀୟ ଲହର ଭୟଙ୍କର କଳାଛାଇ ଯେମିତି ମାଡ଼ି ଆସୁଛି ଓ ମୃତ୍ୟୁର ତାଣ୍ଡବ ଲୀଳା ରଚି ସମଗ୍ର ବିଶ୍ୱକୁ ଶ୍ମଶାନରେ ପରିଣତ କରିଦେବ ସତେ ଯେମିତି । ଏ ଘୋର ଘଡ଼ିସନ୍ଧି ବେଳରେ ମଣିଷ ନିଜକୁ ସଶକ୍ତ କରିବା ଏକାନ୍ତ ବିଧେୟ । ନିଜର ଆତ୍ମବଳ, ଆତ୍ମବିଶ୍ୱାସ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ପରାକ୍ରମୀ କରୋନାକୁ ସମୂଳେ ବିଧ୍ୱଂସ କରିବା ହିଁ ଆଜି ଏ ମୁହୂର୍ତ୍ତରେ ପ୍ରତିଟି ବ୍ୟକ୍ତିର ଚରମ କର୍ତ୍ତବ୍ୟ ହେଉ । ଆଜି ସମସ୍ତଙ୍କ ପାଇଁ ଏକ ପରୀକ୍ଷାର ସମୟ । ଆଜି କରୋନା ଦାଢ଼ରେ ଯିଏକି ଏକ ପ୍ରଗତିଶୀଳ ରାଷ୍ଟ୍ର ଇଟାଲୀ, ଆମେରିକା, ସ୍ପେନ୍,ଫ୍ରାନ୍ସ, ଜର୍ମାନ୍, ବ୍ରିଟେନ୍, କୋରିଆ, ଚୀନ୍ ହାର ମାନିସାରିଲେଣି । ଏ କ୍ଷେତ୍ରରେ ନିଜକୁ ସାତ୍ତ୍ୱିକ ମନନେଇ ଜଣେ ଯୋଦ୍ଧା ସେନାନୀ ଭାବେ ମୁକାବିଲା କରିବା ସର୍ବାଦୌ କର୍ତ୍ତବ୍ୟ । ଦେଖାଯାଉଛି ଆଜି ସମସ୍ତଙ୍କ ମନରେ ଐଶ୍ୱରୀୟ ଚୈତ୍ୟନ୍ୟ ଉଦ୍ରେକ ହୋଇଛି । ଚାରିଆଡ଼େ ମହାମାନବିକତାର ମନ୍ତ୍ର ଗୁଞ୍ଜରିତ ହେଉଛି । ଈଶ୍ୱର ଓ ଐଶ୍ୱରୀୟ ଭାବନା ଭିତରେ ମଗ୍ନ ହୋଇ ମଣିଷ ନିଜର ସାଧାନା ଓ ସିଦ୍ଧି ପଥରେ ଆଗେଇବାର ଏ ହେଉଛି ମାହେନ୍ଦ୍ର ମୁହୂର୍ତ୍ତ । ନିଜ ଭିତରେ ନିଜକୁ ଖୋଜିବାର ଅବସର ଏ । ଅନ୍ତର ଭିତରେ ଯେ ସ୍ୱୟଂ ଭଗବାନ ବିଦ୍ୟମାନ ଏକଥା ଆମେ ଭୁଲିଯିବା କିପରି ?

ଭଗବତ୍ ଗୀତାରେ ଶ୍ରୀକୃଷ୍ଣ ନିଜେ ଅର୍ଜୁନକୁ ସୂଚାଇ ଦେଇଛନ୍ତି -

"ରସୋଽହଂ ଅପ୍‌ସୁ କୌନ୍ତେୟ
ପ୍ରଭାସ୍ମି ଶଶି ସୂର୍ଯ୍ୟୟୋଃ
ପ୍ରଣବଃ ସର୍ବବେଦେଷୁ
ଶବ୍ଦଖେ ପୌରଷଂ ନୃଷୁ ।"

କହିଛନ୍ତି - ହେ କୁନ୍ତିପୁତ୍ର ଅର୍ଜୁନ ! ମୁଁ ଜଳରେ ରସ ବା ସ୍ୱାଦୁ, ସୂର୍ଯ୍ୟ ଚନ୍ଦ୍ର ଠାରେ ଥିବା ଆଲୋକ, ବୈଦିକ ମନ୍ତ୍ରରେ ମୁଁ ହେଉଛି ଓଁକାର, ଆକାଶରେ ମୁଁ ଶବ୍ଦ ଏବଂ ମାନବ ଠାରେ ଥିବା ପୌରୁଷ ଅଟେ ।

ଏହାଠାରୁ ଭାକ୍ତିକ ବୃହତର ଚିନ୍ତାଧାରା ଆଉ କଣ ଥାଇପାରେ । ସେଇ ପୌରୁଷର ସତ୍ତା ହିଁ ମଣିଷ ଭିତରେ ଐଶ୍ୱରୀୟ ସତ୍ତା, ସେହିପରି ଯେତେବେଳେ ଆମେ କିଛି ଆଲୋକ ଦେଖୁ ତାହା ମଧ କୃଷ୍ଣଙ୍କର ଅଟେ । ପ୍ରକୃତ ଜ୍ୟୋତି, ପରବ୍ୟୋମରେ ବ୍ରହ୍ମଜ୍ୟୋତି ଭାବରେ ଅଛି ଯାହାକି କୃଷ୍ଣଙ୍କ ଶରୀରରୁ ଉଦ୍‌ଗତ ହୁଏ ।

ଭୌତିକ ବ୍ରହ୍ମାଣ୍ଡର ପ୍ରକୃତି ହେଉଛି ଅନ୍ଧକାରମୟ । ଯାହାକି ଗତି ହେଲେ ଆମେ ଅନୁଭବ କରୁ । ଯେତେବେଳେ ଆମେ ପ୍ରଭୁଙ୍କ ନାମ ଉଚ୍ଚାରଣ କରୁ ଆମ ଭୌତିକ ଦୋଷ କ୍ଷୟ ହୋଇଥାଏ ।

କହିବାକୁ ଗଲେ କୃଷ୍ଣ ହିଁ ଶବ୍ଦ, ଆଲୋକ, ଜଳ ଏବଂ ଅନେକ କିଛି ପଦାର୍ଥ ଜାଣିବା ଦ୍ୱାରା ଆମେ କୃଷ୍ଣ ବା ଈଶ୍ୱରଙ୍କୁ ଅନୁଭବ କରୁ ।

ପୁନରାୟ ପ୍ରଭୁ ନିଜେ କହିଛନ୍ତି "ମୁଁ ପୃଥିବୀର ମୌଳିକ ଗନ୍ଧ ଅଟେ । ମୁଁ ଅଗ୍ନିର ଉତାପ ଅଟେ । ମୁଁ ସମସ୍ତ ଜୀବଙ୍କର ଜୀବନ ଅଟେ ଏବଂ ମୁଁ ତପସ୍ୱୀମାନଙ୍କର ତପସ୍ୟା ଅଟେ ।" ଏଣୁ କୃଷ୍ଣଚେତନା ଭିତରେ ନିମଗ୍ନ ନହେଲେ ସାଧନାରେ ସିଦ୍ଧି ମଳିବା ଦୁରହ । ଆମେ କିନ୍ତୁ ଆଧାତ୍ମ ଜଗତରୁ ଓହରି ଆସି ତାମସିକ ଜଗତ ସହ ଅଧିକ ଜଡ଼ିତ ହୋଇଯାଉଥିବାରୁ ଆମର ଏଇ ଦୁର୍ଗତି ଆଉ ଆମର ଶେଷ ପରିଣତି କଣ ତାହା କାହାକୁ ଅଜ୍ଞାତ ନାହିଁ । ଏ କଥା ସତ୍ୟ ଯେ, ସତ୍ୟମେବ ଜୟତେ - ସତ୍ୟର ଅବଶ୍ୟ ଜୟ ହେବ । ସକରାତ୍ମକ ମୂଲ୍ୟବୋଧମାନଙ୍କ ମଧ୍ୟରେ ସତ୍ୟ ହିଁ ପ୍ରଥମ ଓ ପ୍ରଧାନ ମୂଲ୍ୟବୋଧ ରୂପେ ସ୍ୱୀକୃତ ହୋଇଛି । ଅସତ୍ୟରୁ ମୁକ୍ତ ହୋଇ ସତ୍ୟକୁ ଗମନ କରିବାରେ ମାନବ ଜୀବନର ସାର୍ଥକତା ନିହିତ । ସତ୍ୟର ଅପଳାପ କରିବା ମିଥ୍ୟାର ଆଶ୍ରୟ ନେବା ହେଉଛି ଅମାନବିକତା । ନିଜେ ସତ୍ୟରେ ପରିଚାଳିତ ହେଲେ ଆସୁରୀୟ ଶକ୍ତିର ନିଶ୍ଚୟ ଅବସାନ ଘଟିବ । ଅସାଧ କାର୍ଯ୍ୟ ସାଧନ କ୍ଷେତ୍ରରେ ଆମକୁ ସଙ୍କଳ୍ପ ନେବାକୁ ହେବ ।

ଏ କ୍ଷେତ୍ରରେ ଆତ୍ମିକ ବଳକୁ ଉଜାଗର କରିବାକୁ ହେବ । ଆତ୍ମ ବିଶ୍ଳେଷଣ ହେଉଛି ଆତ୍ମ ପରୀକ୍ଷଣ । ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଥରେ ଆଟ୍‌ଲାଂଟିକ୍ ମହାସାଗରରେ ଅଗତିର ଜଳରାଶିରେ ଦାର୍ଶନିକ ବର୍ଟ୍ରାଣ୍ଡ୍ ରସେଲ୍‌ଙ୍କ ଉଡ଼ାଜାହାଜ ଖସିପଡ଼ିଲା, ଅନେକ ଯାତ୍ରୀ ନିଜକୁ ଅସହାୟ ମଣି ପାଣିରେ ବୁଡ଼ିଗଲେ । ସହାୟତା ପହଂଚିଲା ବେଳକୁ ଦେଖାଗଲା ଯେ ବର୍ଟ୍ରାଣ୍ଡ୍ ରସେଲ୍ ନିଜ ଓଭରକୋର୍ଟ ପିନ୍ଧି ଆଟ୍‌ଲାଂଟିକାରେ ପହଁରୁଛନ୍ତି । ଏଣୁ ଏହା ହେଉଛି ଆତ୍ମସହାୟକତା । ନିଜକୁ ନିଜେ ସହାୟ ହୁଅନ୍ତୁ । ଆତ୍ମସହାୟକତା ତାର ଅର୍ଥ ହେଉଛି ନିଜ ଶକ୍ତି ସାମର୍ଥ୍ୟକୁ ପୂର୍ଣ୍ଣ ଉପଯୋଗ କରି ଲକ୍ଷ୍ୟ ସାଧନାରେ ବ୍ରତୀ ହେବା ।

ଆଧାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ଆତ୍ମାର ଦିବ୍ୟତାର ତିନୋଟି ବିନ୍ଦୁରେ ସମାହିତ ହୁଏ । ଯୋଗୀ ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିରେ - ଏକତ୍ୱବୋଧ, ପାରସ୍ପରିକତା ଏବଂ ସମତାନତା । ଏସବୁକୁ ଦୃଷ୍ଟିରେ ରଖି ପ୍ରତିଟି ମଣିଷ ଆଜି ନିଜକୁ ସାଧିବାକୁ ହେବ । ଘାତ ପ୍ରତିଘାତକୁ ସାମ୍ନା କରିବାର କ୍ଷମତା ତା ପାଖରେ ରହିଛି । ତାହା ହେଉଛି ନିଜ ଭିତରେ ଥିବା ଆତ୍ମବଳ । ସେଇ ସୁଦୃଢ଼ ଆତ୍ମବଳ ହିଁ ଏ ଗମ୍ଭୀର ସଙ୍କଟରୁ ରକ୍ଷା କରିପାରିବ । ଈଶ୍ୱର ହିଁ ସବୁକିଛି । ତାଙ୍କର ଅପାର କରୁଣା ହେଲେ ଏ ପୃଥିବୀ ଓ ଜନସମାଜ ଏ ସଙ୍କଟରୁ ମୁକୁଳି ପାରିବ । ଏଥିରେ ସନ୍ଦେହର ଅବକାଶ ନାହିଁ ।


+ ଇ-୫୦, ସେକ୍ଟର -୭,
ସିଡ଼ିଏ, କଟକ-୧୪
(ମୋ)୯୪୩୭୭୨୮୪୭୫







## ବରଗଛ

### ନିରଞ୍ଜନ ନାୟକ

ଯୁଗପରେ ଯୁଗ ସରୁଛି
କିନ୍ତୁ ମୋ ଅସ୍ତିତ୍ୱ ହଜିନି
ବରଂ ଚାରିଆଡ ସହଯୋଗର
ଓହଳ ଗୁଡିକ
ବାରବାର ବଞ୍ଚିରହିବା ପାଇଁ ମୋତେ
ନିବେଦନ କରି ସେମାନଙ୍କ
ଦେହ ମନ ସମର୍ପିତ କରିଛନ୍ତି
ମୋ ଠାରେ

ସେମାନେ କୁହନ୍ତି
ମୁଁ କୁଆଡେ ମୁଲ୍ୟବାନ
ଜୀବଜଗତ ପାଇଁ
ଅଦୃଶ୍ୟ ମହାମାରୀ ତାଣ୍ଡବ ବେଳେ
ମୁଁ ମଣିଷ ଙ୍କ ପସନ୍ଦ ହେଲି
ମୋ ସହ ଜୀବନରକ୍ଷାକାରୀ
ନିମ୍ବ ଅଶୋକ ଅଶ୍ୱତ୍ଥ ଓ
ଅନେକ ମୋ ବନ୍ଧୁମାନେ
ମଣିଷ ସମାଜ ପାଇଁ ଶ୍ରେଷ୍ଠ
ସମ୍ପଦ ମନେହେଲେ

ଦେଖୁନ ଆଧୁନିକ କଂକ୍ରିଟ ପକ୍କା ରାସ୍ତା
ଲମ୍ବିଲା ଯେ ବର୍ଷ କୁ ବର୍ଷ ମୋ ବନ୍ଧୁବାନ୍ଧବ
ଜଣେ ପରେ ଜଣେ ହଣାଖାଇଲେ
ମନ୍ଦିରବେଢା ପୋଖରୀ ତୁଠ ରେ
ମହତ ପୁରୁଷମାନଙ୍କ ଯୋଗୁଁ
ଅଦ୍ୟାବଧି ମୋ ଅସ୍ତିତ୍ୱ କିଛିଟା ବଞ୍ଚିଛି
ମୋ ଦେହ ମୁଣ୍ଡ ସବୁ ସମର୍ପିତ କରିଛି
ଅନେକ ବିହଙ୍ଗମଙ୍କ ପାଇଁ
ସେମାନେ ବି କୁଆଡେ ଯିବେ !
ବିଚରା ! କଂକ୍ରିଟ ଜଙ୍ଗଲ ଭିତର
ପ୍ଲାଷ୍ଟିକ ଗଛ ଡାଳରେ
ଜୀବନ ଅଣନିଃଶ୍ୱାସ ହେବା ସ୍ୱାଭାବିକ
ଆମେ ଶେଷ ହୋଇଗଲେ ସେମାନଙ୍କ
ବଞ୍ଚିବା ମଧ୍ୟ କଷ୍ଟ ହୋଇଯିବ
ବାଇଚଡେଇ ପାଇଁ ଏବେ ହାଇବ୍ରିଡ
ନଡ଼ିଆ ଗଛ ହିଁ ଆଶ୍ରା
ଛାତଘର ଭେଣ୍ଟିଲେଟରଟି
ଘର ଚଟିଆର ଆଶ୍ରୟସ୍ଥଳୀ
ହେଲେ ଏ ମଣିଷ ଗୁଡାକ
ସେତେଟା ବିଶ୍ୱସ୍ତ ନୁହଁନ୍ତି

ଆଧୁନିକତା ନାମରେ ଏବେ
ଗଛ ଜୀବନ ଅସୁରକ୍ଷିତ
ସବୁ ନଷ୍ଟ ବିଲୋପ
ଆଉ କିଛି ବର୍ଷ ଯାହା ଅଛି !
ଜମି ପାହାଡ ଜଙ୍ଗଲ ବଞ୍ଚିଲେ ତ
ଆମେ ନିର୍ଭୟରେ ରହିବୁ ବଞ୍ଚିବୁ
ଆମ ଅସ୍ତିତ୍ୱ ଶେଷ ହେଲେ....
ତମମାନଙ୍କ ଅସ୍ତିତ୍ୱ ବି ଶେଷ
ହେବା ସ୍ୱାଭାବିକ

ହେଜ ଏବେଠୁ
ବୃକ୍ଷଜଗତର ଅବଦାନ କୁ ସ୍ମରଣ କରି
ସବୁଜ ସମାଜ ସୃଷ୍ଟି ହେବାକୁ ଦିଅ
ଆଉ କେତେ ଆଧୁନିକ ବଳୟ ଭିତରେ
ଜୀବନ ସବୁ ଛଟପଟ ହେବ
ମଣିଷ ସମାଜ ଯଦି ବଞ୍ଚିବାର ସ୍ୱପ୍ନ
ଦେଖୁଥିବ
ତେବେ ମୋତେ ବଞ୍ଚିବାକୁ ଦିଅ
ବିଶ୍ୱାସ ଭାବ ପ୍ରୀତି ସହ ଜୀବନ ଜିଅଁ।


+ ଟିକିରି,କାଶୀପୁର
(ମୋ) ୯୪୩୭୩୧୭୪୧୭


## ପ୍ରେମରେ ଗଲି ମୁଁ ହାରି

### ପ୍ରଶାନ୍ତ କୁମାର ନାଥ

ଦେଖିଲି ତୁମକୁ ଯେବେ ମୁଁ ପ୍ରଥମେ
ଲାଗିଲ ସରଗ ପରୀ
ହେଲେ ମୁଁ ତୁମକୁ ଭଲପାଇ ପ୍ରିୟା
ପ୍ରେମରେ ଯାଇଛିହାରି ।

ପ୍ରଥମ ଦେଖାରେ ମନ କିଣିନେଲ
ହୃଦୟେ ତୋଳିଲ ଘର
ଭାବି ମୁଁ ନଥିଲି ଚାଲିଯିବ ଛାଡି
କରି ଦେଇ ମୋତେ ପର ।

ଖୁସିର ଠିକଣା ଖୋଜି ଖୋଜି ମୁହିଁ
ଦୁଃଖକୁ କଲି ନିଜର
ପ୍ରେମଟା ମୋହର ମୋତେ ପିଆଇଲା
ମେଞ୍ଚାଏ ଦୁଃଖ ଜହର ।

ଦୁଃଖର ସାଥିରେ ଜିଉଁଛି ଜୀବନ
ସୁଖର ସ୍ମୃତିକୁ ଧରି
ନାହିଁ କିଛି ଆଶା ନାହିଁ ବି ଭରଷା
ହେବାକୁ ଜୀବନ ପାରି ।

ବାହି ପାରିଲିନି ପ୍ରେମର ନାଆକୁ
କାହିଁକି ଦେବି ତୋ ଦୋଷ
କିସୁଖ ପାଇବି ଜୀବନରେ ଆଉ
ତୋ ଉପରେ କରି ରୋଷ ।

ଦୁଃଖୀ ମଣିଷଟେ ହେଲେ ହେଲିମୁହିଁ
ସୁଖରେ କଟୁତୋ ଦିନ
ଜୀବନରେ ସିନା ହାରି ମୁଁ ଯାଇଛି
ନଭାଙ୍ଗୁ ତୋର ସପନ ।


+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର ।
(ମୋ)୦୮୮୯୨୩୦୧୧୪୩


## ଫୁଲ ବଉଳ ବେଣୀ

### ଭାଗୀରଥି ସାଗର

ପୂର୍ଣ୍ଣ ଶଶି ହସଇ ନୀଳ ଆକାଶେ
ହସେ ପୁଣି କୁଆରୀ
ମାଆ ଗଜଲକ୍ଷ୍ମୀ ଦର୍ଶନ ଦିଅନ୍ତି
ଆସିଣ ମର୍ତ୍ତ୍ୟ ପୁରୀ।
କୁଆରୀ ମନ ହୁଅଇ ଛନଛନ
ଭାବଇ ପ୍ରେମ କଥା
ପାଖେ ପାଇ କହନ୍ତା କୁମାରକୁ
ତା ହୃଦୟର ବ୍ୟଥା।
ତୁଳସୀ ଚଉରା ମୂଳେ ଦୀପ ଜାଳେ
ଭାଇର ସୁଖ ପାଇଁ
ବଉଳ ବେଣୀ ସାଥୀ ସହିତ ଗାଇ
କମ୍ପାଇ ଦିଏ ମହୀ।
ପିଠା ଅମୃତ କ୍ଷୀରୀ କାକରା ପୁରୀ
ଜହ୍ନି ଫୁଲ ଚଢାଇ
ଜହ୍ନି ଓଷା ସରାଇ ମୁଣ୍ଡିଆ ମାରି
ଭୋଗ ଦିଏ ବଢାଇ।
ପ୍ରିୟ ପରିଜନ ଖାଇ ଭୋଗ ଅନ୍ନ
ଲଭଇ ମା ଦର୍ଶନ
ଆତ୍ମ ତୃପ୍ତି ପାଇ ଉଲ୍ଲାସ ମନେ
ଦେଖେ ଗୋଲେଇ ଜହ୍ନ।


+ ଡ଼ାଲଗୁମା,କୋକସରା,କଳାହାଣ୍ଡି
(ମୋ)୯୩୩୭୬୨୪୮୯୯


## ଆଶ୍ୱିନ ସୁନ୍ଦରୀ

### କବିଜ୍ୟୋତି ନିରଞ୍ଜନ ପତି



ଆଶ୍ୱିନ ସୁନ୍ଦରୀ ବରଷର ପରୀ
ଗଭାରେ ରଜନୀ ଗନ୍ଧା
ସବୁଜିମା ଶାଢି ପିନ୍ଧିଥାଉ ଭିଡି
ଚାଲି ତୋ' ଚପଳ ଛନ୍ଦା।

ସୁନୀଳ ଆକାଶ ମଥାରେ ବିରାଜେ
ଗୋଲାପୀ ସିନ୍ଦୁର ଚାନ୍ଦ
ଚାମର ଢାଳୁଛି କାଶତଣ୍ଡୀ ଫୁଲ
ବାସ ଯା'ର ମନ୍ଦ ମନ୍ଦ।

ପଦ ଧୌତ କରେ ସ୍ୱଚ୍ଛ ସୁଶୀତଳ
କାଚ କେନ୍ଦୁ ନଦୀ ଜଳ,
ତୋ' ଆକାଶ କୋଳ ଗହଳ ଚହଳ
ଉଡି ବିହଙ୍ଗମ ମାଳ।


ବଧୁଲି, ମାଳତୀ ଶୋଭିତ ଅଗସ୍ତି
ବନ-ଉପବନ ଶୋଭା,
ଚିତ୍ତ ପୁଲକିତ ହୃଦ ଉଲ୍ଲସିତ
ପ୍ରାକୃତିକ ବର୍ଣ୍ଣବିଭା ।

ମହାଳୟା, ଦଶହରା, ଲକ୍ଷ୍ମୀ ପୂଜା
କୁମାର ଉତ୍ସବ ବ୍ରତ
ବଡବଡୁଆ ଓ ଦେବୀ ଦେବ ଭକ୍ତି
କର ହୋଇ ଶୁଦ୍ଧ ପୂତ ।

କୁଆଁରୀ କନିଆଁ କୁମାରଙ୍କୁ ସ୍ମରି
ପାଏ ରୂପବାନ ବର,
ପକ୍ୱ ଧାନ କ୍ଷେତ ଦେଖିକି ଉଷତ
ଜୀବବନ୍ଧୁ ଚାଷୀ ନର ।

ଆଶ୍ୱିନ ସୁନ୍ଦରୀ ନଯା' ପର କରି
ଆସନ୍ତା ବରଷ ଆସ,
ତୁମ ରୂପ ଦେଖି ହସୁ ପ୍ରାଣପକ୍ଷୀ
ଦୁଃଖ ଶୋକ କର ନାଶ ।।


+ ଗାନ୍ଧୀ ମାର୍ଗ, ଅନୁଗୋଳ
(ମୋ) ୯୯୩୮୧୩୩୫୫୯






## ଧାରାବାହିକ ପୌରାଣିକ ଉପନ୍ୟାସ

### ଭାଗ-୩୩

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ଏଥର ଉଠିଲେ ଜଣେ ବ୍ରାହ୍ମଣ ଯୁବକ । ତାଙ୍କ ପାଖରେ ବସିଥିବା ଅନ୍ୟ ଦୁଇ ବ୍ରାହ୍ମଣଙ୍କ ପଦସ୍ପର୍ଶ କରି ଉପସ୍ଥିତ ସମସ୍ତଙ୍କୁ ଯୋଡ଼ହସ୍ତରେ ପ୍ରଣାମ ଜଣାଇ ଆଗେଇ ଆସିଲେ । ଭାବିଲି, ପ୍ରଣାମ କରିଥିବା ଅନ୍ୟ ଦୁଇ ବ୍ରାହ୍ମଣ ବୋଧେ ତାଙ୍କ ଠାରୁ ବୟସ୍କ । ସମ୍ଭବତଃ ବଡ଼ଭାଇ ହୋଇପାରନ୍ତି । ସଭାସ୍ଥଳରେ ନିରବତା ଭାଂଗିଗଲା । ସମସ୍ତେ ଯେମିତି ଚଳଚଞ୍ଚଳ ହୋଇ ଉଠିଲେ । ମୋ ମନରେ ସଂଶୟ ଜାଗୁଥିଲା । କିଏ ହୋଇପାରନ୍ତି ଏଇ ବ୍ରାହ୍ମଣ ଯୁବକ ? ସତରେ କଣ ଆର୍ଯ୍ୟାବର୍ତ୍ତ ଏବେ ବୀରଶୂନ୍ୟ ? ଏତେ କ୍ଷତ୍ରିୟ ଥାଉଥାଉ ଶେଷରେ ବ୍ରାହ୍ମଣ ଧରିବେ ଧନୁର୍ବାଣ ? ସହଜେ ତ ସେମାନଙ୍କର କୋମଳ ଅଂଗ । ମନ୍ତ୍ର ଉଚ୍ଚାରଣ ବ୍ୟତୀତ ସେମାନଙ୍କୁ ଆଉ କେଉଁ କଠିନ କାର୍ଯ୍ୟ ଅବା ଜଣାଅଛି । ଦେଖାଯାଉ ଆଗକୁ କ'ଣ ହେଉଛି ।

ଖୁବ୍ ଧୀରେ ନମ୍ରତାର ସହ ଆଗେଇ ଚାଲୁଥିଲେ ବ୍ରାହ୍ମଣ ଜଣକ । ଖୁବ୍ ସହଜରେ ବାମହାତରେ ଧନୁକୁ ଟେକିନେଇ ସେଥିରେ ଗୁଣ ଚଢ଼ାଇ ଦେଲେ । ମୋତେ ସବୁ ରହସ୍ୟ ଲାଗୁଥିଲା । ତାଙ୍କର ଧନୁ ଧରିବା ଠାଣି ଦେଖି କେବଳ ମୁଁ କାହିଁକି ଉପସ୍ଥିତ ସମସ୍ତେ ବିସ୍ଫାରିତ ନେତ୍ରରେ ପରସ୍ପରକୁ ଚାହିଁ ରହିଥିଲେ । ଆଶ୍ଚର୍ଯ୍ୟ ! ଯେଉଁ ଧନୁକୁ ଜରାସନ୍ଧ ଭଳି ମହାବୀର ଟେକି ନପାରି ତଳେ ପଡ଼ିଗଲେ । ତାକୁ ପୁଣି ଜଣେ ବ୍ରାହ୍ମଣ ଯୁବକ ସେ ତ କେବଳ ଟେକିଦେଲେ ନୁହେଁ, ତୈଳକୁଣ୍ଡ ଆଡ଼କୁ ଚାହିଁ ମତ୍ସ୍ୟର ପ୍ରତିବିମ୍ବକୁ ଦେଖି ସ୍ଥିର କରିଦେଲେ ତାଙ୍କର ଲକ୍ଷ୍ୟ । ପରେପରେ ବାଣଟିକୁ ଛାଡ଼ିଲେ । ମତ୍ସ୍ୟଟିର ଦକ୍ଷିଣଚକ୍ଷୁ ବାଣବିଦ୍ଧ ହୋଇଛି । ସଫଳ ହୋଇଛି ଲକ୍ଷ୍ୟଭେଦ କରତାଳିରେ କମ୍ପି ଉଠୁଥାଏ ସଭାସ୍ଥଳ । ବ୍ରାହ୍ମଣ ଯୁବକ ଉତ୍ତୀର୍ଣ୍ଣ ହୋଇଛନ୍ତି । ଅତି ଆନନ୍ଦରେ ଏହା ଘୋଷଣା କରୁଥିଲେ ଧୃଷ୍ଟଦ୍ୟୁମ୍ନ । କୃଷ୍ଣାଙ୍କ ମନରେ ପ୍ରସନ୍ନତା । ଦ୍ରୁପଦରାଜା ଏବେ କନ୍ୟାଦାୟରୁ ମୁକ୍ତ । ଋଷି ବ୍ରାହ୍ମଣ ମଣ୍ଡଳୀରୁ ଜୟ ଜୟକାର ଧ୍ୱନିରେ କମ୍ପି ଉଠୁଥାଏ । ଜଣକ ସିଦ୍ଧିରେ ସମଗ୍ର ବ୍ରାହ୍ମଣ ମଣ୍ଡଳୀ ଆତ୍ମହରା । ପରସ୍ପର କଥାବାର୍ତ୍ତା ହେଉଥିଲେ, କ୍ଷତ୍ରିୟମାନଙ୍କ ମୁହଁରେ କାଳିବୋଳି ଏ ଯୁବକ ସତରେ ଯେମିତି ପରଶୁରାମଙ୍କ ଅବତାର ସାଜି ଏଠାରେ ଉଭା ହୋଇଛନ୍ତି । ମୁଁ କିଛି ଭାବି ପାରୁ ନଥିଲି । ସମଗ୍ର କ୍ଷତ୍ରିୟ କୁଳକୁ ନିନ୍ଦା, ଅପମାନ । ଗୋଟିଏ କଥା ମନରେ ଉଙ୍କି ମାରୁଥିଲା । ଆଜି ଯଦି ଅର୍ଜୁନ ଥାନ୍ତେ, ତେବେ ସେ ହିଁ ନିଶ୍ଚୟ ଏ ପ୍ରତିଯୋଗିତାରେ ସଫଳ ହୋଇଥାନ୍ତେ । ମାତ୍ର ଦୁର୍ଭାଗ୍ୟ ସେ ଆଜି ମାତା, ଭାଇମାନଙ୍କ ସହ ନିରୁଦ୍ଦିଷ୍ଟ । ମୋତେ ସିନା ପ୍ରତିଯୋଗିତାରେ ଭାଗନେବା ପାଇଁ ସୁଯୋଗ ମିଳିଲା ନାହିଁ । ହେଲେ, ଅର୍ଜୁନଙ୍କ ପାଇଁ କିଛି ଅସୁବିଧା ନଥିଲା । ଗଲାକଥା ତ ଗଲାଣି । ଏବେ ଆଉ ସେ କଥା ଭାବି ଲାଭ କ'ଣ ?

ଯାହାହେଉ, ଶେଷରେ ଲକ୍ଷ୍ୟଭେଦ ତ ସଫଳ ହୋଇଛି । ଯେଉଁମାନେ ଭାବୁଥିଲେ, କୃଷ୍ଣା ଅବିବାହିତା ହୋଇ ରହିଯିବେ, ସେମାନଙ୍କ ମୁହଁରେ ଆଶାର ଅଲୋକ ଝଲସି ଉଠିଲା । ସମସ୍ତେ ସେହି ଭାଗ୍ୟବାନ ଯୁବକଙ୍କୁ ଧନ୍ୟଧନ୍ୟ କହିବାକୁ ଲାଗିଲେ । ଧୃଷ୍ଟଦ୍ୟୁମ୍ନଙ୍କ ଇସାରା ପାଇ ବରଣମାଳା ହାତରେ ଧରି କୃଷ୍ଣା ଆଗେଇ ଆସୁଥିଲେ । ଆଉ ସେହି ବ୍ରାହ୍ମଣ ଯୁବକଙ୍କ ଗଳାରେ ଲମ୍ବାଇଦେଲେ ବରଣମାଳା । ଚତୁର୍ଦ୍ଦିଗରୁ ପୁଷ୍ପବୃଷ୍ଟି ହେଲା । ଶଙ୍ଖ, ତୂରୀ, ମହୁରୀ, ଆଦି ବାଦ୍ୟ ବାଜି ଉଠିଲା । ରାଜା ଦ୍ରୁପଦଙ୍କ ଚକ୍ଷୁରୁ ଝରି ପଡୁଥିଲା ଟୋପାଟୋପା ଅଶ୍ରୁବିନ୍ଦୁ । ଏ ଲୁହ ତାଙ୍କର ଆନନ୍ଦର । ଆଦରଣୀୟା କନ୍ୟାର ସ୍ୱୟମ୍ବର ସଫଳ ହୋଇଛି । କ୍ଷତ୍ରିୟ ହେଉ କି ବ୍ରାହ୍ମଣ ହେଉ ଯୋଗ୍ୟ ବୀର ପୁରୁଷଙ୍କୁ ସେ ପାଇଛନ୍ତି ଜାମାତା ଭାବରେ । କନ୍ୟା ଦାୟରୁ ସେ ଏବେ ମୁକ୍ତ ।


ହଠାତ୍ ସଭାସ୍ଥଳୀରେ ଗୁଞ୍ଜରିତ ହୋଇ ଉଠିଲା ଏକ କୋଳାହଳ । ରାଜନ୍ୟମଣ୍ଡଳୀ ମଧ୍ୟରେ ପ୍ରତିବାଦର ସ୍ୱର । ଯାହାର ନେତୃତ୍ୱ ନେଇଥାନ୍ତି ଦୁର୍ଯ୍ୟୋଧନ ଓ ଶିଶୁପାଳ ଆଦି । କାରଣ ହେଲା, ଏତେ କ୍ଷତ୍ରିୟ ଥାଉଥାଉ ଜଣେ ବ୍ରାହ୍ମଣ କୃଷ୍ଣାଙ୍କୁ ବିବାହ କରିବେ । ଏହା ସମଗ୍ର କ୍ଷତ୍ରିୟମାନଙ୍କ ପ୍ରତି ଘୋର ଅପମାନ । ତେଣୁ ଏହି ଅପମାନର ପ୍ରତିଶୋଧ ନେବାପାଇଁ ଅନେକେ ଆଗେଇ ଆସିଲେ । ଆରମ୍ଭ ହୋଇଗଲା ବ୍ରାହ୍ମଣଙ୍କ ଉପରେ ଆକ୍ରମଣ । ଏହି ଅତର୍କିତ ଆକ୍ରମଣ ପାଇଁ କେହି ପ୍ରସ୍ତୁତ ନଥିଲେ । ତଥାପି ପ୍ରତିଆକ୍ରମଣ ତ କରିବାକୁ ପଡ଼ିବ । ବ୍ରାହ୍ମଣମାନେ ମଧ୍ୟ କମ୍ ନୁହଁନ୍ତି । ବିଶେଷକରି ସେମାନଙ୍କ ମଧ୍ୟରୁ ଜଣେ ଖୁବ୍ ହୃଷ୍ଟପୁଷ୍ଟ ବ୍ରାହ୍ମଣ ମାଡ଼ିଆସିଲେ ଆଗକୁ । ଗୋଟିଏ ଗଛର ଡାଳକୁ ଉପାଡ଼ି ଆଣି ଏପରି ଘୂରାଇବାରେ ଲାଗିଗଲେ ଯେ, ସମସ୍ତେ ଭୟରେ ଛତ୍ରଭଂଗ ହୋଇଗଲେ । କ୍ଷଣିକରେ ଯେମିତି ସଭାସ୍ଥଳଟି ରଣକ୍ଷେତ୍ରରେ ପରିଣତ ହୋଇଗଲା । କ'ଣ ପାଇଁ ଏମିତି ପରିସ୍ଥିତି ହେଲା, ମୁଁ କିଛି ବୁଝିପାରୁ ନଥିଲି । କୃଷ୍ଣାଙ୍କୁ ତ ସେମାନେ ବଳପୂର୍ବକ ଅପହରଣ କରିନେଇ ନାହାଁନ୍ତି । ଲକ୍ଷ୍ୟଭେଦର କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥିରେ ପ୍ରତିବାଦର ପ୍ରଶ୍ନ ଉଠୁଛି କାହିଁକି ? ବ୍ରାହ୍ମଣମାନଙ୍କୁ ସହାୟତା କରୁଥିଲେ ନିଜେ ଧୃଷ୍ଟଦ୍ୟୁମ୍ନ । ଏପଟେ କୃଷ୍ଣା ନିଜେ ଲକ୍ଷ୍ୟଭେଦ କରିଥିବା ଯୁବକ ଜଣକ ସାମନାରେ ଛିଡ଼ାହୋଇ ରକ୍ଷାକବଚ ପାଲଟି ଯାଇଥିଲେ । ମହାରାଜ ଦ୍ରୁପଦ ଏସବୁ ଘଟଣାରେ ମର୍ମାହତ ହୋଇ ସମସ୍ତଙ୍କୁ ଯେତେ ବୁଝାଇବାରେ ଚେଷ୍ଟାକଲେ ମଧ୍ୟ କେହି ତାଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ । ଶେଷରେ ଦ୍ରୁପଦ ରାଜାଙ୍କ ପକ୍ଷ ବିଜୟ ଲାଭକଲା । ଆମ୍ଭେମାନେ ସବୁ ହାରିଯାଇ ଘୋର ଅପମାନିତ ହୋଇ ନିଜନିଜ ରାଜ୍ୟକୁ ଫେରିଆସିଲୁ ।

ନିଜକୁ ସେଦିନ ମୁଁ ଧିକ୍କାର କରୁଥିଲି, ଭାବୁଥିଲି । କାହିଁକି ଗଲି ସ୍ୱୟମ୍ବରକୁ । ନ ଯାଇଥିଲେ ବରଂ ଭଲ ହୋଇଥାନ୍ତା । ହାୟରେ ହତଭାଗ୍ୟ କର୍ଣ୍ଣ । ତା ଜୀବନରେ କ'ଣ କେବଳ ଏଇଆ ଲେଖାଥିଲା । ନିମନ୍ତ୍ରିତ ହୋଇ ମଧ୍ୟ ଭରପୂର ରାଜସଭାରେ କୃଷ୍ଣାଙ୍କ ମୁହଁରୁ ସୂତପୁତ୍ରର ଅପମାନ ଶୁଣିବାକୁ ମିଳିଲା । ବଳ, ପରାକ୍ରମ ଥାଇ ମଧ୍ୟ ଲକ୍ଷ୍ୟଭେଦ କରିବାରୁ ହେଲି ବଞ୍ଚିତ । କିଏ କହେ ମୁଁ ଅଂଗରାଜ । ଭିକାରୀ ଭଳି ଅନ୍ୟର ଦୟାରେ ମୁଣ୍ଡରେ ପିନ୍ଧିଛି ରାଜମୁକୁଟ । କ'ଣ ଆବଶ୍ୟକ ଥିଲା ମୋର ରାଜପଦବି । ମୁଁ ସିନା ସେଦିନ ଦୁର୍ଯ୍ୟୋଧନଙ୍କ ଦୟାରେ ଅଂଗରାଜ ହୋଇଯାଇଥିଲି । ହେଲେ ଜଗତ ଜାଣେ ମୁଁ ସୂତପୁତ୍ର । ଅଶ୍ୱଚଳାଇବା ମୋର ବେଉସା । ତା'ଠାରୁ ଅଧିକ ଆଶାକରି ମୁଁ ସାରାଜୀବନ ଦୁର୍ଯ୍ୟୋଧନଙ୍କ ଠାରେ ବନ୍ଧା ପଡ଼ିଥିଲି । ଯେତେ ରାଜସିଂହାସନ, ମୁକୁଟ ବିମଣ୍ଡିତ ହେଲେ ମଧ୍ୟ ମୋତେ ରାଜା ବୋଲି କେହି ମାନିନେବନି । ମୁଁ ରହିଯିବି ସେଇ ରାଧେୟ ହୋଇ । ବାସ୍ତବରେ ନିଜ ପ୍ରତିପତ୍ତି, ପ୍ରତିଷ୍ଠା ଠାରୁ ଅଧିକ କିଛି ଆଶାକରି ମୁଁ ଯେଉଁ ଭୁଲ୍ କରିଛି ତାର ପରିଣାମ ମୋତେ ହିଁ ଭୋଗିବାକୁ ପଡ଼ିବ ।

ମୁଁ କର୍ଣ୍ଣ । ପ୍ରଥମରୁ ଭାଗ୍ୟ ମୋ ସପକ୍ଷରେ ନଥିଲା । ଏବେବି ନାହିଁ । ଆଉ ଆଗାମୀ ଦିନରେ ମୋ ପ୍ରତି ଯାହାସବୁ ଘଟିବ, ତାକୁ ମଧ୍ୟ ସହିବାକୁ ମୋତେ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ । ହସ୍ତିନାପୁରରୁ ବାହାରିଲା ବେଳେ ଆମେ ସମସ୍ତେ ବେଶ୍ ଉତ୍ସାହର ସହ ଯାଇଥିଲୁ । ହେଲେ ଫେରିଲୁ କ'ଣ ନେଇ । ଖାଲି ଅପମାନ, ଲାଞ୍ଛନା । ସମସ୍ତଙ୍କ ଠାରୁ ମୋତେ ହିଁ ମିଳିଥିଲା ବେଶି ଅପମାନ । ହାୟରେ ଦୁର୍ଭାଗ୍ୟ ! କର୍ଣ୍ଣ ନାମକ ବ୍ୟକ୍ତିଟି ଭାଗ୍ୟରେ କ'ଣ କେବଳ ଚିରଦିନ ଅପମାନ, ଲାଞ୍ଛନା ଲେଖାଅଛି । କିଏ ଜାଣେ, ଏମିତି ନାନା ଦୁଶ୍ଚିନ୍ତାରେ ସେଦିନ ରାତିରେ ମୁଁ ଆଦୌ ଶୋଇପାରିଲି ନାହିଁ ।

- ଏକତିରିଶ -

କାମ୍ପିଲ୍ୟ ନଗରୀରୁ ଅପମାନିତ ହୋଇ ଫେରିଲା ପରେ ଆମର ଆଉ ପରସ୍ପର ସହ ଭେଟ ହୋଇନଥିଲା । ମୁଁ ମଧ୍ୟ କିଛିଦିନ ଧରି ଦୁର୍ଯ୍ୟୋଧନ ଇତ୍ୟାଦିଙ୍କ ସହ ସାକ୍ଷାତ କରିନଥିଲି । ମନଟା ଭଲ ନଥିଲା । ଏକା ଏକା ନିଜ ଘର ଅଗଣାରେ ବସିଥିଲି । ରାସ୍ତାରେ କୋଳାହଳ ଶୁଭୁଥିଲା କିଛି ଗୋଟେ ଖବରକୁ ନେଇ ପରସ୍ପର ଭିତରେ କଥାବାର୍ତ୍ତା ହେଉଥିଲେ । କଥା କ'ଣ ଜାଣିବାକୁ ଘରୁ ବାହାରି ଯାହା ଶୁଣିବାକୁ ପାଇଲି, ସେଥିରେ ମୁଁ ନିଜେ



ସ୍ତମ୍ଭୀଭୂତ ହୋଇପଡ଼ିଲି । ଏମିତି ଗୋଟେ ସମ୍ବାଦକୁ ମୁଁ ଅପେକ୍ଷା କରିଥିଲି । ସମ୍ବାଦଟା ମୋ ପାଇଁ ସେତେଟା ନୂତନ ନଥିଲା । କାରଣ ମୁଁ ଯାହା ପୂର୍ବରୁ ସନ୍ଦେହ କରିଥିଲି । ସେଇଆ ତ ଘଟିଲା । ତଥାପି ସଂପୂର୍ଣ୍ଣ ସମ୍ବାଦଟା ଜାଣିବାପାଇଁ ବାଟଚଲା ପଥିକକୁ ଡାକି ପଚାରିଲି । ସେ କହିଲା ଆପଣ କ'ଣ ଜାଣିନାହାଁନ୍ତି ଅଂଗରାଜ । ଗୁପ୍ତଚର ଖବର ଆଣିଛି ପାଣ୍ଡବମାନେ ଜୀବିତ । ରାଜା ଦ୍ରୁପଦଙ୍କ ରାଜସଭାରେ ଯେଉଁ ବ୍ରାହ୍ମଣ ଯୁବକ ଲକ୍ଷ୍ୟଭେଦ କଲେ ସେ ଅର୍ଜୁନ । ଖବରଟା ପୂରା ହସ୍ତିନାପୁର ରାଜ୍ୟସାରା ଚହଳ ପକାଇ ଦେଇଛି । ମୋର ଅନୁମାନ ଠିକ୍‌ଥିଲା । ଯେଉଁଦିନ ପିତାମହ ଭୀଷ୍ମ ଓ ମହାମନ୍ତ୍ରୀ ବିଦୁର ଶୋକାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେଲେନାହିଁ । ସେହିଦିନ ଠାରୁ ମୁଁ ତ ନିଶ୍ଚିତ ଥିଲି ଯେ ପାଣ୍ଡବମାନେ କେଉଁଠି ନା କେଉଁଠି ଜୀବିତ ଅବସ୍ଥାରେ ରହିଛନ୍ତି ।

ହଁ ଜନ୍ମ, ମୃତ୍ୟୁ । ଏହା ଧ୍ରୁବସତ୍ୟ ହେଲେ ମଧ୍ୟ କାହାରି ନିୟନ୍ତ୍ରଣାଧୀନ ନୁହେଁ । କେହି କାହାରି ମୃତ୍ୟୁ କାମନା କଲେ ମଧ୍ୟ ମୃତ୍ୟୁ ସ୍ୱତଃ ଆସେନି । ଯାହାକୁ ମହାକାଳ ରକ୍ଷାକରିବ ତା ପାଖରେ ଚକ୍ରାନ୍ତ, ଷଡ଼ଯନ୍ତ୍ର କିଛି ବି କାମ କରିବନି । ପାଣ୍ଡବମାନେ ଜୀବିତ ଅଛନ୍ତି । ଏହା ଦୁର୍ଯ୍ୟୋଧନ, ମାମୁ ଶକୁନିଙ୍କ ପାଇଁ ଖୁସି ଖବର ନହେଲେ ମଧ୍ୟ ମୋ ପାଇଁ ନିଶ୍ଚିତ ଖୁସିଖବର କାରଣ, ଶତ୍ରୁ ହେଲେ ମଧ୍ୟ ମୁଁ ସେମାନଙ୍କ ଏଭଳି ମୃତ୍ୟୁ ଚାହୁଁ ନଥିଲି । ଏତକ ବି ଜାଣେ, ସେମାନଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ଖୁବ୍ ବିରଳ । ସତ୍ୟ, ଧର୍ମର ପୂଜାରୀ ସେମାନେ । ବିଶେଷକରି ଯୁଧିଷ୍ଠିର । ପାଞ୍ଚଭାଇ ହେଲେ ମଧ୍ୟ ଜ୍ୟେଷ୍ଠ ଯୁଧିଷ୍ଠିରଙ୍କ ନିଷ୍ପତ୍ତି ହିଁ ସର୍ବଶେଷ ନିଷ୍ପତ୍ତି । ଦୁର୍ଯ୍ୟୋଧନ ଆଦି କୌରବଗଣ ସିନା ସେମାନଙ୍କୁ ସହି ପାରନ୍ତି ନାହିଁ । ନହେଲେ ସେମାନେ ଯେ କୌରବମାନଙ୍କଠାରୁ ଅନେକ ଗୁଣରେ ଶ୍ରେୟ । ଏକଥା କେବଳ ମୁଁ କାହିଁକି ସମସ୍ତେ ହିଁ ମୁକ୍ତକଣ୍ଠରେ ସ୍ୱୀକାର କରିବେ । ସେଇଥିପାଇଁ ତ ହସ୍ତିନାପୁରବାସୀଙ୍କ ପାଇଁ ସେମାନେ ପ୍ରିୟ ମଣିଷ । ମୁଁ ତେଣୁ ସେମାନଙ୍କ ଜୀବିତ ଥିବା ସମ୍ବାଦରେ ଆଦୌ ବିଚଳିତ ନୁହେଁ । ବରଂ ଅନେକ ଖୁସି । ତେବେ ପରମୁହୂର୍ତ୍ତରେ ଦୁଃଖ ମଧ୍ୟ ଲାଗୁଥିଲା, ଅନ୍ୟ ଏକ ସମ୍ବାଦ ପାଇଁ । ଜତୁଗୃହରୁ କୌଶଳକ୍ରମେ ଖସିଆସି ସେମାନେ ଅରଣ୍ୟ ମଧ୍ୟରେ ଘୂରି ବୁଲୁଥିଲେ । ଆଉ ସ୍ୱୟଂମ୍ବର ସଭାରେ ବ୍ରାହ୍ମଣର ଛଦ୍ମବେଶରେ ଯାଇ କୃଷ୍ଣାଙ୍କୁ ଜିତିଲେ । ତେବେ, ଦୂତ କହିବା ଅନୁସାରେ କୃଷ୍ଣାଙ୍କୁ ପାଣ୍ଡବ ପାଞ୍ଚଭାଇଯାକ ପତ୍ନୀ ରୂପେ ଗ୍ରହଣ କରିଛନ୍ତି । ଇଏ ପୁଣି କି ପ୍ରକାର କଥା । ଇଏ ତ ଆର୍ଯ୍ୟବିରୋଧୀ ଏଭଳି ସମ୍ବାଦ ମୋ ମନରେ ଭରି ଦେଇଥିଲା ଘୃଣା । ପାଣ୍ଡବମାନେ ଏତେ ନୀତିବାନ ହୋଇ ଶେଷରେ ଏ କ'ଣ କଲେ ? ଏହା ତ ଆମ ସଂସ୍କୃତି ବିରୋଧୀ । କାହିଁ କେଉଁ ଯୁଗରୁ ପୁରୁଷ ପାଇଁ ବହୁପତ୍ନୀ ବିବାହ ପ୍ରଚଳିତ । କିନ୍ତୁ ନାରୀ ପାଇଁ ବହୁପତି ବିବାହ ! ଏମିତି କେବେ ପୂର୍ବରୁ ଶୁଣାଯାଇ ନଥିଲା ।

ମୁଁ କେବଳ ଭାବୁଥିଲି ଯୁଧିଷ୍ଠିର, ଧର୍ମର ରକ୍ଷକ । ତାଙ୍କ ବିନା ଅନୁମତିରେ କେହି ଭାଇ କିଛି ବି ନିଷ୍ପତ୍ତି ନେଇପାରନ୍ତି ନାହିଁ । ଏ ନିଷ୍ପତ୍ତି ତେବେ କ'ଣ ସ୍ୱୟଂ ଯୁଧିଷ୍ଠିରଙ୍କର ? କିନ୍ତୁ ଏମିତି ସେ କାହିଁକି କଲେ ? ଯାହାପାଇଁ ସମଗ୍ର ହସ୍ତିନାପୁରବାସୀ ଗର୍ବ କରନ୍ତି । ଯାହାର ବ୍ୟକ୍ତିତ୍ୱ ପାଖରେ ସମସ୍ତେ ମୁଣ୍ଡନୁଆଁଇ ଦେଇଥାନ୍ତି । ସେଭଳି ବ୍ୟକ୍ତିତ୍ୱ ପାଖରେ ଏଭଳି ଅମର୍ଯ୍ୟାଦା କେବେ ଶୋଭାପାଏନି । ଏହା ତ କେବଳ ତାଙ୍କର ନିଜସ୍ୱ କଳଙ୍କ ନୁହେଁ, ସମଗ୍ର କୁରୁବଂଶର କଳଙ୍କ ।

କିଛିଦିନ ପରେ ସବୁକଥା ସ୍ପଷ୍ଟ ହୋଇଗଲା । କେମିତି କେଉଁ ପରିସ୍ଥିତିରେ ପଡ଼ି ପଞ୍ଚପାଣ୍ଡବ କୃଷ୍ଣାଙ୍କୁ ପତ୍ନୀରୂପେ ଗ୍ରହଣକରି ନେଇଛନ୍ତି ତାହା ଯେତିକି କୌତୁକପୂର୍ଣ୍ଣ ସେତିକି ଆଶ୍ଚର୍ଯ୍ୟ । ଘଟଣାଟି ଥିଲା ଏହିପରି । ଦ୍ରୁପଦଙ୍କ ରାଜଦରବାରରୁ କୃଷ୍ଣାଙ୍କୁ ଜୟକରି ଅର୍ଜୁନ ଅନ୍ୟଭାଇମାନଙ୍କ ସହ ନିଜ ଘରକୁ ଆସିଥିଲେ । ସେତେବେଳେ ସୂର୍ଯ୍ୟାସ୍ତ ହୋଇଯାଇଥାଏ । ସେମାନେ କୁଟୀର ପାଖରେ ବସି ସବୁଦିନ ପରି ମାତା କୁନ୍ତୀକୁ ଡାକନ୍ତି । ମାତା କୁନ୍ତୀ ସେତେବେଳେ ଘର ଭିତରେ କାର୍ଯ୍ୟବ୍ୟସ୍ତ ଥିଲେ । ଯୁଧିଷ୍ଠିର ଆନନ୍ଦରେ ଯେବେ କହିଲେ ମାଆ ଦେଖିବ ଆସ । ଆମେ ତୁମପାଇଁ ମନଲୋଭା ଜିନିଷ ଆଣିଛୁ । ଭିତରୁ ଥାଇ କୁନ୍ତୀ କୁହନ୍ତି ଯାହା ଆଣିଛ ତାହାକୁ ସମାନ ଭାବରେ ବାଣ୍ଟି ନେଇନିଅ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

# ଆଜିର କବିତା

## ଭୋକ

ଅନସୂୟା ପଣ୍ଡା



ଅନ୍ୱେଷଣର ଜୀବନ ଏଠି
କେବେ ଖାଦ୍ୟକୁ ଖୋଜେ କେବେ
ଅସ୍ତିତ୍ୱକୁ
କେବେ ପେଟର ତାଡନାରେ କେବେ
ଦେହର ଭୋକରେ
ଝଡ ତୋଫାନ, ମହାମାରୀ,
ମହାସମର ଭିତରେ ବି
ଭିନ୍ନ ଭିନ୍ନ ରୂପରେ ଭୋକ ଦଉଡେ ।

ସତେରେ ଯେମିତି ନଅଙ୍କ ଦୁର୍ଭିକ୍ଷ
ପୀଡିତଟେ ଭଳି
ସମସ୍ୟାର ବାଦଲ ଘନେଇଥିଲେ କି
ମୁଣ୍ଡ ଉପରୁ ଛାତ,
ପାଦ ତଳ ମାଟି ଧସି ଥିଲେ
ଭୋକ ମନରୁ ଦେହକୁ ଦେହରୁ ପେଟକୁ
ଗାଁ ରୁ ସହରକୁ ସହରରୁ ମେଟ୍ରୋକୁ
ଭୋକ ଦଉଡୁଥାଏ
ଅବତାର ବଦଳେଇ ବଦଳେଇ ।
କେବେ ସାଉକାରର ଭୋକ
ଲଥପଥ କରେ ତ'
କେବେ ରାଜନୀତିର ଭୋକ
ଲହୁଲୁହାଣ କରେ
କେବେ ଅମଲାତନ୍ତ୍ରର ଭୋକ
ଶୋଷଣର ଜିହ୍ୱାକୁ ହଲାଏ
ପୁଣି କେବେ ଜାତିଭେଦର ଭୋକରେ
ଅବହେଳିତଙ୍କ କଙ୍କାଳର ଦୁର୍ଗ ଗଢା ହୁଏ ।

ଏଠି ଭୋକର ତାଣ୍ଡବ ଅହରହ କଡ
ଲେଉଟାଏ, ନିଦକୁ ହଜାଏ
ବିଦୀର୍ଣ୍ଣ କରେ, ମଣିଷର ଅସ୍ତିତ୍ୱକୁ ବଖାଣେ
ଏକ ବୀତସ୍ପୃହ ସଭ୍ୟତାର ନିଖୁଣ ସତ୍ୟକୁ
ହୁ ହୁ ଜଳୁଥିବା
ଭୋକମାନଙ୍କର ଚିତ୍ର ପଟକୁ ।


କେବେ ଅନ୍ଧାରରେ କେବେ ଦିନରେ
କେବେ କଠୋରତାରେ ତ'
କେବେ ଅନଭିଜ୍ଞ ଜୀବନ ଯାତ୍ରାରେ
ଭୋକର ସୁନାମୀ ଉଠେ ଆଉ ଉଜାଡି ଦିଏ
ନଭଶ୍ଚୁମ୍ବୀ ଅଟ୍ଟାଳିକାକୁ ।

ସ୍ୱପ୍ନର ସହର ଭାସିଯାଏ
ଭୟର ମହା ସମୁଦ୍ରରେ
ପରିଚିତ ଅପରିଚିତ ଲାଗେ
ନିଜର ବୋଲି ସ୍ୱାକ୍ଷର ଥିବା
ଲୋକମାନେ ଅଚିହ୍ନା ଲାଗନ୍ତି
ଭୋକର ଗ୍ରହଣ ଗିଳିଦିଏ
ଅନେକ ଜୀବନ ।

ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର,
ଓଡିଶା, (ମୋ)୯୪୩୯୨୧୧୯୭୧

## ବୋଉ...

ଝରଣା ବାରିକ



ପ୍ରସବ ଯନ୍ତ୍ରଣାକୁ ହସି ହସି
ସହି ସନ୍ତାନଟିକୁ ଯିଏ
ଦୁନିଆଁକୁ ଆଣେ
ସିଏ ବୋଉ ।
ଚିରା ପଣତ କାନିକୁ ଢାଙ୍କି
ଯିଏ ସବୁ ବିପଦକୁ
ନିଜ ଉପରକୁ ନେଇଯାଏ
ସିଏ ବୋଉ ।
ଦୁଃଖ ବୋଲି ଗୋଟିଏ ଜିନିଷ
ଅଛି ଯାହା କେବେବି
ନିଜ ସନ୍ତାକୁ ଜାଣିବାକୁ
ଦିଏ ନାହିଁ
ସିଏ ବୋଉ ।
ଅଭାବ ଅସୁବିଧାରେ ଥାଇ
ଯିଏ ସନ୍ତାନର
ସବୁ ଅଳିକୁ ପୂରଣ କରେ
ସିଏ ବୋଉ ।
ଯାହା କୋଳରେ ମୁଣ୍ଡ ରଖି
ଶୋଇ ପଡିଲେ
ଦୁନିଆଁର ସବୁ ସୁଖ ଶାନ୍ତି
ମିଳିଯାଏ
ସିଏ ବୋଉ ।
ଯାଆ ହାତର ଶାଗ ପଖାଳ
ଆଳୁ ଚକଟରେ
ଅମୃତ ଭରି ରହିଥାଏ
ସିଏ ବୋଉ ।
ରୋଷେଇ କରି ସମସ୍ତଙ୍କୁ
ବାଢି ଦେଇ ଯିଏ
ଶେଷରେ ବଳକା ଖାଇବାକୁ ଖାଇ
ଆତ୍ମ ତୃପ୍ତି ପାଏ
ସିଏ ବୋଉ ।
କାହା ଉପରେ ଅଭିମାନ
ନ କରି
ନିଜ କାମକୁ ଠିକ୍
ଭାବରେ ତୁଲେଇ ବା ଯେମିତି
ତାର ଜନ୍ମ ଗତ ଅଭ୍ୟାସ
ସିଏ ବୋଉ ।
ପରିବାର କୁ ଏକାଠି ଗୋଟିଏ
ସୂତାରେ ବାନ୍ଧି
ସମସ୍ତଙ୍କୁ ମମତା
ବାଣ୍ଟି ବାରେ
ଯିଏ ସିଦ୍ଧ ହସ୍ତା
ସିଏ ବୋଉ ।

+ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

# ମନ ଉପରେ ସ୍ୱଚ୍ଛତାର ପ୍ରଭାବ

## ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍



ପରିବେଶ ବା ବାତାବରଣର ସ୍ୱଚ୍ଛତା ମନ ଉପରେ ଓ ବ୍ୟକ୍ତିତ୍ୱ ଉପରେ ଖୁବ୍ ପ୍ରଭାବ ପକାଇ ଥାଏ । ତେଣୁ ଆମେ ଯେଉଁଠି ରହୁଛନ୍ତି, ଆମର ଘର ହେଉ, ବଗିଚା ହେଉ କିମ୍ବା ନିଜର କକ୍ଷ ହେଉ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିବା ଆବଶ୍ୟକ । ଧୀରେ ଧୀରେ ମେସିନ୍ ଅଧିକ ସକ୍ରିୟ ହୋଇଚାଲୁଛି ଏବଂ ଆମେ ଅଧିକ ଅଳସୁଆ ହୋଇଯାଉଛନ୍ତି । ଜଣ ଜଣଙ୍କ ଘରକୁ ଆପଣ ଯିବେତ ଦେଖିବେ ଶୋଇବା ଖଟର ବେଡସିଟ୍ ଭଲରେ ପଡିନଥିବ, ଖଟ ଉପରେ ଲୁଗାପଟା, ଖାଇବା ପ୍ଲେଟ୍ , ପେପର, ଖେଳଣା ବିଛାଡି ହୋଇ ପଡିଥିବ, ସୋଫା ଉପରେ କୁକୁର ବିଲେଇ ଶୋଉଥିବେ ଓ ଥାଳି କି ଗିନାଟିଏ ରଖା ହୋଇଥିବ, ଆଲଣା ଆଡେ ଚାହିଁଲେ ଦେଖିବେ ଲୁଗାପଟା ସଜଡା ନହୋଇ ଅଳିଆ ଗଦା ଭଳି ଗଦା ହୋଇଥିବ । ବାର୍ଥରୁମ୍‌କୁ ଯାଇ ଦେଖିବେ ଉପରେ ବୁଢିଆଣି ବସା ତ ତଳେ ଶିଉଳି ଲାଗିଥିବ, ଘର ଡାଇନିଂ ବା ଡ୍ରଇଂରୁମ୍‌ରେ ଦେଖିବେ ଝାଡୁ, କୁଲା, ଝୁଡି, ଜରି ଖୋଳ ଯିଏ ଯାହା ଯେଉଁଠି ପକେଇଥିବେ, ଦୁଆର ମୁହଁରେ ଗୁଡାଏ ଯୋତା ଚପଲ ଅସଜଡା ହୋଇ ପଡିଥିବ ତ କେଉଁଠି ପାନଛେପ, ଚିପ୍ସ କୁରୁକୁରାର ଜରି ପଡିଥିବ । କୌଣସି ଜିନିଷ ଠିକ୍ ସ୍ଥାନରେ ରହୁନଥିବ ।

ଏସବୁ ଅସଜଡା ବସ୍ତୁ ମଣିଷର ମନକୁ ମଧ୍ୟ ଅସଜଡା କରିଦିଏ । ନିଜ ଭିତରେ ଏକାଗ୍ରତା, ସ୍ଥିରତା, ଆତ୍ମସନ୍ତୋଷର ଅଭିବୃଦ୍ଧିକୁ ରୋକିଥାଏ । ପ୍ରତ୍ୟକ ଆତ୍ମା ସ୍ୱଚ୍ଛ ଓ ପବିତ୍ର । ପ୍ରତ୍ୟକ ଆତ୍ମାକୁ ସ୍ୱଚ୍ଛତା ଭଲଲାଗେ, ଏହା ହେଉଛି ପ୍ରାକୃତିକ ସତ୍ୟ । ଆମମାନଙ୍କର ଘର ବା କୋଠରୀ ପକ୍କା ହେଉ କି ମାଟି, ବଙ୍ଗଳା ହେଉ କି କୁଡିଆ, ତା'ର ରକ୍ଷଣାବେକ୍ଷଣ, ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ଆମର ଦାୟିତ୍ୱ । ଆମମାନଙ୍କ ଅଳସୁଆମୀ ଯୋଗୁଁ ଆମ ପିଲାମାନେ ଶୃଙ୍ଖଳିତ ଜୀବନଧାରା ପ୍ରତି ଅନୁପ୍ରାଣିତ ହେବାରୁ ବଞ୍ଚିତ ହେଉଛନ୍ତି । ଆମେ ପିଲାମାନଙ୍କୁ ପରିଷ୍କାର ରହିବାକୁ, ଘର ଅଳିଆ ନକରିବାକୁ ସବୁବେଳେ କହୁଛନ୍ତି ଅଥଚ ନିଜେ ଟିଭି ଦେଖିବା, ଦୀର୍ଘ ସମୟ ଫୋନରେ ଗପିବା, ବୁଲାବୁଲିରେ ଆଗ୍ରହ ରଖିବା, ଅଧିକ ସମୟ ଶୋଇରହିବାରେ ସମୟ ଦେଇ ଘରର ସ୍ୱଚ୍ଛତା ପ୍ରତି ଧ୍ୟାନ ଦେଉନାହାନ୍ତି ।

ଜଣ ଜଣଙ୍କ ଘରର ପରିଷ୍କାର ପରିଚ୍ଛନ୍ନତା ଦେଖି ଖୁବ୍ ସହଜରେ ସେମାନଙ୍କର ବ୍ୟକ୍ତିତ୍ୱ ଆକଳନ କରିହୁଏ । ଘର ବା ନିଜ ରୁମ୍‌କୁ ସଜାଡି ରଖିବା, ସ୍ୱଚ୍ଛ ରଖିବା ବି ଗୋଟେ କଳା । ଏ କଳା ପ୍ରାୟତଃ ଗୃହିଣୀମାନେ ହିଁ ଭଲ ପ୍ରଦର୍ଶନ କରିଥାନ୍ତି । ଯେଉଁଠି ଘରର ଆସବାବ ବା ଜିନିଷପତ୍ର ଅସଜଡା ଭାବେ ଏପଟ ସେପଟ ହୋଇ ପଡିଥାଏ, ସେଠି ଆମ ପିଲାକୁ ବସି ପଢିବାକୁ କହିଲେ ତା'ର ମସ୍ତିଷ୍କରେ ସ୍ଥିରତା ବା ଏକାଗ୍ରତା ଆସିନଥାଏ । ପିଲାକୁ ଶୃଙ୍ଖଳା ଓ ସଂସ୍କାର ପ୍ରତି ସଚେତନ କରାଇବା ପୂର୍ବରୁ ତାର ଚତୁଃର୍ପାଶ୍ୱକୁ ପରିଷ୍କାର ଓ ପରିବେଶକୁ ମାର୍ଜିତ, ଶୃଙ୍ଖଳିତ ରଖିବା ନିହାତି ଆବଶ୍ୟକ । ଆପଣ ନିଜର ଘର ବା ବିଶ୍ରାମଘରକୁ ସଜାଇ ସ୍ୱଚ୍ଛ ଓ ସୁନ୍ଦର ରଖନ୍ତୁ ଦେଖିବେ ଏକ ଭିନ୍ନ ପ୍ରକାରର ଶାନ୍ତି ଓ ଆନନ୍ଦ ଅନୁଭବ ହେବ । ସେ ଆନନ୍ଦ ମସ୍ତିଷ୍କରେ ସକରାତ୍ମକ ପ୍ରଭାବ ପକାଇବ । ଆପଣଙ୍କଠୁ ଦେଖି ଆପଣଙ୍କ ପିଲାମାନେ ମଧ୍ୟ ଶୃଙ୍ଖଳିତ ହେବା ଆରମ୍ଭ କରିବେ । ଠିକ୍ ଜିନିଷ ଠିକ୍ ସ୍ଥାନରେ ରଖିବା ଏବଂ ନିଜ କୋଠରୀକୁ ସଜାଇ ସ୍ୱଚ୍ଛ ଓ ସୁନ୍ଦର ରଖିବାର ଅଭ୍ୟାସରେ ପଡିଯିବେ ।

କାର୍ଯ୍ୟବ୍ୟସ୍ତତା, ଅସୁସ୍ଥତା ଓ ସମୟ ଅଭାବର ଦ୍ୱାହୀ ଦେଇ ଆମେ ଦିନକୁ ଦିନ ଅଳସୁଆ ହୋଇଯାଉଛନ୍ତି । ଆଧୁନିକ ମେସିନ୍ ଉପରେ ଅଧିକ ନିର୍ଭର କରି ନିଜ ଶରୀରକୁ ଆରାମ ଦେବା ଆଳରେ ରୋଗ କିଣୁଛନ୍ତି । ଶ୍ରମ କରିବାର ଆଗ୍ରହ ଆଉ କାହାର ନାହିଁ । ଆମ ଘରକୁ ଆମେ ଯେମିତି ସଜାଡି ରଖିପାରିବା କୌଣସି କାମବାଲି ରଖିପାରିବ ନାହିଁ । ତେଣୁ ଅନ୍ତତଃ ସପ୍ତାହରେ ଥରେ କିଛି ସମୟ ବିନିଯୋଗ କରି ନିଜ ଘର ବା ଗୃହାସ୍ଥାଶ୍ରମକୁ ସ୍ୱଚ୍ଛ ସୁସ୍ଥ ବାତାବରଣ ଦେଇ ପରିବାର ପରିଜନଙ୍କ ମାନସିକ ସୁସ୍ଥତା, ଶାନ୍ତି, ଆନନ୍ଦ ପ୍ରତି ଯତ୍ନଶୀଳ ହେବା ଉଚିତ୍ । ଅଳ୍ପ କିଛି ପରିଶ୍ରମରେ ଆମେ ଆମ ଛୋଟ ଘର ଭିତରେ ସ୍ୱର୍ଗୀୟ ବାତାବରଣ ଆଣି ପାରିବା ଯାହା ଆମ ମନ, ବିଚାର ଓ ସମ୍ପର୍କ ପ୍ରତି ଆନନ୍ଦମୟ ଭାବଧାରା ଉଦ୍ରେକ କରାଇବ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼୍, ଭୁବନେଶ୍ୱର

# ଆଦିବାସୀଙ୍କ କଲ୍ୟାଣ କଥା କହିବାକୁ ବିଜେପିର ନୈତିକ ଅଧିକାର ନାହିଁ : ବିଜେଡି

ଭୁବନେଶ୍ୱର,୨୦/୧୦ (ନି.ପ୍ର): ଓଡିଶା ବିଜେପି ସଭାପତି ସମୀର ମହାନ୍ତି କେବଳ ଓଡିଶାର ନିରୀହ ଆଦିବାସୀମାନଙ୍କ ଉପରେ ରାଜନୀତି କରିବାକୁ ଆଗ୍ରହୀ । ଓଡିଶା ବିଜେପି ପାଇଁ ଏହା କେବଳ ଏକ ରାଜନୈତିକ କାର୍ଡ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି । ରାଜ୍ୟ ବିଜେପି ସଭାପତି ଶ୍ରୀ ମହାନ୍ତିଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ମାଝି କହିଛନ୍ତି ଯେ ଆଦିବାସୀ କଲ୍ୟାଣ ବିଷୟରେ କହିବାକୁ ଓଡ଼ିଶା ବିଜେପିର ନୈତିକ ଅଧିକାର ନାହିଁ । କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ସେମାନଙ୍କ ଦଳର ସରକାର ଆଦିବାସୀ ଛାତ୍ରବୃତି ବନ୍ଦ କରିଦେଇଛନ୍ତି । ଆଦିବାସୀ ବିକାଶ ଏବଂ ଆଦିବାସୀ କଲ୍ୟାଣ ପାଇଁ ଦିଆଯାଉଥିବା ଅର୍ଥକୁ ତାଙ୍କରି ଦଳ ପରିଚାଳିତ ସରକାର ହ୍ରାସ କରିଛନ୍ତି । ଓଡିଶାର ବିଜେପି ସାଂସଦମାନେ ଦିଲ୍ଲୀରେ ଆଦିବାସୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହକୁ ବନ୍ଦ କରିଦେଇଛନ୍ତି ।

ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଏବଂ ଜାତିର ଅର୍ନ୍ତଭୁକ୍ତିକୁ ସେମାନଙ୍କ ଦଳ ପରିଚାଳିତ କେନ୍ଦ୍ର ସରକାର ବହୁ ବର୍ଷ ଧରି ପକାଇ ରଖିଛନ୍ତି । ସମ୍ବିଧାନର ସପ୍ତମ ଧାରାରେ ଆଦିବାସୀ ଭାଷାକୁ ଅର୍ନ୍ତଭୁକ୍ତ କରିବା ବି କେନ୍ଦ୍ର ସରକାରଙ୍କର ବିଚାରାଧୀନ ଅଛି ଯଦିଓ ଓଡ଼ିଶା ସରକାର ସେମାନଙ୍କ ଅନ୍ତର୍ଭୁକ୍ତ ପାଇଁ ଜୋର ଦେଇ ଆସୁଛନ୍ତି । ବିଜୁ ଜନତା ଦଳର ସାଂସଦମାନେ ବାରମ୍ବାର ସଂସଦରେ ଏହାକୁ ଅନ୍ତର୍ଭୁକ୍ତ ପାଇଁ ଦାବି କରି ଆସୁଛନ୍ତି । ଏହା ସତ୍ୱେ ଓଡିଶା ସରକାର ଆଦିବାସୀମାନଙ୍କ ପାଇଁ ଜମିଜମା ରେକର୍ଡ ସୁନିଶ୍ଚିତ କରିଛନ୍ତି । ଆଦିବାସୀ ସମ୍ପ୍ରଦାୟର ବ୍ୟାପକ ବିକାଶ ସେମାନଙ୍କର ସାମାଜିକ-ଅର୍ଥନୈତିକ ସୂଚକାଙ୍କରେ ବ୍ୟାପକ ଉନ୍ନତି ଆଣିଛି । ସମଗ୍ର ଦେଶରେ ଓଡିଶା ସର୍ବାଧିକ ପରିମାଣର ଛାତ୍ରବୃତି ପ୍ରଦାନ କରୁଛି ।

ଆଦିବାସୀ ହଷ୍ଟେଲଗୁଡିକରେ ଓଡିଶାରେ ସର୍ବାଧିକ ଝିଅ ଅଛନ୍ତି ଏବଂ ଓଡିଶା ହେଉଛି ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଏସ୍×ଡିସି ଥିବା ଏକମାତ୍ର ରାଜ୍ୟ ଯେଉଁଠାରେ ବ୍ୟାପକ ବିକାଶମୂଳକ କାର୍ଯ୍ୟ କରାଯାଇଛି । ଆଦିବାସୀ ପ୍ରସଙ୍ଗକୁ ନେଇ ରାଜନୀତି କରିବା ପରିବର୍ତ୍ତେ, ଓଡିଶା ବିଜେପି ଦିଲ୍ଲୀ ଦରବାରରେ ପଡି ରହିଥିବା ଆଦିବାସୀଙ୍କ ଦାବି ଗୁଡିକର କିଭଳି ସମାଧାନ ହୋଇପାରିବ ସେଥିପାଇଁ ତାଙ୍କର ଦଳ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିବା ଉଚିତ୍ ବୋଲି ବିଜେଡି ମୁଖପାତ୍ର କହିଛନ୍ତି ।

# ଯୁବ କଂଗ୍ରେସ ପକ୍ଷରୁ ତୈଳ ଦରବୃଦ୍ଧି ପ୍ରତିବାଦରେ ରାସ୍ତା ଅବରୋଧ

ଭୁବନେଶ୍ୱର,୨୦/୧୦ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ତୈଳ / ରନ୍ଧନଗ୍ୟାସ / ଅତ୍ୟାବଶକୀୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ମାଷ୍ଟରକ୍ୟାଂଟିନ ଠାରେ ଜନପଥ ରାସ୍ତାକୁ ଦେଢ଼ଘଂଟା ଧରି ଅବରୋଧ କରାଯାଇଥିଲା । ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି ପରୀପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ନିଷ୍ପତିରେ ଆଜି ପେଟ୍ରୋଲ/ ଡିଜେଲ / ରନ୍ଧନଗ୍ୟାସ ଓ ସମସ୍ତ ଅତ୍ୟାବଶକୀୟ ସାମଗ୍ରୀର ଦର ଅତି ଅମାନବିୟ ଭାବରେ ବୃଦ୍ଧି କରାଯାଇଛି । ସାଧାରଣ ଜନତା ଅନୁଭବ କରୁଛନ୍ତି ରାଜ୍ୟରେ ଓ ଦେଶରେ ଆଉ ଗଣତନ୍ତ୍ରର ଶାସନ ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ଦଳ ପ୍ରତିଶ୍ରୁତି ଦେଇଥିଲେ ପେଟ୍ରୋଲ / ଡିଜେଲ ଦର ୪୦ଟଙ୍କାରେ ସୀମିତ ରଖିବେ । ମୋଦି ସରକାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୩୦ ଡଲାରୁ ୮୦ ଡଲାର ପର୍ଯ୍ୟନ୍ତ ଯାଇଛି । ହେଲେ ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କା ପାର ହୋଇଥିବା ବେଳେ ରନ୍ଧନଗ୍ୟାସ ଟାଙ୍କି ୧୦୦୦ ଟଙ୍କାରେ ପଂହଚିଛି । ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ମୋଦି ସରକାରର ଏହି ଦରବୃଦ୍ଧି ଅତ୍ୟାଚାର ସମର୍ଥନ କରୁଛନ୍ତି । ଯୁବ ବିଜେଡ଼ି ଦଳ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି କାରଣ ନବୀନ ସରକାରରେ ମଧ ଏହି ଦରବୃଦ୍ଧିରେ ବଡ଼ ଅଂଶ ରହିଛି । ଦରବୃଦ୍ଧି ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଶ୍ରୀ ପାତ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଯୁବ କଂଗ୍ରେସ ମୁଖପାତ୍ର ଅଜୟ ସାହୁ, ସଂକୁନା କହଁର, କୃଷ୍ଣ ମହାନ୍ତି, ସୁବ୍ରତ ମହାପାତ୍ର, ରାଜେଶ ନାୟକ, ସିଦ୍ଧାର୍ଥ ମଲ୍ଲିକ, ସାମସନ ଦାସ, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଲକ୍ଷ୍ମଣ ମଲ୍ଲିକ ୭ମ ଶ୍ରାଦ୍ଧ ଉତ୍ସବ ପାଳିତ

ଭୁବନେଶ୍ୱର,୨୦/୧୦ (ନି.ପ୍ର): ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ କହିଲେ ଯେ, ଲକ୍ଷ୍ମଣବାବୁ ପ୍ରକୃତରେ ଥିଲେ ଜଣେ ଦରଦୀ ଜନନେତା । ପ୍ରତ୍ୟେକ ବ୍ୟକ୍ତିର ଅସୁବିଧା ସମୟରେ ସେ ତାଙ୍କ ପାଖରେ ଠିଆ ହେବାର ବହୁ ଉଦାହରଣ ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଠାରୁ ଆରମ୍ଭ କରି ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କର ସେ ଥିଲେ ଅସମୟର ବନ୍ଧୁ । ଲକ୍ଷ୍ମଣ ମଲ୍ଲିକ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠାନର ସ୍ଥାୟୀ ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ୭ମ ଶ୍ରାଦ୍ଧ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବତନ ମନ୍ତ୍ରୀ ଶ୍ରୀ କାନୁନଗୋ ଉଦ୍‌ଘାଟନ କରିବା ସହ ସ୍ୱର୍ଗତ ମଲ୍ଲିକ ଓ ସ୍ୱର୍ଗତ ଦେବୀ ପ୍ରସାଦ ମଲ୍ଲିକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଶ୍ରଦ୍ଧାଞ୍ଜଳି ଜଣାଇ କଂଗ୍ରେସ ମିଡ଼ିଆ ବିଭାଗର ଅଧକ୍ଷ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସ୍ୱର୍ଗତ ମଲ୍ଲିକଙ୍କୁ ଜଣେ ନିରହଙ୍କାରୀ ବିବାଦଶୂନ୍ୟ ବ୍ୟକ୍ତିତ୍ୱ ବୋଲି କହିଥିଲେ । ମୁଖ୍ୟବକ୍ତା ସୁବାର୍ତ୍ତାର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ସମାଜରେ ଏହିଭଳି ମଣିଷମାନେ ଥିଲେ ବୋଲି ଆମର ଉତରପୀଢି ମନେ ରଖିବେ କି ନାହିଁ ଆଜି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତଳେ ପଡ଼ିଥିବା ପ୍ରତ୍ୟେକଟି ମଣିଷର ଉତ୍‌ଥାନ ପାଇଁ ତାଙ୍କର ଚେଷ୍ଟାକୁ ଏ ଜାତି ଭୁଲିପାରିବ ନାହିଁ । ଜଗତସିଂହପୁରକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଜିଲ୍ଲା କରିବାରେ ତାଙ୍କର ପ୍ରଚ୍ଛନ୍ନ ହାତ ଥିଲା, କିନ୍ତୁ ଆମେ ତାର ମୂଲ୍ୟାୟନ କରିପାରୁ ନାହୁଁ । ପୂର୍ବତନ ଡିନ୍ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ବୁଦ୍ଧମନ୍ଦିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ଲକ୍ଷ୍ମଣ ମଲ୍ଲିକ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ସୀତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଓ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକ, ସ୍ୱର୍ଗତ ଦେବୀ ପ୍ରସାଦ ମଲ୍ଲିକ, ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକ, ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନ ଓ ସ୍ୱର୍ଗତ ବସନ୍ତ ଦାସଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମକୁ ନିଖିଳେଶ ମଲ୍ଲିକ, ହୀତେଷ ମଲ୍ଲିକ ପରଚାଳନା କରିଥିଲେ ।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର ଦାବିରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୨୦/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନସାଇନ୍ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ଦୀର୍ଘ ୧୧ ଦିନ ଧରି ନିଖୋଜ ରହିବା ପରେ ଆଜି ମାଟି ତଳୁ ମୃତଦେହ ଉଦ୍ଧାର ହେବା ଘଟଣାରେଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ବିଜେପି ଦାବି କରିଛି । ଏହି ଦାବି ନେଇ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଉକ୍ତ ସ୍କୁଲର ସଂଚାଳକ ଗୋବିନ୍ଦ ସାହୁଙ୍କ ସହ ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କ ଘନିଷ୍ଠତା କାରଣରୁ ତଦନ୍ତ ପ୍ରକ୍ରିୟାକୁ ବିଭ୍ରାନ୍ତ କରାଯିବାର ହୀନ ଷଡଯନ୍ତ୍ର ରଚାଯାଉଛି । ବଲାଙ୍ଗୀର, କଳାହାଣ୍ଡି ଏବଂ ନୂଆପଡା ପୋଲିସ ମିଳିତ ଭାବେ ମୁଖ୍ୟ ଅଭିଯୁକ୍ତ ଶ୍ରୀ ସାହୁଙ୍କୁ ଗିରଫ କରିବା ଏବଂ ପରେ ଥାନାରୁ ଶ୍ରୀ ସାହୁ ଖସି ପଳାଇବା ସମସ୍ତଙ୍କୁ ଆଚମ୍ବିତ କରିଛି । 'ମାଁ କୁ ସମ୍ମାନ'ର ନାରା ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି କ୍ଷମତାର ଅପବ୍ୟବହାର କରୁଥିବା ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ତୁରନ୍ତ ନିଜ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ । ଏଥି ସହ ଏଭଳି କୁତ୍ସିତ ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉପଯୁକ୍ତ ଦଣ୍ଡ ପ୍ରଦାନ କରିବାକୁ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ।

# ପ୍ରଶାନ୍ତି ସ୍ପେଶାଲ୍ ଦୁଇଟି ଷ୍ଟେସନରେ ସଂଶୋଧିତ ସମୟରେ ଚଳାଚଳ କରିବ

ଭୁବନେଶ୍ୱର,୨୦/୧୦ (ନି.ପ୍ର): ଯାତ୍ରୀମାନଙ୍କ ସୁବିଧା ପାଇଁ ବାଙ୍ଗାଲୋର ପୂର୍ବ ଏବଂ ବାଙ୍ଗାଲୋର କ୍ୟାଂଟ ଷ୍ଟେସନରେ ପ୍ରଶାନ୍ତି ସ୍ପେଶାଲ ଟ୍ରେନର ସମୟକୁ ସଂଶୋଧନ କରିବା ଏବଂ ଅସ୍ଥାୟୀ ଭାବରେ କୃଷ୍ଣରାଜପୁରମ୍ ଷ୍ଟେସନ ଠାରେ ହାଓଡ଼ା-ଯଶୋବନ୍ତପୁର ସ୍ପେଶାଲ୍ ର ଅତିରିକ୍ତ ରହଣି କରିବାକୁ ନିଷ୍ପତି ନିଆଯାଇଛି । ଭୁବନେଶ୍ୱରରୁ ୨୦ ଅକ୍ଟୋବର, ୨୦୨୧ ଠାରୁ ଛାଡୁଥିବା ୦୮୪୬୩ ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ସ୍ପେଶାଲ ବାଙ୍ଗାଲୋର ପୂର୍ବ ଷ୍ଟେସନ ଠାରେ ଏହାର ପୂର୍ବ ନିର୍ଦ୍ଧାରିତ ସମୟ ସାରଣୀ ବଦଳରେ ପୂର୍ବାହ୍ନ ୧୦ଘ.୪୫ମି.ରେ ପହଂଚି ପୂର୍ବାହ୍ନ ୧୦ଘ.୪୬ମି.ରେ ଛାଡିବ । ଏହି ଟ୍ରେନ ବାଙ୍ଗାଲୋର କ୍ୟାଂଟରେ ଏହାର ପୂର୍ବ ସମୟ ସାରଣୀ ବଦଳରେ ପୂର୍ବାହ୍ନ ୧୦ଘ.୫୧ମି.ରେ ପହଂଚି ପୂର୍ବାହ୍ନ ୧୦ଘ.୫୨ମି.ରେ ବାଙ୍ଗାଲୋର ମୁଖ୍ୟ ଷ୍ଟେସନକୁ ଯାତ୍ରା କରିବ । ଏହାବ୍ୟତୀତ, ୧୯ ଅକ୍ଟୋବର ୨୦୨୧ ରୁ ୧୫ ଫେବୃଆରୀ ୨୦୨୨ ମଧରେ ହାଓଡ଼ାରୁ ଛାଡୁଥିବା ୦୬୫୯୮ ହାଓଡ଼ା-ଯଶୋବନ୍ତପୁର ସ୍ପେଶାଲ କୃଷ୍ଣରାଜପୁରରେ ସନ୍ଧ୍ୟା ୭ଘଟିକାରେ ପହଂଚି ସନ୍ଧ୍ୟା ୭ଘ.୦୧ମି.ରେ ଯଶୋବନ୍ତପୁରକୁ ଯାତ୍ରା କରିବ ।

# ଓଡ଼ିଶାରେ ବୁନ୍ଦେଲଖଣ୍ଡ ଢାଞ୍ଚାରେ 'କ୍ଷେତ ପୋଖରୀ' ଯୋଜନା ପାଇଁ ସୁପାରିସ୍

## ଇକ୍ରିସାର୍ଟର ସହଯୋଗ ନେବାକୁ ପରାମର୍ଶ, ସ୍ଥିତି ଅନୁଧ୍ୟାନ କଲେ ୭ ଜଣିଆ କୃଷି ପ୍ରତିନିଧିଦଳ



ଭୁବନେଶ୍ୱର,୨୦/୧୦ (ନି.ପ୍ର): ଉତ୍ତରପ୍ରଦେଶର ବୁନ୍ଦେଲଖଣ୍ଡ ଭଳି ଓଡ଼ିଶାର ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳର ଜମିରେ ପୋଖରୀ ଖୋଳି ଚାଷ ପାଇଁ ସୁପାରିସ୍ କରିଛି ରାଜ୍ୟ କୃଷି ପ୍ରତିନିଧିଦଳ । ସ୍ୱଳ୍ପ ବର୍ଷା ହେଉଥିବା ସ୍ଥାନ ପାଇଁ ଫସଲ ଉପରେ ଗବେଷଣା କରୁଥିବା ଅନ୍ତର୍ଜାତୀୟ ଗବେଷଣା ପ୍ରତିଷ୍ଠାନ ଇକ୍ରିସାର୍ଟର ସହଯୋଗରେ ଏହି କାର୍ଯ୍ୟ କରାଯାଇ ପାରିବ ବୋଲି ପରାମର୍ଶ ଦିଆଯାଇଛି । ଏ ସଂକ୍ରାନ୍ତରେ ରିପୋର୍ଟ ଖୁବ ଶୀଘ୍ର ରାଜ୍ୟ କୃଷି ବିଭାଗ ନିକଟରେ ଦାଖଲ କରାଯିବ ବୋଲି ଜଣାପଡ଼ିଛି । ନିକଟରେ ଇକ୍ରିସାର୍ଟର ଆମନ୍ତ୍ରଣରେ ରାଜ୍ୟ ସହକାରୀ କୃଷି ନିର୍ଦ୍ଦେଶକ ନଗେନ ମଲ୍ଲିକ, ବଲାଙ୍ଗୀର ଡିଡିଏଚ୍ ପ୍ରଫୁଲ୍ଲ ଭଞ୍ଜ, ସହକାରୀ କୃଷି ନିର୍ଦ୍ଦେଶକ ସଂଗ୍ରାମ ପଟ୍ଟନାୟକ, ଉଦ୍ୟାନ କୃଷି ପରିଚାଳକ ଶିବ ନାରାୟଣ ସିଂ, ସହକାରୀ କାର୍ଯ୍ୟନିର୍ବାହୀ ନିରଞ୍ଜନ ସାହୁ ବୁନ୍ଦେଲଖଣ୍ଡ ଅଞ୍ଚଳର ୭ଟି ଜିଲ୍ଲା ପରିଦର୍ଶନ କରିଥିଲେ । ଏହି ପ୍ରତିନିଧିଦଳ କହିଛି, ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ ଭାବରେ ଜଣାଶୁଣା ବୁନ୍ଦେଲଖଣ୍ଡ ଅଞ୍ଚଳରେ ବାର୍ଷିକ ହାରାହାରି ୫୫୦ରୁ ୬୦୦ ମିଲିମିଟର ବର୍ଷା ହୋଇଥାଏ । ଏଥିଯୋଗୁଁ ମରୁଡ଼ି ପୀଡ଼ିତ ଏହି ଅଞ୍ଚଳରେ ଚାଷ ହୋଇପାରେ ନାହିଁ । ତେଣୁ ରୋଜଗାର ପାଇଁ ଲୋକେ ବାହାର ରାଜ୍ୟକୁ ପଳାୟନ କରନ୍ତି । କିଛି ବର୍ଷ ହେଲା ଚାଷ ପାଇଁ ଆବଶ୍ୟକ ପାଣି ସମସ୍ୟା ସମାଧାନ ନିମନ୍ତେ ସ୍ୱତନ୍ତ୍ର ଢଙ୍ଗରେ 'କ୍ଷେତ ପୋଖରୀ' ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି ।

ପ୍ରତିନିଧିଦଳର ଜଣେ ସଦସ୍ୟ କହିଛନ୍ତି, ବୁନ୍ଦେଲଖଣ୍ଡର ମାଟି ହେଲା ଚିକିଟା ମାଟି । ଏହାର ଜଳଧାରଣ ଶକ୍ତି ଅଧିକ । ବର୍ଷା ହେଲେ ମାଟିରେ ପାଣି ମିଶିଯାଏ; କିନ୍ତୁ ଭୂମିତଳକୁ ଯାଇପାରେ ନାହିଁ । ଏଥିଯୋଗୁଁ ଖରିଫ ଚାଷ ଏଠାରେ ଭଲ ହୁଏ ନାହିଁ । ବର୍ତ୍ତମାନ ସେମାନେ ନୂତନ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ଖରାଦିନରେ ପୋଖରୀ ଖନନ କରି ପାଣି ବାନ୍ଧି ରଖୁଛନ୍ତି । ଇକ୍ରିସାର୍ଟ ସହଯୋଗରେ ଜମିକୁ ବାନ୍ଧି ଆଡ଼ି ବନ୍ଧ କରାଯାଇଛି । ସେହି ପାଣି ମାଟିରେ ରହିବା ଫଳରେ ଭୂତଳ ଜଳସ୍ତର ବଢୁଛି ଏବଂ କୂଅ, ପୋଖରୀରେ ପାଣି ରହୁଛି । ବର୍ଷା ଦିନରେ କିଛି ପାଣି ଭେଦି ତଳକୁ ଯାଉଥିବାରୁ ରବି ଋତୁରେ ଏହି ପାଣି ଖୋଲି ଦିଆଯାଏ, ଯାହା ଭୂମିତଳକୁ ଚାଲିଯାଏ । ଫଳରେ ଏଠାକାର ଚାଷୀମାନେ ରବି ଋତୁରେ ବୁଟ, ଗହମ, ବାଦାମ ଆଦି ଚାଷ କରନ୍ତି । ସ୍ଥାନୀୟ ଭାଷାରେ ଏହାକୁ ହାବେଲି ସିଷ୍ଟମ ମଧ କୁହାଯାଏ । କିଛି ଚାଷୀ ପାଣି ନ ଛାଡ଼ି ପୋଖରୀରେ ମାଛ ଚାଷ କରୁଛନ୍ତି । ଏଠାରେ ଚାଷ ସହିତ ବିଭିନ୍ନ ଗଛ ମଧ ଲଗାଯାଉଛି । ଓଡ଼ିଶାରେ ଏହି ପ୍ରକ୍ରିୟା ସହିତ ଆତ, ପିଜୁଳି, ସୀତାଫଳ ଆଦି ଗଛ ଲଗାଇବା ପାଇଁ ପରାମର୍ଶ ଦିଆଯାଉଛି । ଓଡ଼ିଶାରେ ଫାର୍ମପଣ୍ଡ ଚାରି ପଟ ଉଚ୍ଚ ଥିବାରୁ ପାଣି ନିଷ୍କାସିତ ହୁଏ ନାହିଁ । ବୁନ୍ଦେଲଖଣ୍ଡର ଏହି ହାବେଲି ସିଷ୍ଟମ କାର୍ଯ୍ୟକାରୀ ହେଲା ସ୍ଥାନୀୟ ଚାଷୀଙ୍କ ଆୟ ବୃଦ୍ଧି ପାଇବ । ଓଡ଼ିଶାର ମୁଖ୍ୟତଃ ପଶ୍ଚିମଓଡ଼ିଶା ଏବଂ ଫୁଲବାଣୀରେ କମ୍ ବର୍ଷା ହେଉଥିବାରୁ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇ ପାରିବ ବୋଲି ପ୍ରତିନିଧିଦଳ ମତ ଦେଇଛି ।

# ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ମହିଳା ମୋର୍ଚ୍ଚା ପ୍ରତିନିଧି ଦଳର ବଲାଙ୍ଗୀର ଓ କଳାହାଣ୍ଡି ଗସ୍ତ

ଭୁବନେଶ୍ୱର,୨୦/୧୦ (ନି.ପ୍ର): ବହୁଚର୍ଚ୍ଚିତ ସନସାଇନ ସ୍କୁଲ ଅଧକ୍ଷା ମମିତା ମେହେର ପ୍ରଥମେ ନିଖୋଜ ହେବା ଏବଂ ଦୀର୍ଘ ୧୧ ଦିନ ପରେ ମାଟି ତଳୁ ମୃତ ଦେହ ଉଦ୍ଧାର ହେବା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ପଦାରେ ପକାଇଛି । ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହୋଇ ହାଜତରେ ଥିଲା ବେଳେ ସେଠୁରୁ ଖସିଯିବା ବହୁତ ସନ୍ଦେହ ସୃଷ୍ଟି କରିଛି । ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଗୋବିନ୍ଦ ସାହୁଙ୍କ ସହିତ ଉତମ ସମ୍ପର୍କ ଏବଂ ଏହି ଘଟଣା ପଛରେ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସଂପୃକ୍ତି ରହିଥିବା କଥା ମଧ୍ୟ ଚର୍ଚ୍ଚାକୁ ଆସିଛି । ଏ ସମସ୍ତ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ୫ ଜଣିଆ ରାଜ୍ୟ ପ୍ରତିନିଧି ଦଳ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲା ଗସ୍ତ କରିଛନ୍ତି । ଏହି ପ୍ରତିନିଧି ଦଳରେ ମହିଳା ମୋର୍ଚ୍ଚାର ଉପ ସଭାନେତ୍ରୀ ନିରୋଜ୍ ନଳିନୀ ମାହଲିକ, କସ୍ତୁରୀ ମିଶ୍ର, ରାଜ୍ୟ ସମ୍ପାଦିକା ଇତିଶ୍ରୀ ଜେନା, ସୁଚରିତା ଜେନାମଣି ପ୍ରମୁଖ ସାମିଲ ଅଛନ୍ତି । ଏହି ପ୍ରତିନିଧି ଦଳ ମମିତାଙ୍କ ପରିବାରଙ୍କୁ ଭେଟି ଘଟଣା ସଂପର୍କରେ ବିସ୍ତୃତ ଆଲୋଚନା କରିବା ସହ ତଦନ୍ତ ପ୍ରସଙ୍ଗରେ ସ୍ଥାନୀୟ ପୋଲିସ ଓ ପ୍ରଶାସନ ସହ ଆଲୋଚନା କରିବେ ।

# ଆଜି ରାଜ୍ୟରେ ୫୫୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୦/୧୦ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟାରେ ୫୫୯ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସଙ୍ଗରୋଧରୁ ୩୨୧ ଜଣ ଥିବା ବେଳେ ସ୍ଥାନୀୟ ସଂକ୍ରମିତ ଅଛନ୍ତି ୨୩୮ ଜଣ । ୭୧ ଜଣ ୧୮ ବର୍ଷରୁ କମ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୭୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ କଟକରୁ ୫୪, ବୌଦ୍ଧରୁ ୧୮ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଷ୍ଟେଟପୁଲରୁ ୬୮, ସମ୍ବଲପୁରରୁ ୧୬, ପୁରୀରୁ ୧୪, ଜଗତସିଂହପୁରରୁ ୧୪, ଯାଜପୁରରୁ ୧୪,ବାଲେଶ୍ୱରରୁ ୧୪ ଜଣ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ରହିଛି ୧୦ ଲକ୍ଷ ୩୬ ହଜାର ୫୩୨ । ଏମାନଙ୍କ ମଧ୍ୟରୁ ୧୦ ଲକ୍ଷ ୨୩ ହଜାର ୩୯୮ ଜଣ ସୁସ୍ଥ ହୋଇଛନ୍ତି । ଏବେବି ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ରହିଛି ୪ ହଜାର ୭୮୫ । ସେହିପରି ୨୪ ଘଣ୍ଟାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି ।

# ବଦଳିବ ଜେଲ୍ ସୁରକ୍ଷା ଢାଞ୍ଚା : ଜେଲରେ କଏଦୀଙ୍କୁ ଜଗିବ ଡ୍ରୋନ୍

ଭୁବନେଶ୍ୱର,୨୦/୧୦ (ନି.ପ୍ର): ଜେଲ୍ ସୁରକ୍ଷା ଢାଞ୍ଚା ବଦଳିବ ବୋଲି ଜେଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତିହାର ଜେଲ୍ ଢାଞ୍ଚାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ । ଏଣିକି ଜେଲରେ କଏଦୀଙ୍କୁ ଡ୍ରୋନ୍ ଜଗିବ । କଟକର ଚୌଦ୍ୱାର ଓ ଭୁବନେଶ୍ୱର ଝାରପଡ଼ା ଜେଲରେ ପ୍ରଥମେ ଏଥିଲାଗି ଡ୍ରୋନ୍ କ୍ୟାମେରା ଉଡ଼ିବ । କଏଦୀଙ୍କ ଗତିବିଧି ଉପରେ ନଜର ରଖିବ ଡ୍ରୋନ୍ । କଏଦୀମାନେ କଣ କରୁଛନ୍ତି, କିଏ ଦେଖା କରିବାକୁ ଆସୁଛି ଏସବୁ ଉପରେ ରହିବ ନଜର । ଚୌଦ୍ୱାର ଓ ଝାରପଡ଼ା ଜେଲରେ ଟେଲିଫୋନ ବୁଥ ବ୍ୟବସ୍ଥା କରାଯିବ । ଉଭୟ ଜେଲରେ ୪ଟି ଲେଖାଏଁ ବୁଥ୍ ଖୋଲାଯିବ । କଏଦୀମାନେ ନିଜ ଘରର ଦୁଇଟି ନମ୍ବର ଏହି ବୁଥରେ ଦେବେ । କେବଳ କଏଦୀ ଦେଇଥିବା ନମ୍ବରକୁ ହିଁ ଫୋନ୍ ଯିବ, ଅନ୍ୟ ନମ୍ବରକୁ ଫୋନ କଲେ କଲ୍ ଯିବ ନାହିଁ । କଏଦୀ ୫ ମିନିଟ ପର୍ଯ୍ୟନ୍ତ କଥା ହୋଇପାରିବେ । ତାପରେ ଅଟୋମେଟିକ୍ ଫୋନନ୍ କଟିଯିବ ।

# ଯୁବବର୍ଗଙ୍କ ପ୍ରଥମ ଡୋଜ୍ ଟିକାକରଣ ୭୦% ଛୁଇଁଲା

ଭୁବନେଶ୍ୱର,୨୦/୧୦ (ନି.ପ୍ର): ରାଜ୍ୟରେ ଯୁବ ବର୍ଗ(୧୮-୪୪)ଙ୍କ ପ୍ରଥମ ଡୋଜ୍ ଟିକାକରଣ ୭୦ ପ୍ରତିଶତରେ ପହଞ୍ଚିଛି । ଏ ପର୍ଯ୍ୟନ୍ତ ୧କୋଟି ୩୫ଲକ୍ଷ ୬୫ହଜାର ୮୯୬ଜଣ ପ୍ରଥମ ଡୋଜ୍ ଟିକା ନେଇଛନ୍ତି । ରାଜ୍ୟରେ ସମୁଦାୟ ୧.୯୩କୋଟି ଯୁବବର୍ଗଙ୍କ ଟିକାକରଣ ପାଇଁ ଲକ୍ଷ୍ୟ ରଖିଛନ୍ତି । ରାଜ୍ୟ ?ରେ ଏ ପର୍ଯ୍ୟନ୍ତ ୩କୋଟି ୪୬ଲକ୍ଷ ୪୧ହଜାର ୪୯୧ ଡୋଜ୍ ଟିକା ଦିଆଗଲାଣି । ରାଜ୍ୟରେ ଆଜି ୧୮୫୫ ଟିକାକରଣ ଅଧିବେଶନ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୨ଲକ୍ଷ ୭୮ହଜାର ୯୪୪ ହିତାଧିକାରୀ ଟିକା ନେଇଥିଲେ । ଏଥିରେ ୧୮-୪୪ବର୍ଗରେ ୧ଲକ୍ଷ ୧୨ହଜାର ୮୮୩ଜଣ ପ୍ରଥମ, ୭୮,୯୬୧ ଦ୍ୱିତୀୟ, ୪୫ବର୍ଷରୁ ଅଧିକ ୫୦,୩୪୩ ପ୍ରଥମ ଓ ୩୬,୧୯୨ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି । ଏହାସହ ୨୧୪୫ ଗର୍ଭବତୀ ମହିଳାଙ୍କୁ ଟିକା ଦିଆଯାଇଛି । ରାଜ୍ୟରେ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରଥମ ଡୋଜ୍ ଟିକାକରଣ ଶତ ପ୍ରତିଶତ ହୋଇଥିବା ବେଳେ ଆଗଧାଡ଼ିର ଯୋଦ୍ଧା ପ୍ରଥମ ଡୋଜ୍ ୯୯ ପ୍ରତିଶତ ରହିଛି । ସେହିପରି ୪୫ବର୍ଷରୁ ଅଧିକ ୮୮ ପ୍ରତିଶତ ହିତାଧିକାରୀ ରାଜ୍ୟରେ ପ୍ରଥମ ଡୋଜ୍ ଟିକା ନେଇ ସାରିଲେଣି । ଅପରପକ୍ଷରେ ରାଜ୍ୟ ସରକାର ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ ଡୋଜ୍ ଟିକା ଦେବାକୁ ଲକ୍ଷ୍ୟ ରଖିଛନ୍ତି । ମାତ୍ର ଚଳିତମାସରେ ରାଜ୍ୟରେ ଟିକାକରଣ ଧିମେଇ ଯାଇଛି । ବିଶେଷକରି ଦ୍ୱିତୀୟ ଡୋଜ୍ ଟିକାକରଣ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏବେ ବି ୨୪ଲକ୍ଷରୁ ଅଧିକ ହିତାଧିକାରୀ ନିଜର ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି । ଯାହାଫଳରେ ରାଜ୍ୟରେ ଉଭୟ ଡୋଜ୍ ଟିକାକରଣ ୩୨ ପ୍ରତିଶତ ରହିଛି ।

# ଗଞ୍ଜେଇ ଚାଷ ଓ ଚାଲାଣର ପେଣ୍ଠସ୍ଥଳ ପାଲଟିଛି କି ଓଡ଼ିଶା

ଭୁବନେଶ୍ୱର,୨୦/୧୦ (ନି.ପ୍ର): ଓଡ଼ିଶା ଗଞ୍ଜେଇର ବେଶ୍ ଚାହିଦା ରହିଛି । ସେଥିପାଇଁ ତ ମାୟାନଗରୀର ଅତି ନିକଟତର ହୋଇପାରିଛି । ଆଉ ବଲିଉଡ଼୍‌ର ଡ୍ରଗ୍ସ ପାର୍ଟିରେ ଛାଇ ହୋଇଯାଇଛି ଓଡ଼ିଶା ଗଞ୍ଜେଇ ! ଅଭିନେତା ସୁଶାନ୍ତ ସିଂଙ୍କ ମୃତ୍ୟୁ ପରେ ଏହି କଥା ପଦାକୁ ଆସିଥିଲା । ଆଉ ଏବେ ସୁପରଷ୍ଟାର ଶାହାରୁଖ ଖାନଙ୍କ ପୁଅ ଆର୍ଯ୍ୟନଙ୍କ ରେଭ୍ ପାର୍ଟିରେ ମଧ ଦେଖିବାକୁ ମିଳିଥିବା ଆଲୋଚନା ହେଉଛି । ତେବେ ଏଠି ପ୍ରଶ୍ନ ଉଠୁଛି, ଗଞ୍ଜେଇ ଚାଷ ଓ ଚାଲାଣର ପେଣ୍ଠସ୍ଥଳ ପାଲଟିଛି କି ଓଡ଼ିଶା ? ଗତ ୮ ମାସରେ କୋରାପୁଟରୁ ୩୯୯ କ୍ୱିଣ୍ଟାଲ, ମାଲକାନଗିରିରୁ ୧୬୯ କ୍ୱିଣ୍ଟାଲ, କନ୍ଧମାଳରୁ ୧୪୩ କ୍ୱିଣ୍ଟାଲ, ରାୟଗଡାରୁ ୧୩୧ କ୍ୱିଣ୍ଟାଲ ଓ ଗଜପତିରୁ ୧୦୮ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି । ଏହାଛଡ଼ା ଅନ୍ୟ ଜିଲ୍ଲାରୁ ମଧ ଚୋରା ଗଞ୍ଜେଇ ଜବତ ହୋଇଛି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୫ ଜିଲ୍ଲାରୁ ୧୨୪୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଗଞ୍ଜେଇ ଚାଷୀ ଓ ଚୋରା ଚାଲାଣର ଭୂସ୍ୱର୍ଗ ପାଲଟିଛି ଓଡ଼ିଶା । ଇଏତ ଗଲା ଗତ ୮ ମାସର ତଥ୍ୟ । ତେବେ ରାଜ୍ୟର ୫ ବର୍ଷର ତଥ୍ୟ ଆହୁରି ଉଦ୍‌ବେଗଜନକ । କାରଣ ଗଞ୍ଜେଇ ଚାଷୀ ଓ ବେଆଇନ୍ ଚାଲାଣକାରୀଙ୍କ ବିରୋଧରେ ପୁଲିସ ଓ ଅବକାରୀ ବିଭାଗ ଜୋରଦାର କାର୍ଯ୍ୟାନୁଷ୍ଠାନ କରୁଥିବା କହୁଥିଲେ ମଧ ବାସ୍ତବରେ ସ୍ଥିତି ଆଉ କିଛି କହୁଛି । ମିଳିଥିବା ତଥ୍ୟ ଅନୁସାରେ ୨୦୧୭ ମସିହାରେ ରାଜ୍ୟରୁ ୩୦୪ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା ବେଳେ ୨୦୧୮ରେ ୫୨୩ , ୨୦୧୯ ମସିହାରେ ୬୧୮ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି । ତେବେ ଗତବର୍ଷ ରାଜ୍ୟରେ ରେକର୍ଡ ପରିମାଣରେ ୧୫୪୯ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଛି । ଏହାର ଅର୍ଥ ଗଞ୍ଜେଇ ମାଫିଆଙ୍କ ଉପରେ ପୁଲିସ ଓ ଅବକାରୀ ବିଭାଗ କାର୍ଯ୍ୟାନୁଷ୍ଠାନର କୌଣସି ପ୍ରଭାବ ପଡୁନି । କେବଳ ଚାଲାଣକାରୀଙ୍କୁ ଧରି ପୁଲିସ ଚୁପ୍ ବସୁଥିବାରୁ ଆଶାନୁରୂପ ସଫଳତା ମିଳୁନଥିବା କୁହାଯାଉଛି । ତେବେ ନକ୍ସଲଙ୍କ ଉପଦ୍ରବ ଓ ଅଗମ୍ୟ ଘଞ୍ଚ ଜଙ୍ଗଲ ଯୋଗୁ ବେଆଇନ୍ ଗଞ୍ଜେଇ ଚାଷକୁ ରୋକି ହେଉନଥିବା ଅବକାରୀ ଅଧିକାରୀ କହିଛନ୍ତି । ରାଜ୍ୟରେ ପ୍ରତିବର୍ଷ ମାମଲା ହେଉଛି ଓ ଗିରଫଦାରୀ ବଢୁଛି । ଚଳିତ ବର୍ଷ ନିଶା ଚୋରା କାରବାର ସଂପର୍କିତ ୭୮୬ଟି ମାମଲା ରୁଜୁ ହୋଇଥିବା ବେଳେ ଗିରଫ ହୋଇଛନ୍ତି ୧୩୪୩ ଅଭିଯୁକ୍ତ । ସେହିପରି ଗତ ୧୦ ମାସରେ ୨୩ ହଜାର ୫୩୭ ଏକର ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି । ଏହାସତ୍ୱେ ଦେଶର ଯେଉଁଠୁ ବି ଗଞ୍ଜେଇ ଜବତ ହେଉଛି, ସେଥିରୁ ଓଡ଼ିଶା ଲିଙ୍କ ବାହାରୁଛି ।

## ହୃଦଘାତରେ ଯୁବତୀ ମୃତ

ବାଲିଆପାଳ,୨୦/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଂଚାୟତ ସୁରଡିହା ଗ୍ରାମର ଜୈନିକ ଯୁବତୀଙ୍କ ଆଜି ହୃଦଘାତରେ ପରଲୋକ ହୋଇଯାଇଛି । ମୃତ ଯୁବତୀ ଜଣକ ହେଲେ ଗ୍ରାମର ପ୍ରଫୁଲ ବୈଠାଙ୍କ ଝିଅ ମିନତୀ ବୈଠା(୨୨)। ମିନତୀ ଆଜି ମଧ୍ୟାହ୍ନରେ ଘରେ କାମ କରୁଥିବା ବେଳେ ସମୟରେ ହଠାତ ଛାତି ଯନ୍ତ୍ରଣା ଅନୁଭୂବ କରିଥିଲେ । ପରିବାର ଲୋକ ତୁରନ୍ତ ତାକୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ଡାକ୍ତର ପରାମର୍ଶ କ୍ରମେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ବାଲେଶ୍ୱରରେ ପହଂଚିବା ବେଳେକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ସୂଚନା ଯୋଗ୍ୟ ମୃତ ମିନତୀଙ୍କ ବାପା ଓ ଦୁଇ ଭାଇ ଦିବ୍ୟାଙ୍ଗ ହୋଇଥିବା ବେଳେ ମିନତୀ ନିଜେ ଉଚ୍ଚଶିକ୍ଷା ଲାଭ କରିବା ସହ ଘରେ ଟୋକେଇ ବିଭିନ୍ନ ହସ୍ତ କାମ କରି ସେଥିରେ ଉର୍ପାଜିତ ଅର୍ଥରେ ପରିବାର ଚଳାଇ ଆସୁଥିଲା । ମିନତୀଙ୍କ ଏହି ଆକସ୍ମିକ ମୃତ୍ୟୁ ପରେ ପରିବାରରେ ଦୁଃଖର ଲହରୀ ଖେଳିଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ମଧ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

## ଭୁବନେଶ୍ୱରରୁ ଆଉ ୨୦୯ ପଜିଟିଭ୍

ଭୁବନେଶ୍ୱର,୨୦/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ବୁଧବାର ଦିନ ୨୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୪ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୫୫ ଜଣ ଲୋକାଲ ମାମଲା ରହିଛନ୍ତି। ଅପରପକ୍ଷରେ ଗତ ୨୪ ଘଂଟାରେ ଆଉ ୨୧୨ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୬୪୫୬କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୧୧୮୩୩ ଜଣ ସୁସ୍ଥ ହୋଇଥିବା ବେଳେ ବର୍ତମାନ ୩୫୫୮ ସକ୍ରିୟ ମାମଲା ରହିଛି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୩ ଗିରଫ

ଭୁବନେଶ୍ୱର,୨୦/୧୦ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୦୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୭୨,୨୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ହାତିଆଡିହା ଶାଖାରେ ଶିବମୁନିଜୀଙ୍କର ୧୩୭ତମ ଜନ୍ମଜୟନ୍ତୀ




ରୂପସା,୨୦/୧୦ (ନି.ପ୍ର): ୨୧ରିଖ ବୁଧବାର, ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ମୁନି ସମାଜର ପ୍ରତିଷ୍ଠାତା ଆଦିମୁନିଶ୍ୱର ଯୋଗେଶ୍ୱର ଶିବମୁନିଜୀଙ୍କର ୧୩୭ ତମ ଜନ୍ମଜୟନ୍ତୀ, ଆଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ବାରିକଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ସେ ସମାଜର କଲ୍ୟାଣ ଉଦେଶ୍ୟରେ ସର୍ବପ୍ରଥମେ ସତ୍ୟପତାକା ଉତ୍ତୋଳନ କରି, ଆସି ସଭାପତି ଆସନ ଅଳଙ୍କୃତ କରିଥିଲେ । ସମୂହ ପ୍ରଣବ, ଶାନ୍ତିଲାଗେ, ବେଦପାଠ କରାଯିବା ପରେ, ଉପସ୍ଥିତ ସମସ୍ତେ ଶିବମୁନିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ । ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମୁନି, ଶିବମୁନିଜୀଙ୍କ ଜୀବନୀ ଏବଂ ତାଙ୍କ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଶିବ ବଚନାମୃତ ପାଠ କରିଥିଲେ । ଯୋଗ ଶିକ୍ଷୟତ୍ରୀ ତଥା କଣ୍ଠଶୀଳ୍ପୀ ମଞ୍ଜୁଲତା ବେହେରା ସୁଲଳୀତ କଣ୍ଠରେ ଗୁରୁବନ୍ଦନା ଗାନ କରିଥିଲେ । ମୁନି ସଙ୍ଗୀତ ଗାନ କରିଥିଲେ ମୁନିରାଜ୍ଞୀ ସୁମତୀ ଦଳାଇ । ଉପସ୍ଥିତ ଥିଲେ-ମୁନିମତୀ ବାସନ୍ତୀ ମହାଳୀକ, ମୁନିରାଜ୍ଞୀ ବିମଳା ଲେଙ୍କା,ସୀତା ବେହେରା,ଯମୁନା ବର,ମିନତୀ ବର, ଉର୍ମିଳା ରାଉଳ,ରେଣୁକା ବେହେରା, ମୁନି ଗଣେଶ୍ୱର, ପ୍ରଫୁଲ୍ଲ ବାରିକ,ଗୋରହରି ବାରିକ,ନାରାୟଣ ମହାପାତ୍ର, ସାଧନ ସିଂ, ସୁଦର୍ଶନ ବର,ମୁନି ସତୀ ମାଳତୀ ବେଦ, ଫୁଲମଣୀ ବେହେରା, ମୁନି କୁମାର ତାପସ,ମୁନି କୁମାର ତ୍ରୀସାନ୍, ମୁନି କୁମାରୀ ମିନତୀ ଦଳାଇ,ପ୍ରିୟାନ୍ସୀ ପ୍ରିୟଦର୍ଶିନୀ ବେହେରା ଇତ୍ୟାଦି । ଶେଷରେ ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ୬୦ନଂ ଜାତୀୟ ରାଜପଥରେ ଦୁର୍ଘଟଣା, ଜଣେ ମୃତ : ସହାୟତା ଦାବି

ଜଳେଶ୍ୱର ୨୦/୧୦(ନିପ୍ର): ଆଜି ସଂଧ୍ୟାରେ ୬୦ନଂ ଜାତୀୟ ରାଜପଥର ନନ୍ଦିକା ବାଇପାସ୍‌ଠାରେ ଏକ ଅଜଣା ଗାଡି ଧକ୍କାରେ ଜନୈକ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବାର ଜଣାଯାଇଛି । ଘଟଣାରୁ ପ୍ରକାଶ ଦକ୍ଷିଣ ପ୍ରହରାଜପୁର ପଂଚାୟତର ପ୍ରହରାଜପୁର ଗ୍ରାମର ପ୍ରତାପ ଘୋଷ (୫୪)ଙ୍କର ଏକ ତେଜରାତି ଦୋକାନ ଗାଁରେ ଥିବା ବେଳେ ଜଳେଶ୍ୱରର ବିଭିନ୍ନ ଅଂଚଳରେ ସେ ଗୁଆ ବ୍ୟବସାୟ କରିଥାନ୍ତି । ଆଜିମଧ୍ୟ ଗୁଆଧରି ସେ ରାଜଘାଟ ପର୍ଯ୍ୟନ୍ତ ଯାଇ ତେଜରାତି ଦୋକାନରେ ଗୁଆଦେଇ ଫେରୁଥିଲେ । କିନ୍ତୁ ନନ୍ଦିକା ବାଇପାସ୍ ନିକଟରେ କୌଣସି ଏକ ଯାନ ଦ୍ରୁତଗତିରେ ଗଲାବେଳେ ଗୁଆବ୍ୟବସାୟୀ ପ୍ରତାପ ଘୋଷକୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ପ୍ରତାପ ପଡିରହିଥିବା ବେଳେ ଗାଡିଟି ଖାସିପଳାଇବାରେ ସକ୍ଷମ ହୋଇଛି । ସ୍ଥାନୀୟ କେତେକ ଯୁବକ ପ୍ରତାପକୁ ଧରି ଜିକେଭଙ୍ଗର ହସ୍‌ପିଟାଲରେ ପହଞ୍ଚିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବାରୁ ପୁଲିସ୍ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ପ୍ରତାପଙ୍କର ଦୁଇ ପୁଅ ଓ ବିଧବା ସ୍ତ୍ରୀ ଅଛନ୍ତି । ଦୁର୍ଘଟଣାରେ ପ୍ରତାପଙ୍କ ମୃତ୍ୟୁ ଘଟିଥିବାରୁ ସହାୟତା ଯୋଗାଇ ଦେବାକୁ ସରପଂଚ ସତ୍ୟବ୍ରତ ଦାସ ଦାବି କରିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୨ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୦/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୯୬ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ନୟାଗଡ ଓ ଜଗତସିଂହପୁର ଜିଲ୍ଲାରେ ୧-୧ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ଜେସିଏଲ-ଷ୍ଟାର ଟିଭି ଚ୍ୟାନେଲ ଗଣ୍ଡଗୋଳ : ୪୦ହଜାର ଗ୍ରାହକ ସେବାରୁ ବଂଚିତ




ଜଳେଶ୍ୱର ୨୦/୧୦(ନିପ୍ର): ଜଳେଶ୍ୱର ସ୍ଥିତ ଜେସିଏଲ ଓ ଷ୍ଟାର ଟିଭି ଚେନାଲ ମଧ୍ୟରେ ଅର୍ଥ ଦେଣନେଣକୁ ନେଇ ଉପୁଜିଥିବା ସମସ୍ୟା ସମାଧାନ ହେଉନଥିବାରୁ ଜେସିଏଲ ଅଧିନରେ ରହିଥିବା ପ୍ରାୟ ୪୦ ହଜାର ଗ୍ରାହକ ସେବାରୁ ବଂଚିତ ହୋଇ ଆସୁଛନ୍ତି । ସମସ୍ୟାର ସମାଧାନଲାଗି ୨୪୦ ଅପରେଟର ଆନ୍ଦୋଳନ ଚଳାଇଥିବା ବେଳେ ଆଜି କେତେକ ନେତୃସ୍ଥାନୀୟ ବ୍ୟକ୍ତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଆନ୍ଦୋଳନକାରୀମାନେ ସୂଚନା ଦେଇଛନ୍ତି । ଗତ କିଛିବର୍ଷ ଧରି ଜଳେଶ୍ୱର କେବୁଲ ଲିଙ୍କ ନାମକ ଏକ ସଂସ୍ଥା ଉତ୍ତର ବାଲେଶ୍ୱର ସହିତ ପଶ୍ଚିମବଂଗର ପୂର୍ବ ଓ ପଶ୍ଚିମ ମେଦିନୀପୁର, ମୟୂରଭଂଜ ଓ ଭଦ୍ରକ ଜିଲାର କେତେକ ଅଂଚଳକୁ କେବୁଲ ସେବା ଯୋଗାଇ ଆସୁଛନ୍ତି । ଜେସିଏଲ ଷ୍ଟାର ଟିଭି ଚେନାଲ ସହିତ ଚୁକ୍ତି କରି ସେବା ଯୋଗାଇ ଆସୁଥିବା ବେଳେ ଅର୍ଥ ଦେଣନେଣରେ ସମସ୍ୟା ଉପୁଜିଥିଲା । ଷ୍ଟାର ଟିଭିର ଅଭିଯୋଗକ୍ରମେ ଜଳେଶ୍ୱର ପ୍ରଶାସନ ଜେସଲ କାର୍ଯ୍ୟାଳୟକୁ ସିଲ କରିଛି । ଫଳରେ ଏହା ଅଧିନରେ କାର୍ଯ୍ୟ କରୁଥିବା ୨୪୦ ଜଣ ଅପରେଟରଙ୍କ ୪୦ ହଜାର ଗ୍ରାହକ ସପ୍ତାହେ ଧରି ଟିଭି ଚେନାଲ ଦେଖିବାରୁ ବଂଚିତ ହୋଇ ଆସୁଛନ୍ତି । ଗ୍ରାହକମାନେ ଅପରେଟର ମାନଙ୍କ ଉପରେ ଚାପ ପ୍ରୟୋଗ କରୁଥିବାରୁ ସେମାନେ ଜଳେଶ୍ୱର ତହସିଲ ସମ୍ମୁଖରେ ଧାରଣା ଦେଇ ଆସୁଛନ୍ତି । ମାମଲାଟି ଜିଲ୍ଲାପାଳଙ୍କ ଠାରେ ବିଚାରାଧିନ ଥିବାରୁ ସ୍ଥାନୀୟ ପ୍ରଶାସନ ସମସ୍ୟାର ସମାଧାନ କରିପାରିନାହାନ୍ତି । ୪୦ହଜାର ଗ୍ରହକ ସେବାରୁ ବଂଚିତ ହେଉଥିବାରୁ ସେମାନେ ସେମାନଙ୍କ ନିକଟସ୍ଥ ନେତୃବୃନ୍ଦଙ୍କଠାରେ ଅଭିଯୋଗ କରିଛନ୍ତି ଫଳରେ ଆଜି ଭୋଗରାଇର ବିଧାୟକ ଅନନ୍ତ କୁମାର ଦାସଙ୍କୁ ଆନ୍ଦୋଳନକାରୀମାନେ ୬୦ନଂ ଜାତୀୟ ରାଜପଥର ଜିକେ ଭଙ୍ଗର ବାଇପାସ୍‌ଠାରେ ସାକ୍ଷାତ କରି ସମସ୍ୟାର ସମାଧାନ ଲାଗି ଅନୁରୋଧ କରିଥିଲେ । ଭୋଗରାଇ ବିଧାୟକ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନାହିଁ । ସେହିପରି କେବୁଲ ଅପରେଟରଙ୍କ ଅନୁରୋଧ କ୍ରମେ ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ ମଧ୍ୟ ସ୍ଥାନୀୟ ପ୍ରଶାସନ ସହିତ ଏ ସଂପର୍କରେ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ଷ୍ଟାର ଚେନାଲର ବକେୟା ଅର୍ଥ ପୈଠ ହୋଇଥିଲେ ମଧ୍ୟ ଅଦ୍ୟାବଧି ଜେସିଲ କାର୍ଯ୍ୟାଳୟ ଖୋଲାଯାଉନାହିଁ । ଅପରେଟରମାନଙ୍କ ମଧ୍ୟରୁ ଅଂଜନ ଚାନ୍ଦ, ମଦନ ଦେ, ତପନ ପ୍ରଧାନ, ପ୍ରଦୀପ ଅଣ୍ଡିଆ, ସନାତନ ଘୋଷ, ସୀତାରାମ ସେନାପତି, ଜଗନ୍ନାଥ ରଣା, ସଂଜୟ ଦାସ, ଶଂକର୍ଷଣ ମିଶ୍ର, ସୂଜୟ ଦାସ, ସାମନ୍ତ ପଣ୍ଡା ପ୍ରମୁଖ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

# ୩୭୧ ତମ ଆନ୍ତଃ ଗଣମାଧମ ପ୍ରଚାର ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ




ଭୁବନେଶ୍ୱର,୨୦/୧୦(ନି.ପ୍ର): କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଓଡ଼ିଶାରେ କାର୍ଯ୍ୟରତ ସମସ୍ତ ଗଣମାଧମ ବିଭାଗ, କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ବିଭାଗ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମଧରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି)ର ୩୭୧ ତମ ବୈଠକ ଆଜି ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ସମିତିର ଅଧ୍ୟକ୍ଷ ତଥା ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଶ୍ରୀ ରାଜିନ୍ଦର ଚୌଧୁରୀ ଏହି ବୈଠକରେ ପୌରହିତ୍ୟ କରିଥିଲେ। ଆନ୍ତଃ ଗଣମାଧମ ପ୍ରଚାର ସମନ୍ୱୟ ସମିତିର ସଭ୍ୟ ମାନେ ଯୋଗଦେଇ ନିଜ ନିଜ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ଏଡିଜି ଶ୍ରୀ ଚୌଧୁରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଲାଗି କେନ୍ଦ୍ର ସରକାରଙ୍କ ବିଭିନ୍ନ ଗଣମାଧମ ସଂସ୍ଥା ମଧରେ ସମନ୍ୱୟ ସ୍ଥାପନ କରିବାର ଆବଶ୍ୟକତା ରହିଛି। ଆଧୁନିକ ପ୍ରଯୁକ୍ତି ଏବଂ ସାମାଜିକ ଗଣମାଧମର ପ୍ରଭାବୀ ଉପଯୋଗ ସହ ଜନସାଧାରଣଙ୍କ ନିକଟରେ ଗୁରୁତ୍ୱପୂର୍ଣ୍ଣ ଏବଂ ସଠିକ ସୂଚନା ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ସଂସ୍ଥାଗୁଡ଼ିକ ଏ କ୍ଷେତ୍ରରେ ପତ୍ର ସୂଚନା କାର ?ୟାଳୟ (ପିଆଇବି) ସହିତ ସମ୍ପର୍କ ସ୍ଥାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ। ବୈଠକରେ ପୂର୍ବତଟ ରେଳବାଇର ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ କୌଶଳେନ୍ଦ୍ର ଖାଡ଼ଙ୍ଗା, ପିଆଇବିର ଉପ ନିର୍ଦ୍ଦେଶକ ଡ. ଗିରୀଶ ଚନ୍ଦ୍ର ଦାଶ, ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ, ଏସ ପଟେଲ, ଭାରତୀୟ ସର୍ବେକ୍ଷଣ ବିଭାଗର ନିର୍ଦ୍ଦେଶକ କେ.ସି ଦାସ, ପୂର୍ବତଟ ରେଳବାଇ ଲୋକସମ୍ପର୍କ ଅଧିକାରୀ ବିକାଶ କୁମାର, ଗେଲ ଇଣ୍ଡିଆ ଲିମିଟେଡର ଡିଜିଏମ ଏନ. ମିଶ୍ର, ୱାପକସ ଲିମିଟେଡର ଆର.ଡି ରାଓ, ଏନଆଇସି ଭୁବନେଶ୍ୱରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଏ. କେ. ପଣ୍ଡା, ପାରାଦୀପ ପୋର୍ଟ ଟ୍ରଷ୍ଟର ଏ. କେ. ବେହେରା, ରତିକାନ୍ତ ନାଗର, ପିଆଇବି ଭୁବନେଶ୍ୱରର ସ୍ୱାଧୀନ ଶକ୍ତିପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକରେ ଭାରତୀୟ ସୂଚନା ସେବା-୨୦୧୯ ବ୍ୟାଚର ପ୍ରଶିକ୍ଷାର୍ଥୀ ଅଧିକାରୀ ସନ୍ତୋଷ ଭି., ମନଦୀପ କୁମାର, ଶୀନମ ଜୈନ ଓ ନିକିତା ଯୋଶୀ ମଧ ଯୋଗ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କୁଶୀନଗର ଆନ୍ତର୍ଜାତିକ ବିମାନ....

ସଡକ, ବିମାନପଥ, ଜଳପଥ, ହୋଟେଲ, ହସ୍‌ପିଟାଲ, ଇଂଟରନେଟ ସଂଯୋଗ, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଉନ୍ନତ ଭିତିଭୂମି ଆବଶ୍ୟକ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । "ଏହି ସମସ୍ତ କ୍ଷେତ୍ର ପରସ୍ପର ସହ ଯୋଡି ହୋଇଥିବାରୁ ସବୁଗୁଡିକର ଏକକାଳୀନ ବିକାଶ ଅପରିହାର୍ଯ୍ୟ । ଆଜିର ଏକବିଂଶ ଶତାବ୍ଦୀର ଭାରତବର୍ଷ ଏହାକୁ ପାଥେୟ କରି ଚାଲିଛି" ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ଗତ କିଛି ବର୍ଷ ମଧରେ ଦେଶରେ ୯୦୦ ନୂତନ ବିମାନପଥ ଉଡାନ ଯୋଜନା ଅଧୀନରେ ଅନୁମୋଦିତ ହୋଇଛି ଓ ସେଥିରୁ ୩୫୦ରୁ ଅଧିକ ପଥରେ ବିମାନ ସେବା ଆରମ୍ଭ ହୋଇସାରିଛି । ଆଗରୁ ବିମାନ ସେବା ଦେଇ ନ ଥିବା ୫୦ରୁ ଅଧିକ ବିମାନ ବନ୍ଦରକୁ କାର୍ଯ୍ୟକ୍ଷମ କରାଯାଇଛି। ଉତରପ୍ରଦେଶର ବିମାନ ଉଡାଣ କ୍ଷେତ୍ର ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ବିମାନ ସଂଯୋଗ ନିରବଚ୍ଛିନ୍ନଭାବେ ବୃଦ୍ଧି ପାଉଛି । କୁଶୀନଗର ବିମାନବନ୍ଦର ପୂର୍ବରୁ ଉତରପ୍ରଦେଶରେ ଆଠଟି ବିମାନବନ୍ଦର କାର୍ଯ୍ୟକ୍ଷମ ରହିଛି । ଲକ୍ଷ୍ନୌ, ବାରଣାସୀ ଓ କୁଶୀନଗର ପରେ ଦେଓ୍ୱର ଆନ୍ତର୍ଜାତିକ ବିମାନ ବନ୍ଦର କାର୍ଯ୍ୟ ଏବେ ଚାଲୁରହିଛି । ଏହାଛଡା ଅଯୋଧା, ଆଲିଗଡ, ଆଜମଗଡ,ଚିତ୍ରକୂଟ, ମୋରାଦାବାଦ ଏବଂ ଶ୍ରାବସ୍ତୀରେ ବିମାନ ବନ୍ଦର ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଛି । ନିକଟରେ ଏୟାର ଇଣ୍ଡିଆ ଉପରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶର ଉଡାଣ କ୍ଷେତ୍ରରେ ବୃତିଗତ ଓ ସୁରକ୍ଷାଗତ ଉନ୍ନତି ଘଟିବ । "ଏହି ପଦକ୍ଷେପ ଦେଶର ଉଡାଣ କ୍ଷେତ୍ରକୁ ନୂତନ ଶକ୍ତି ପ୍ରଦାନ କରିବ । ସେହିପରି ଆଉ ଏକ ପଦକ୍ଷେପ ହେଉଛି ପ୍ରତିରକ୍ଷା ମହାକାଶକୁ ବେସାମରିକ ଉଦ୍ଦେଶ୍ୟରେ ପ୍ରୟୋଗ" ବୋଲି ସେ କହିଛନ୍ତି । ଏହି ପଦକ୍ଷେପ ଯୋଗୁଁ ବିଭିନ୍ନ ସ୍ଥାନ ମଧରେ ନଭମଣ୍ଡଳୀୟ ଦୂରତା ହ୍ରାସ ପାଇବ । କୃଷିରୁ ସ୍ୱାସ୍ଥ୍ୟ ଓ ବିପର୍ଯ୍ୟୟ ପରିଚାଳନାଠାରୁ ପ୍ରତିରକ୍ଷା ପର୍ଯ୍ୟନ୍ତ ନିକଟରେ ଆରମ୍ଭ କରାଯାଇଥିବା ଡ୍ରୋନ ନୀତି ଏକ ଯୁଗାନ୍ତକାରୀ ପରିବର୍ତନ ଆଣିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ନିକଟରେ ଆରମ୍ଭ କରାଯାଇଥିବା ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟରପ୍ଲାନ ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ସଡକ, ରେଳ, ବିମାନ ଇତ୍ୟାଦି ସମସ୍ତ ପ୍ରକାର ପରିବହନ ମାଧମ ମଧରେ ସମନ୍ୱୟ ରକ୍ଷା କରି ଏକକୁ ଆରକର ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟଣା....

ଟ୍ୱିଟ କରି କହିଥିଲେ କି "ଅରୁଣ ବାଲ୍ମୀକିଙ୍କ ମୃତ୍ୟୁ ପୋଲିସ ହେପାଜତରେ ହୋଇଛି । ତାଙ୍କ ପରିବାର ନ୍ୟାୟ ମାଗୁଛି, ମୁଁ ସେମାନଙ୍କ ପରିବାରକୁ ଭେଟିବାକୁ ଚାହୁଁଛି, ହେଲେ କେଉଁ ଭୟରେ ୟୁପି ସରକାର ମୋତେ ସେଠାକୁ ଯିବାକୁ ଦେଉ ନାହିଁ ?" ଜାତୀୟ ଗଣମାଧମକୁ ପ୍ରିୟଙ୍କା ଗାନ୍ଧୀ କହିଛନ୍ତି କି ସେ ପୀଡିତ ପରିବାର ସହ କିଛି ଦୁଃଖ ବାଣ୍ଟିବାକୁ ଆଗ୍ରା ଯିବାକୁ ଚାହୁଁଛନ୍ତି । ହେଲେ ବିରୋଧୀ ନେତାଙ୍କ ଅଗ୍ରଗତିକୁ ଡରି ସରକାର ଆମକୁ ସେଠାକୁ ଯିବାକୁ ଦେଉ ନାହାଁନ୍ତି । କହିରଖୁ କି ସେହି ଉତ୍ତରପ୍ରଦେଶର ଖେରି ଠାରେ ହୋଇଥିବା ହିଂସକ ଘଟଣାରେ ମୃତ ଚାଷୀଙ୍କ ପରିବାରକୁ ଭେଟିବାକୁ ଯିବା ବେଳେ ପ୍ରିୟଙ୍କାଙ୍କୁ ବି ପୋଲିସ ହେପାଜତକୁ ନେଇଥିଲା । ଏହାକୁ ନେଇ ସେତେବେଳେ ରାଜନୈତିକ ମାହୋଲ ବେସ୍ ସରଗରମ ହୋଇଥିଲା ।

## ଜାମ୍ମୁକାଶ୍ମୀରରେ ସେନାକୁ ବଡ....

ପାରା କମାଣ୍ଡୋ ଯବାନ ଘେରି ନେଇଥିବା ଜଣାପଡିଛି । ୧୫ ଦିନରେ ୧୦ ରୁ ଅଧିକ ଥର ମୁହାଁମୁହିଁ ହେଲେଣି ସେନା ଓ ଆତଙ୍କବାଦୀ । ବର୍ତ୍ତମାନ ପର୍ଯ୍ୟନ୍ତ ୧୫ରୁ ଅଧିକ ଆତଙ୍କୀ ଏନକାଉଣ୍ଟରରେ ନିହତ ହୋଇଥିବା କାଶ୍ମୀର ଆଇଜିପି ବିଜୟ କୁମାର କହିଛନ୍ତି । ଅନ୍ୟପଟେ ଆତଙ୍କବାଦୀଙ୍କ ମୂଳପୋଛ କରିବାପାଇଁ ସେନା ଓ ପୋଲିସ ବାହିନୀ ଦିନ ରାତି ଏକ କରିଛନ୍ତି । ଶ୍ରୀନଗର ସମେତ କାଶ୍ମୀରର ଅଧିକାଂଶ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଆତଙ୍କବାଦୀମାନେ ସଂଖ୍ୟାଲଘୁ ଓ ପ୍ରବାସୀଙ୍କୁ ହତ୍ୟା କରୁଥିବା ଘଟଣାପରେ ସଜାଗ ହୋଇଛି ସେନା । ଶ୍ରୀନଗର ଲାଲଚୌକରେ ମହିଳାଙ୍କୁ ତନ୍ନ ତନ୍ନ ଯାଂଚ କରିବା ପାଇଁ ମହିଳା ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି ।

## ଉତ୍ତରାଖଣ୍ଡରେ ଲଗାଣ ବର୍ଷା ଯୋଗୁଁ ....

ଲୋକଙ୍କୁ ଖାଲି କରିବାପାଇଁ ଏନ୍‌ଡିଆରଏଫ୍‌ର ୧୫ଟି ଟିମ୍ ମୁତୟନ ହୋଇଛନ୍ତି । ଉଧମ ସିଂହ ନଗର ଜିଲ୍ଲାରେ ୬ ଏନ୍‌ଡିଆରଏଫ୍ ଟିମ୍ ମୁତୟନ ହୋଇଥିବାବେଳେ ଉତ୍ତରକାଶୀ ଏବଂ ଚାମୋଲିରେ ୨ଟି ଲେଖାଏଁ ଟିମ୍ ଏବଂ ଡେରାଡୁନ, ପିଥୋରଗଡ଼ ଏବଂ ହରିଦ୍ୱାରରେ ଗୋଟିଏ ଲେଖାଏଁ ଟିମ୍ ମୁତୟନ ହୋଇଛି । ଉଦ୍ଧାର କାର୍ଯ୍ୟ ଆଜି ବ୍ୟାପକ ହୋଇଛି ଏବଂ ଉଦ୍ଧମ ସିଂହ ନଗର ଜିଲ୍ଲା ଏବଂ ଅନ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳରୁ ଏଯାବତ୍ ୩୦୦ରୁ ଅଧିକ ଲୋକଙ୍କୁ ଖାଲି କରାଯାଇଛି । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ତୁରନ୍ତ ସେନାର ୩ଟି ହେଲିକପ୍ଟର ମୁତୟନ କରାଯାଇଛି । ଲୋକେ ଭୟଭୀତ ନହୋଇ ପରିସ୍ଥିତିର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଉତ୍ତରପ୍ରଦେଶ ଏବଂ ଦିଲ୍ଲୀର ପ୍ରାୟ ୧୫୦ ଜଣ ପର୍ଯ୍ୟଟକ ରାମନଗର ଅଞ୍ଚଳର 'ଲେମନ ଟ୍ରି' ରିସୋର୍ଟରେ ଫସି ଯାଇଛନ୍ତି । କୋସୀ ନଦୀରେ ଜଳସ୍ତର ବଢ଼ିଥିବାରୁ ଉକ୍ତ ରି ସୋର୍ଟ ଜଳମଗ୍ନ ହୋଇଯାଇଛି । ସ୍ଥାନୀୟ ପୁଲିସ ରିସୋର୍ଟରୁ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିଛି । ନେ ?ନିତାଲର ନୈନି ହ୍ରଦ ଜଳ ବିପଦସଙ୍କେତ ଟପିଯାଇଛି ଏବଂ ହ୍ରଦ ଜଳ ରାସ୍ତା ଆଡ଼କୁ ମାଡ଼ି ଯାଇଛି । ଅନେକ ସ୍ଥାନରେ ଘରଦ୍ୱାର ଭାଙ୍ଗି ଯାଇଛି । ଉତ୍ତରାଖଣ୍ଡ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଚିବଙ୍କ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ଉତ୍ତରାଖଣ୍ଡ ୨୦୦ ମିମି ବର୍ଷା ହୋଇଛି ।

# ଆଜାଦ୍ ହିନ୍ଦ୍ ବାହିନୀର ଜାତୀୟ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୦/୧୦ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ବର୍ଷ ଏବଂ ଆଜାଦ୍ ହିନ୍ଦ ସରକାରର ୭୯ ତମ ପ୍ରତିଷ୍ଠା ଦିବସ ଅବସରରେ ନେତାଜୀଙ୍କ ଦ୍ୱାରା ଗଠିତ 'ଆଜାଦ୍ ହିନ୍ଦ୍ ବାହିନୀ'ର ପୁର୍ନ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଜାତୀୟ କର୍ମଶାଳା ଆଜିଠାରୁ ଭୁବନେଶ୍ୱର ନେତାଜୀଭବନ ପରିସରରେ ଆରମ୍ଭ ହୋଇଛି। 'ଆଜାଦ୍ ହିନ୍ଦ୍ ବାହିନୀ'ର ସର୍ବଭାରତୀୟ ସଂଯୋଜକ ଜ୍ୟୋତି ରଂଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବକୁ ନେତାଜୀଙ୍କ ଆଦର୍ଶରେ କାର୍ଯ୍ୟକରୁଥିବା ଶ୍ରମିକ ସଂଗଠନ ଟି.ୟୁ.ସି.ସି.ର ଜାତୀୟ ସାଧାରଣ ସଂପାଦକ ଜି.ଆର୍. ଶିବ୍‌ଶଙ୍କର ଏହି କର୍ମଶାଳାକୁ ଉଦ୍‌ଘାଟନ କରି ନେତାଜୀ ସୁଭାଷଙ୍କୁ ବିଶ୍ୱର ଶ୍ରେଷ୍ଠ ଦିଗ୍‌ଦର୍ଶକ ଏବଂ ସଫଳ ରୂପକାର ଭାବରେ ବର୍ଣ୍ଣନା କରିଥିଲେ। ନେତାଜୀଙ୍କ ପଥରେ ଦେଶର ଯୁବପିଢ଼ୀ ଚାଲିବା ଆରମ୍ଭ କଲେ ଭାରତ ବର୍ଷକୁ ରକ୍ଷା କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗ ଦେଇ ନେତାଜୀଙ୍କର କାର୍ଯ୍ୟଶୈଳୀ ଓ ବିଚାରଧାରା ଅନ୍ୟ ରାଜନୈତିକି ବିଚାରଧାରା ଠାରୁ ବହୁ ଗୁଣରେ ଭିନ୍ନ। ନେତାଜୀଙ୍କ ଆଦର୍ଶର ପ୍ରଚାର ପ୍ରସାର ଏବଂ ତାଙ୍କୁ ଉଚିତ୍ ସମ୍ମାନଦେବାରେ ଆମ ଦେଶ ତଥା ରାଜ୍ୟର ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନକରିବା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସଭାପତି ପୁର୍ଣ୍ଣଚନ୍ଦ୍ର ପାଢ଼ୀ ବକ୍ତବ୍ୟ ରଖି ଆଜାଦ୍ ହିନ୍ଦ୍ ବାହିନୀର ସାଥୀମାନେ ନେତାଜୀଙ୍କ ଆଦର୍ଶର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରବାକୁ ଆହ୍ୱାନ କରିଥିଲେ। ଆଜି ଉଦ୍‌ଘାଟିତ ହୋଇଥିବା ଏହି କର୍ମଶାଳା ଆସନ୍ତା ୬ ଦିନ ଧରି ଚାଲିବ। ଏହି କର୍ମଶାଳାରେ ଓଡିଶା ସମେତ ୬ଟି ରାଜ୍ୟରୁ ଯୁବଛାତ୍ର ପ୍ରତିନିଧିମାନେ ଯୋଗଦାନ କରିଛନ୍ତି।

# ଜୁଆରେ ହାରି ବନ୍ଧାପଡ଼ିଲେ ମହାପ୍ରଭୁ

ପୁରୀ,୨୦/୧୦ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ କରୁଛନ୍ତି ମାନବୀୟ ଲୀଳା । ବିଭିନ୍ନ ଦିନରେ ମନୁଷ୍ୟର ଦୈନନ୍ଦିନ ଜୀବନଚର୍ଯ୍ୟା ଭଳି ମହାପ୍ରଭୁଙ୍କର ମାନବୀୟ ଲୀଳା ସଂପନ୍ନ ହୋଇଥାଏ । ତଦନୁଯାୟୀ ଆଜି କୁମାରପୂର୍ଣ୍ଣମୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପତ୍ନୀ ମହାଲକ୍ଷ୍ମୀଙ୍କ ସହିତ ପସାପାଲି ପକାଇ ଜୁଆ ଖେଳିଛନ୍ତି । ଜୁଆ ଖେଳରେ ହାରିବା ପରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କଠାରେ ବନ୍ଧା ପଡ଼ିଥିଲେ । ମହାଜନ ସେବାୟତମାନେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ବିଜେ କରାଇଥିଲେ । ସେଠାରେ ବିଧି ଅନୁଯାୟୀ ମହାପ୍ରଭୁ ସାତ ଦିନ ଧରି ବନ୍ଧା ରହିବେ । ଏହା ଏକ ଅନନ୍ୟ ପରମ୍ପରା । ଏହାକୁ ଲକ୍ଷ୍ୟକରି ସାରା ସହର ଏବଂ ପଞ୍ଚକୋଶୀ ଅଞ୍ଚଳର ଗ୍ରାମେ ଗ୍ରାମେ ଓ ଘରେ ଘରେ ଲୋକମାନେ ପସାପାଲି ପକାଇ ଜୁଆ ଖେଳିଥିଲେ । ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ବିଭିନ୍ନ ପାରମ୍ପରିକ ନୀତି ଶେଷ ହେବା ପରେ ବିଳମ୍ବିତ ରାତ୍ରରେ ମହାଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥଙ୍କ ମଧରେ ଜୁଆଖେଳ ହୋଇଥିଲା । ମହାଜନ ସେବକମାନେ ମହାଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ଖଟଶେଯ ଘରେ ବିଜେ କରାଇଥିଲେ । ପୂଜାପଣ୍ଡା, ପତି ଓ ମୁଦିରସ୍ତ ମହାପ୍ରଭୁଙ୍କୁ ସର୍ବାଙ୍ଗ ଲାଗିକରି ନୂଆଲୁଗା ପିନ୍ଧାଇଥିଲେ ଓ ମହାପ୍ରଭୁଙ୍କୁ ବେଶ କରାଇଥିଲେ । ସନ୍ଧ୍ୟାଧୂପ ପରେ ଚାରିଜଣ ପୂଜାପଣ୍ଡା ପୂଜାରେ ବସି ଭୋଗ କରିଥିଲେ । ଭୋଗ ପରେ ପାଣିପଢ଼ି ଦକ୍ଷିଣୀ ଘରୁ ମଦନମୋହନଙ୍କୁ ବିଜେ କରାଯାଇଥିଲା । ପୂଜାପଣ୍ଡା ମଦନମୋହନ ଓ ମହାଲକ୍ଷ୍ମୀଙ୍କୁ ଆଜ୍ଞାମାଳ ପ୍ରଦାନ କରିବା ପରେ ସାତ ପାହାଚଠାରେ ଥିବା ପାଲିଙ୍କିରେ ମଦନମୋହନ ଓ ମହାଲକ୍ଷ୍ମୀ ବିଜେ କରିଥିଲେ । ଏହାପରେ ମହାପ୍ରଭୁଙ୍କ ପ୍ରତିନିଧିଭାବେ ମୁଦିରସ୍ତ ଓ ମହାଲକ୍ଷ୍ମୀଙ୍କ ପ୍ରତିନିଧିଭାବେ ମୁଦୁଲି ମହାଜନଙ୍କ ମଧରେ ୨୧ଟି ସୁନା, ୨୧ଟି ରୂପା କଉଡିରେ ପସାପାଲି ପଡି ଶକଟା ଖେଳ ହୋଇଥିଲା । ଶୀତଳ ଭୋଗ ମଣୋହି ପରେ ମଦନମୋହନ ଦକ୍ଷିଣଘରକୁ ଓ ମହାଲକ୍ଷ୍ମୀ ସିଂହାସନକୁ ବାହୁଡା ବିଜେ କରିଥିଲେ । ବଡସିଂହାର ବେଶ ସମୟରେ ଶ୍ରୀଜିଉଙ୍କୁ ନୂଆପତନି ଓ ଛଅମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା । ପନ୍ତିଭୋଗ ପରେ ପୂଜାପଣ୍ଡା, ପତି ଓ ମୁଦିରସ୍ତ ସିଂହାସନ ତଳେ ଜୁଆ ଖେଳିଥିଲେ । ଏହାପରେ ରତ୍ନ ସିଂହାସନ ଉପରେ ଜୁଆ ଖେଳ ହୋଇଥିଲା । ଏହି ଖେଳରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ଦ୍ୱାରା ପରାଜିତ ହୋଇଥିଲେ ।

ବାଲେଶ୍ୱର, ଗୁରୁବାର, ୨୧ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି



# ଦୋଷୀ ନିଶ୍ଚିନ୍ତ ଦଣ୍ଡ ପାଇବ : ବିଜେଡି

ଭୁବନେଶ୍ୱର,୨୦/୧୦ (ନି.ପ୍ର): ବଲାଙ୍ଗୀର ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ନେଇ ବିରୋଧୀ ଦଳ ଦାବି କରିଛନ୍ତି। ଏହା ଉପରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଯଦି ମମିତାଙ୍କ ହତ୍ୟା ପଛରେ ମନ୍ତ୍ରୀଙ୍କର ହାତ ଥିବ, ତାହେଲେ ତାଙ୍କୁ ନିଶ୍ଚୟ ଦଣ୍ଡିତ କରାଯିବ। ପ୍ରମିଳା ମଲ୍ଲିକ କହିଛନ୍ତି, ମମିତାଙ୍କ ମୃତ୍ୟୁ ଆମ ସମାଜ ପାଇଁ ବଡ଼ କ୍ଷତି। ତାଙ୍କ ମୃତ୍ୟୁରେ ଆମେ ମର୍ମାହତ। ଏଭଳି ଏକ ଦୁଃଖ ସମୟରେ ଆମେ ତାଙ୍କ ପରବାରକୁ ସମବେଦନା ଜଣାଉଛୁ। ଘଟଣାରେ ଯେଉଁମାନଙ୍କର ସଂପୃକ୍ତି ରହିଛି, ସେ ସମସ୍ତଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯିବ। ଏନଆଇଏରେ କାମ କରୁଥିବା ଜଣେ ଦକ୍ଷ ପୁଲିସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଯେଉଁମାନେ ଏହି କାମରେ ଲିପ୍ତ ଥିବେ, ପୁଲିସ୍ ଅଫିସର ସେମାନଙ୍କୁ ନିଶ୍ଚୟ ଧରିବେ ଏବଂ ପୀଡ଼ିତା ଓ ତାଙ୍କ ପରିବାର ନିଶ୍ଚିତ ଭାବେ ନ୍ୟାୟ ପାଇବେ। ସେ ଆହରି କହିଛନ୍ତି ଯେ ସମସ୍ତ ଦଳର ବହୁ ରାଜନୈତିକ ନେତା ଶିକ୍ଷାନୁଷ୍ଠାନ ତଥା ଅନ୍ୟାନ୍ୟ ସଂସ୍ଥାରେ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତି । ସେହି ଅନୁଷ୍ଠାନର ଜଣେ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା କୌଣସି ଭୁଲ୍‌କୁ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦେଉଥିବା ବ୍ୟକ୍ତିଙ୍କ ସହିତ ଯୋଡାଯାଇ ପାରିବନାହିଁ । ଅନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ବଦନାମ କରିବାକୁ ଚେଷ୍ଟା କରନ୍ତୁ ନାହିଁ । କେନ୍ଦ୍ରୀୟ ମନ୍ତ୍ରୀଙ୍କ ସମେତ ବିଜେପି ନେତାଙ୍କ ବହୁ ଫଟୋ ଓଡିଶାରେ ଅନେକ ଅପରାଧିକ ମାମଲାରେ ଜଡିତ ଅଭିଯୁକ୍ତଙ୍କ ସହିତ ରହିଛି । ମୋହନ ମାଝିଙ୍କ ଆକ୍ରମଣକାରୀମାନେ ମଧ ଫଟୋରେ କେନ୍ଦ୍ର ମନ୍ତ୍ରୀ ଓ ଶ୍ରୀ ମାଝିଙ୍କ ସହିତ ଥିବା ଦେଖିବାକୁ ମିଳୁଛି । ଆମେ କହୁ ନାହୁଁ ଯେ କେନ୍ଦ୍ରୀୟ ମନ୍ତ୍ରୀମାନେ ସେହି ମାମଲା ସହ ଜଡିତ, ଏ ବିଷୟରେ ରାଜନୀତି କରିବାକୁ ଦିଅନ୍ତୁ ନାହିଁ ।

# ପ୍ରବଳ ବର୍ଷାରେ ଭାଙ୍ଗିଲା ଘର : ପାଣି ଘେରରେ ୧୦ରୁ ଉର୍ଦ୍ଧ୍ୱ ପରିବାର



ବାଲିଆପାଳ,୨୦/୧୦ (ନି.ପ୍ର): ଗତ ୩ ଦିନି ଧରି ବାଲିଆପାଳ ଅଂଚଳରେ ଲଗାଣ ବର୍ଷା ଜନ ଜୀବନକୁ ଅସ୍ତ ବ୍ୟସ୍ତ କରି ପକାଇଛି । ତଳିଆ ଅଂଚଳରେ ଅନେକ ଲୋକଙ୍କ ଘର ବର୍ଷା ପାଣି ପ୍ରବେଶ କରି ବ୍ୟାପକ କ୍ଷତି କରିବା ସହ ଅନେକ ଲୋକଙ୍କ ଘର ମଧ୍ୟ ଭାଙ୍ଗିଛି । ଏହି ଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନିଖିରା ପଂଚାୟତ ପାଳବେଗୁନିଆ ଗ୍ରାମରେ। ଏହି ଗ୍ରାମର ଯାଜେନ୍ଦ୍ର ଜେନାଙ୍କ ଘରେ ବର୍ଷା ପାଣି ପ୍ରବେଶ କରି ଘରର ଗୋଟିଏ ପାର୍ଶ୍ୱ ମାଟି କାନ୍ଥ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଘରର ଚାଳକୁ ଅସ୍ଥାୟୀ ଖୁଂଟ ଲଗାଇ ରାଖାଯାଇଛି। ପରିବାରର ସଦସ୍ୟ ମାନେ ଅନ୍ୟ ଲୋକଙ୍କ ଘରେ ଆଶ୍ରୟ ନେଇଛନ୍ତି। ସେହିପରି ଜଳ ନିଷ୍କାସନର ସୁବିଧା ନଥିବାରୁ ଗ୍ରାମର ମନୋରଞ୍ଜନ ଗିରି,ଜ୍ଞାନରଞ୍ଜନ ଗିରି,ନିତ୍ୟାନନ୍ଦ ଅଣ୍ଡିଆ,ଅନନ୍ତ ଅଣ୍ଡିଆ, ଭୀମଚରଣ ଅଣ୍ଡିଆ, ସୁଶାନ୍ତ ଅଣ୍ଡିଆ,ଅର୍ଜୁନ ଅଣ୍ଡିଆ, ଶୀତାମଣି ଅଣ୍ଡିଆ,ଦେବେନ୍ଦ୍ର ଦଳାଇ,ବସନ୍ତ ଦଳାଇ,ପରେଶ ପାତ୍ରଙ୍କ ସମେତ ବହୁ ପରିବାର ପାଣି ଘେରରେ ରହିଛନ୍ତି । ଘରୁ ବାହାରିଲେ ଆଣ୍ଠୁଏ ପାଣିରେ ବାହାରିବାକୁ ପଡୁଛି । ଘର ଦ୍ୱାର ସବୁ ସନ୍ତସନ୍ତିଆ ହୋଇଯାଇଥିବାରୁ ଗତ ୩ ଦିନ ଧରି କାହାରି ଘରେ ଚୁଲି ଜଳି ନାହିଁ । ଘରେ ଥିବା ଶୁଖିଲା ଖାଦ୍ୟ ଖାଇ ରହୁଛନ୍ତି । ସେହି ସ୍ଥାନରୁ ଜଳ ନିଷ୍କାସନର ସୁବିଧା କରିବା ସହିତ ଘର ଭାଙ୍ଗିଥିବା ଯାଜେନ୍ଦ୍ର ଜେନାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ବି.ଡି.ଓ ଓ ତହସିଲଦାରଙ୍କ ନିକଟରେ ନିବେଦନ କରିଛନ୍ତି ।

## ନୀଳଗିରି ଅବକାରୀ ବିଭାଗର ଚଢ଼ାଉ : ବାଇକ ସହ ଦେଶୀ ମଦ ଜବତ

ନୀଳଗିରି,୨୦/୧୦ (ନି.ପ୍ର): ନୀଳଗିରି ଅବକାରୀ ବିଭାଗର ଓ.ଆଇ.ସି. ଜୟନ୍ତୀ ଆଋର୍ଯ୍ୟଙ୍କ ନେତୃତ୍ୱରେ , ମଙ୍ଗଳବାର ଦିନ ନୀଳଗିରି ଥାନା ଅଧୀନସ୍ଥ ସିଆଡ଼ିମାଳ ଚତରସାହି ଗ୍ରାମର ରାକେଶ କୁମାର ମେଦିନରାୟ (୨୩) ଏବଂ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଅଂଚଳର ରଂଜିତ ଦାସ (୧୯)ଙ୍କ ଠାରୁ ମୋଟ ୧୫୦ ଲିଟର ଦେଶୀ ମଦ ଜବତ କରିବା ସହ , ଏକ ବାଜାଜ ଡିସ୍‌କଭର ବାଇକ, ଓ ଡି-୦୧ - ଏମ ୫୩୦୪ ଜବତ କରିଥିବା ଜଣାପଡିଛି । ଏ ନେଇ ନୀଳଗିରି ଅବକାରୀ ବିଭାଗ ତରଫରୁ ୮୪/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଉକ୍ତ ଚଢ଼ାଉରେ ଦେବାଶିଷ ମଲ୍ଲିକ, ପିଙ୍କି ମାରାଣ୍ଡି ସାମିଲ ଥିଲେ ।

## ଶିକ୍ଷୟିତ୍ରୀ ମମିତା ହତ୍ୟାକୁ ନେଇ ଏବିଭିପିର ବିକ୍ଷୋଭ

ବାଲେଶ୍ୱର,୨୦/୧୦ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କ ଗିରଫ ଓ ଏଥିରେ ସମ୍ପୃକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସ୍ଥାନୀୟ ସିନେମାଛକଠାରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ଏବିଭିପିର ରାଜ୍ୟ ବିଶ୍ୱବିଦ୍ୟାଳୟ ସଂଯୋଜକ ଲକ୍ଷ୍ମୀନାରାୟଣ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତୀକ ଧଳ, ବିଭାଗ ସହ-ସଂଯୋଜକ ରଜତ କୁମାର ପାତ୍ର, ଜିଲା କ୍ରୀଡ଼ା ସହ-ସଂଯୋଜକ ଚନ୍ଦ୍ରଭାନୁ ନାୟକ, ବିଭାଗ ମିଡିଆ ସଂଯୋଜକ ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଏହି ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷୟିତ୍ରୀ ହତ୍ୟା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ଏହି ଅମାନୁଷିକ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ସହ ତୁରନ୍ତ ଗିରଫ ପାଇଁ ସେମାନେ ଦାବି କରିଥିଲେ। ଏଥି ସହିତ ଏହି ମାମଲାରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଏବିଭିପି କର୍ମକର୍ତ୍ତା ଓ ସଦସ୍ୟମାନେ ଦାବି କରିଥିଲେ। ନତୁବା ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ।

# ବିଶିଷ୍ଟ ସାହିତ୍ୟିକ ଭୂପେନ୍ ମହାପାତ୍ରଙ୍କୁ 'ଦୀକ୍ଷା ଦୀପନ' ପକ୍ଷରୁ ସମ୍ବର୍ଦ୍ଧନା




ରାଉରକେଲା,୨୦/୧୦ (ନି.ପ୍ର): ଶିଶୁ ଦକ୍ଷତା ବିକାଶ ଅନୁଷ୍ଠାନ 'ଦୀକ୍ଷା ଦୀପନ' ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଭୂପେନ୍ ମହାପାତ୍ରଙ୍କୁ ଛେଣ୍ଡସ୍ଥିତ ତାଙ୍କ ବାସଭବନ ଏଲ୍-୪୫, କଥାଘର ଠାରେ ସମ୍ବର୍ଦ୍ଧିତ କରାଯାଇଛି । 'ଦୀକ୍ଷା ଦୀପନ'ର ଅଧକ୍ଷା ଡଲିରାଣୀ ବ୍ରହ୍ମାଙ୍କ ଅଧକ୍ଷତାରେ ହୋଇଥିବା ଉକ୍ତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବିଶିଷ୍ଟ ସାହିତ୍ୟିକ, ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର କୁମାର ପଟ୍ଟନାୟକ ଅନୁଷ୍ଠାନର କାର୍ଯ୍ୟକଳାପର ପ୍ରଶଂସା କରିବା ସହ ବୟସ୍କ ଗୁଣୀଜନଙ୍କୁ ଆଦର ସମ୍ମାନ ଜଣେଇବାର ଯେଉଁ ପରମ୍ପରା ସୃଷ୍ଟି କରିଛି ତାହା ବାସ୍ତବିକ୍ ଅଭିନନ୍ଦନୀୟ ବୋଲି ମତ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡାକ୍ତର କୃପାସିନ୍ଧୁ ନାୟକ ଭୂପେନ ମହାପାତ୍ରଙ୍କ ସାହିତ୍ୟ କ୍ଷେତ୍ରକୁ ଅବଦାନକୁ ବିଶ୍ଲେଷଣ କରି ୧୯୭୭ ମସିହାରୁ ଏଯାଏ ବିତେଇଥିବା ସ୍ମୃତିରୁ କିଛି ବଖାଣି ଥିଲେ । ତତ୍‌ସହିତ ଅନୁଷ୍ଠାନଟି ଅଳ୍ପଦିନର ହେଲେ ମଧ ତା' କାର୍ଯ୍ୟ ମହତ୍ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ଇଂ. ଅଭୟ କୁମାର ଦାସ ଅନୁଷ୍ଠାନ ବିଷୟରେ କହିବା ସହିତ ଭୂପେନ୍ ବାବୁ ଏ ବୟସରେ କରୁଥିବା କାମ ଆଗାମୀ ପିଢ଼ୀକୁ ପ୍ରେରଣା ଯୋଗେଇବ ବୋଲି ମତ ଦେଇଥିଲେ । ୨୦୧୪ ମସିହାରୁ କରି ଆସିଥିବା କାମର ସୂଚନା ଦେଇଥିଲେ । ବରିଷ୍ଠ ସଦସ୍ୟା ରଶ୍ମିବାଳା ରାଉତରାୟ ମାନପତ୍ର ପାଠ କରିଥିଲେ । ଏହାପରେ ଭୂପେନ୍ ମହାପାତ୍ର ତାଙ୍କ ଆଶୀର୍ବଚନ ପ୍ରଦାନ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟା ମଞ୍ଜୁଳା କୁମାର ରଥ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ବିଶେଷ କାର୍ଯ୍ୟକ୍ରମରେ ରାଧାରାଣୀ ମହାପାତ୍ର, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଡ. କିଶୋରୀ ଦାଶ, ପ୍ରତାପ ରାୟ, ଲକ୍ଷ୍ମଣ ଦାସ, ରୀତାରାଣୀ ମହାପାତ୍ର, ନିରୁପମା ମିଶ୍ର, ପ୍ରଫୁଲ୍ଲ ସାମଲ ଓ ଅନନ୍ୟା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପର୍ବକୁ ଉତ୍ସାହିତ କରିଥିଲେ ।

# ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ବିଜୁ ଆହତ

ପୁରୀ,୨୦/୧୦ (ନି.ପ୍ର): ଚନ୍ଦନପୁରଥାନା ଅନ୍ତର୍ଗତ ଗଙ୍ଗାନାରାୟଣପୁର ଠାରେ ପୁଲିସ ଉପରକୁ ଗୁଳି ଚଳାଇ ଘଟଣାସ୍ଥଳରୁ ଖସିଯିବାକୁ ଉଦ୍ୟମ କରୁଥିବା ଦୁର୍ଦ୍ଦାନ୍ତ ବିଜୁ ବେହେରା ପୁଲିସ ଏନ୍‌କାଉଣ୍ଟରରେ ଆହତ ହୋଇଛି। ତାରବାମ ଗୋଡ଼ରେ ଗୁଳି ବାଜିଛି। ଚିକିତ୍ସା ନିମନ୍ତେ ତାକୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମାଟିତୋଟାର ଦୁର୍ଦ୍ଦାନ୍ତ ବିଜୁନାମରେ ଗୁଳିମାରି ହତ୍ୟା ଉଦ୍ୟମ ସହିତ ଗୋଟିଏ ଦିନରେ ଦୁଇଦୁଇଟି ସଙ୍ଗୀନ ମାମଲା ରହିଛି। ଗତକାଲି ବିଳମ୍ବିତ ରାତିରେ ଗୋଖାସାହିର ବିଜୁବେହେରା ଓ ଚନ୍ଦନପୁର ଥାନା ଅନ୍ତର୍ଗତ ଉରାର କାଳିଆ ମୁଦୁଲି ଜମିବାଡ଼ି ବିକ୍ରି ବାବଦ ଅର୍ଥିକ କାରବାରକୁ କେନ୍ଦ୍ରକରି ଆଇଟିଆଇ କଲେଜ ନିକଟସ୍ଥ ଜିତେନ୍ଦ୍ର କୁମାର ସାହୁଙ୍କ ଘର ନିକଟକୁ ଆସି ତାକୁ ଗୁଳିକରି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସ୍ୱାମୀ ଜିତେନ୍ଦ୍ରକୁ ରକ୍ଷା କରିବାକୁ ଯାଇ ପତ୍ନୀ ଶକୁନ୍ତଳା ସାହୁ ଜିତେନ୍ଦ୍ରଙ୍କ ସମ୍ମୁଖଭାଗକୁ ଚାଲିଆସିବାରୁ ଗୁଳିଟି ତାଙ୍କ ଦେହରେ ବାଜିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁତର ଶକୁନ୍ତଳାଙ୍କୁ ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସଙ୍କଟାପନ୍ନ ଅବସ୍ଥାରେ ଶକୁନ୍ତଳାଙ୍କ ଚିକିତ୍ସା ଚାଲିଥିବା ବେଳେ କୁମ୍ଭାରପଡ଼ାଥାନାରେ ଏସମ୍ପର୍କରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ଧାରା ୨୯୪,୩୯୮,୩୦୭,୩୪,୩୯୪ ଓ ଆର୍ମ୍ସ ଆକ୍ଟର୨୫ ଓ୨୭ରେ ଅଭିଯୁକ୍ତମାନଙ୍କ ନାମରେ ୩୪୮/୨୧ ମାମଲାରୁଜୁ କରାଯାଇଥିଲା ଗତକାଲି ରାତିରେ ମାଟିତୋଟା ସ୍ଥିତ ଟୁନି ବେହେରାଙ୍କ ଘରକୁ ଯାଇ ତାଙ୍କୁ ଏବଂ ତାଙ୍କ ପୁଅ କାର୍ତ୍ତିକଙ୍କୁ ଆକ୍ରମଣ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେସମ୍ପର୍କରେ ବାସେଳୀ ସାହିଥାନାରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧିଆଇନ୍‌ର ଧାରା ୩୪୧,୩୨୩,୩୨୫, ୩୦୭, ୨୯୪, ୫୦୬,୩୪ ଓ ଆର୍ମ୍ସ ଆକ୍ଟର୨୫ ଓ୨୭ରେ ୧୮୭/୨୧ରେ ମାମଲାରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପି କନୱାର ବିଶାଳ ସିଂ ଅତିରିକ୍ତି ଏସ୍‌ପି ମିହିର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ଟି ଟିମ୍ ଗଠନ କରିଥିଲେ। ସିଟି ଡ଼ିଏସ୍‌ପି ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ କୁମ୍ଭାରପଡ଼ା ଥାନା ଆଇଆଇସି ବିଚିତ୍ରାନ୍ଦ ସେଠୀ ଓ ଚନ୍ଦନପୁର ଥାନା ଆଇଆଇସି,ବାସେଳୀସାହି ଥାନା ଆଇଆଇସି ଓ ସଦର ଥାନା ଆଇଆଇସିଙ୍କୁ ନେଇ ଗଠିତ ଚାରି ଗୋଟି ଟିମ୍‌ରେ ବଛାବଛା ଅଫିସରଙ୍କୁ ସାମିଲ୍ କରାଯାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲା। ଚନ୍ଦନପୁର ଅଞ୍ଚଳରେ ଅଭିଯୁକ୍ତ ବିଜୁଥିବା କୁମ୍ଭାରପଡ଼ା ଆଇଆଇସି ବିଚିତ୍ରାନ୍ଦ ସେଠୀ ସୂଚନା ପାଇ ତାକୁଧରିବାକୁ ଉଦ୍ୟମକରିଥିଲେ। ଅପରାହ୍ନରେ ଗଙ୍ଗାନାରାୟଣପୁର ଠାରେ ବିଜୁକୁ ଦେଖିବା ପରେ ପୁଲିସ ଟିମ୍ ତାକୁ ଘେରିଯାଇଥିଲେ। ଆତ୍ମସମର୍ପଣ କରିବାକୁ ପୁଲିସ ବିଜୁକୁ କହିଥିଲା। ତେବେ ଖସିଯିବାକୁ ବିଜୁ ପ୍ରଥମେ ପୁଲିସ ଉପରକୁ ଦୁଇରାଉଣ୍ଡ ଗୁଳି ଚଳାଇଥିଲା। ତେଣୁ ପୁଲିସ ଆତ୍ମରକ୍ଷା ପାଇଁ ବାଧହୋଇ ବିଜୁ ଉପରକୁ ଗୁଳି ଚଳାଇଥିବା ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି। ଗୁଳିଟି ବିଜୁର ବାମ ଗୋଡ଼ରେ ବାଜିଥିଲା। ବିଜୁକୁ ପୁଲିସ ଧରିବାକୁ ଉଦ୍ୟମ କରୁଥିବା ବେଳେ ଧସ୍ତାଧସ୍ତିରେ ଏସ୍‌ଆଇ ଦିବ୍ୟରଞ୍ଜନ ପଣ୍ଡା ମଧ ସାମନ୍ୟ ଆହତ ହୋଇଥିବା ଅତିରିକ୍ତ ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ବାସେଳୀ ସାହିଥାନାରେ ରୁଜୁହୋଇଥିବା ୧୮୭/୨୧ରେ ମାମଲାରେ ଅଭିଯୁକ୍ତ ଚନ୍ଦନପୁର ଥାନା ଅନ୍ତର୍ଗତ ଉରାର କାଳିଆ ମୁଦୁଲିକୁ ଚନ୍ଦପୁରଥାନା ପୁଲିସ ଆଜି ରାତିରେ ଗିରଫ କରିଥିବା ସଦର ଏସ୍‌ଡ଼ିପିଓ କହିଛନ୍ତି।

# ଚାନ୍ଦ ପୂଜିଲେ କୁମାରୀ : ଝଲସିଲା ଗଜଲକ୍ଷ୍ମୀ ମଣ୍ଡପ

ପୁରୀ,୨୦/୧୦ (ନି.ପ୍ର): ଶ୍ରୀକ୍ଷେତ୍ର ସମେତ ଜିଲ୍ଲାର ପୁରପଲ୍ଲୀରେ ବିପୁଳ ଉତ୍ସାହ ଉଦ୍ଦୀପନାର ସହ କୁମାରପୂର୍ଣ୍ଣିମାଉତ୍ସବ ପାଳିତ ହୋଇଯାଇଛି। କୁମାରୀମାନେ ନୂଆ ଶାଢ଼ି ଓ ଚୁଡି ପିନ୍ଧି ଏହି ପର୍ବକୁ ପାଳନ କରିଛନ୍ତି । ଏଥି ସହିତ ଆରମ୍ଭ ହୋଇଛି ଗଜଲକ୍ଷ୍ମୀପୂଜା । ବିଭିନ୍ନ ମଣ୍ଡପରେ ଶୋଭାପାଉଛନ୍ତି ମା' ଗଜଲକ୍ଷ୍ମୀ । ପୂଜାମଣ୍ଡପ ଗୁଡିକ ଉଜ୍ଜଳ ଆଲୋକମାଳାରେ ଉଦ୍‌ଭାସିତ ହୋଇ ଉଠିଛି। କୁମାର ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀକ୍ଷେତ୍ର ଉତ୍ସବ ମୁଖର ହୋଇଉଠିଥିଲା । କିଶୋରୀ, ଯୁବତୀ ଓ ନବବିବାହିତାମାନେ ନୂତନବସ୍ତ୍ର ପରିଧାନ କରି ପ୍ରାତଃ ସମୟରେ ସୂର୍ଯ୍ୟପୂଜା କରିବା ସହିତ ଚନ୍ଦ୍ର ଉପାସନା କରିଥିଲେ । ଲୋକାଚାର ଅନୁଯାୟୀ ସର୍ବଗୁଣ ସଂପନ୍ନ ସ୍ୱାମୀ ପାଇବା ଉଦ୍ଦେଶ୍ୟରେ କୁମାରୀମାନେ ଆଞ୍ଜୁଳି ଟେକି ସୂର୍ଯ୍ୟ ଓ ଚନ୍ଦ୍ର ପୂଜା କରିଥିଲେ । କୁମାରୀମାନେ ଜହ୍ନିଓଷା ପାଳନ କରିଥିଲେ । କିଶୋରୀ, ଅବିବାହିତା ଓ ନବ ବିବାହିତାମାନେ ଚାଙ୍ଗୁଡିରେ ଲିଆ, ନଡିଆ, କଷି ଜହ୍ନି, ଆଖୁ ଓ ଗୁଆ ପ୍ରଭୃତି ରଖି ପ୍ରାତଃ ସମୟରେ ତୁଳସୀ ଚଉରା ନିକଟରେ ସୂର୍ଯ୍ୟଙ୍କୁ ଆଞ୍ଜୁଳି ଟେକିଥିଲେ । ସନ୍ଧ୍ୟା ସମୟରେ ସେମାନେ ଚନ୍ଦ୍ରଙ୍କୁ ପୂଜା କରିଥିଲେ । ଏହାପରେ ଚାନ୍ଦ ଚକଟା ଭୋଗ ହୋଇଥିଲା। ସମୁଦ୍ର ବେଳାଭୂମିରେ ମଧ କୁମାରୀମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ସଫଳ କୋଭିଡ ଟୀକାକରଣକୁ ନେଇ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା

ବାଲେଶ୍ୱର,୨୦/୧୦ (ନି.ପ୍ର): ଭାରତରେ କୋଭିଡ ଟିକାକରଣ ୧୦୦ କୋଟି ଛୁଇଁବାକୁ ନେଇ ବାଲେଶ୍ୱର ଜିଲା ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରାଯାଇଛି। ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଟିକାକରଣ କେନ୍ଦ୍ର ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ମହିଳାମୋର୍ଚ୍ଚା ରାଜ୍ୟ ଉପ-ସଭାପତି ସୁଷମା ବିଶ୍ୱାଳଙ୍କ ସମେତ ଲମ୍ବୋଦର ନାୟକ, ପର୍ଶୁରାମ ପରିଡ଼ା, ଈଶ୍ୱର ଚନ୍ଦ୍ର ବେହେରା, ଶ୍ରୀନିବାସ ପ୍ରଧାନ, କମଳା ବିନ୍ଧାଣି, ମୀନାକ୍ଷୀ ମହାପାତ୍ର ଓ କମଲଲୋଚନ ଦାସ ପ୍ରମୁଖ ଯୋଗଦେଇ ସଫଳ ଟିକାକରଣକୁ ନେଇ ଖୁସୀ ଜାହରି କରିଥିଲେ। ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ସମ୍ଭବ ହୋଇଛି ବୋଲି ବିଜେପି କର୍ମକର୍ତ୍ତାମାନେ ମତ ପ୍ରକାଶ କରିଥିଲେ। ଏନେଇ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରିଥିଲେ। ଆଶିଷ ଘୋଷ, ବିଭୁ ପ୍ରସାଦ ଦାସ, ପିଙ୍କି ପ୍ରଧାନ ଓ ସସ୍ମିତା ଚାନ୍ଦ, ମହିଳା ମୋର୍ଚ୍ଚା। ସଭାନେତ୍ରୀ ମନୀଷା ବେହେରା , ସବିତା ପାଣିଗ୍ରାହୀ, ନଗର ସଭାନେତ୍ରୀ ସସ୍ମିତା ପଣ୍ଡା, ସଞ୍ଜୁକ୍ତା ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ସ୍ୱାଧିନ ପଣ୍ଡା, ସୁବୋଧ ପଣ୍ଡା, ମୁନା ମହନ୍ତ, ବିପିନ ମାରାଣ୍ଡି, ଚିତ୍ତରଞ୍ଜନ ପଣ୍ଡା, ଯୋଗେନ ରଣା, ମଣ୍ଟୁ ପେରିୱାଲ, ସୁରଝଙ୍କାର ସେଠୀ, ପିଣ୍ଟୁ ପୋଦ୍ଦାର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

# ଘରେ ଘରେ କୁଆଁର ପୁନେଇଁ ଉତ୍ସବ ପାଳିତ

ବାଲେଶ୍ୱର,୨୦/୧୦ (ନି.ପ୍ର): ଉତ୍କଳ ସଂସ୍କୃତିରେ ଆଶ୍ୱିନ ମାସ ପୂର୍ଣ୍ଣିମାରେ ଘରେ ଘରେ ପାଳିତ ହୋଇଛି କୁମାର ଉତ୍ସବ। କେବଳ ଅବିବାହିତ ପୁଅ ଓ ଝିଅଙ୍କ ଉଦ୍ଦେଶ୍ୟରେ ପାଳିତ ହେଉଥିବା କୁଆଁର ପୂର୍ଣ୍ଣିମା ଏବେ ବି ଓଡ଼ିଆ ଘରର ଆଦର୍ଶକୁ ବଜାୟ ରଖିଛି। କୁମାର ପୂର୍ଣ୍ଣିମା ଅବସରରେ ବୁଧବାର ସଂଧ୍ୟାରେ ଉତ୍ସବ ମୁଖର ହୋଇ ଉଠିଛି ବାଲେଶ୍ୱର ଜିଲାର ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ। ସୂର୍ଯ୍ୟାସ୍ତ ପରେ ପରେ ପ୍ରତ୍ୟେକଙ୍କ ଘରେ ତୁଳସୀ ଚଉରା ମୂଳରେ ପୂର୍ଣ୍ଣମୀ ଚନ୍ଦ୍ରକୁ ପୂଜା କରାଯାଇଛି। ଅବିବାହିତ ପୁଅଝିଅଙ୍କ ମଙ୍ଗଳ କାମନା କରି ଘରର ମହିଳାମାନେ ପୂଜା କରିଛନ୍ତି ପୂର୍ଣ୍ଣମାର ଚନ୍ଦ୍ରକୁ। ନୂଆଲୁଗା ପିନ୍ଧିଥିବା ପୁଅ-ଝିଅମାନଙ୍କ ମୁଣ୍ଡରେ ଚନ୍ଦନ ଟିପା ଲଗାଇ ବନ୍ଦାପନା କରିଛନ୍ତି ମାଆମାନେ। ଅବିବାହିତ ଜୀବନର ଆବେଗ ଓ ଖୁସୀକୁ ଜହ୍ନକୁ ସମର୍ପଣ ସହ ଘର ସଂସାର କରିବାକୁ ଯାଉଥିବା କୁମାର କୁମାରୀଙ୍କ ପାଇଁ ଏହି ଉତ୍ସବର ମହତ୍ୱ ବେଶ୍ ଅଧିକ। ଚନ୍ଦ୍ର ଭଳି ଶାନ୍ତ-ଶିକ୍ତ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ବରଟିଏ ପାଇବା ପାଇଁ କୁମାରୀ ଝିଅଟି କାମନା କରୁଥିବା ବେଳେ ଅନୁରୂପ ଭାବେ ସୁନ୍ଦରୀ ଓ ଗୁଣବନ୍ତ ଝିଅକୁ କନ୍ୟା ରୂପରେ ପାଇବାକୁ ପୁଅମାନେ ମନାସିଥାଆନ୍ତି ଏହି ପୂର୍ଣ୍ଣିମାରେ। କୁଆଁରୀ ମନତଳର ବେଦନା ଅବା ଖୁସିକୁ ଏହି ପୂର୍ଣ୍ଣମୀ ତିଥିରେ ପ୍ରରିପ୍ରକାଶ କରିବାର ଅବସର ପାଆନ୍ତି ସମସ୍ତ ପୁଅଝିଅ। ଏହି ପରମ୍ପରା ଯେ କେଉଁ କାଳରୁ ଚଳି ଆସୁଛି ତାହାର କିଛି ହିସାବ ନାହିଁ । ତେବେ ଆଧୁନିକ ଚାକଚକ୍ୟପୂର୍ଣ୍ଣ ସାମ୍ପ୍ରତିକ ସମାଜରେ ଏହି ଉତ୍ସବରେ କିଛିଟା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଗଭଳି କୁଆଁର ପୁନେଇଁ ଜହ୍ନ ଗୋ....ଗୀତରେ ଗାଁ ଦାଣ୍ଡ ଉଚ୍ଛୁଳି ପଡୁନାହିଁ କିମ୍ବା ଝିଅମାନେ ପୁଚି ଖେଳିବା ଆଉ ଦେଖିବାକୁ ମିଳୁନି। କେବଳ ନୁଆ ଲୁଗା ପିନ୍ଧାରେ ଏହି ଉତ୍ସବ ସୀମତ ହୋଇ ଯାଇଥିବା ଲକ୍ଷ୍ୟ କରାଯାଇଛି।

## ଲୁଟ୍ ଟଙ୍କା ବ୍ୟାଗ୍ ଓ ବାଇକ୍ ଛାଡି ଲୁଟେରା ଫେରାର୍

ବାରିପଦା,୨୦/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଖୁଂଟା ବଜାରରୁ ୧ ଲକ୍ଷ ୫୭ ହଜାର ଟଙ୍କା ଝାମ୍ପି ଖସି ପଳାଉଥିବା ବେଳେ ଲୁଟେରାଙ୍କ ପିଛା କରିଥିଲେ ଦୁଇ ଜଣ ଯୁବକ । ଶେଷରେ କୌଣସି ଉପାୟ ନପାଇ ଟଙ୍କା ବ୍ୟାଗ୍ ଓ ବାଇକ୍ ଛାଡି ସେଠାରୁ ଖସିଯିବାରେ ସଫଳ ହୋଇଛନ୍ତି ଏହି ଦୁଇ ଲୁଟେରା । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ଅସହାୟ ବୟସ୍କ ମହିଳାଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ବଦାନ୍ୟତା




ବାଲେଶ୍ୱର,୨୦/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଗୁଡୁଡ଼ିଆ ଗ୍ରାମର ରଂଜିତା ମଲ୍ଲିକ (୨୮) ଚକ୍ଷୁଚିକିତ୍ସା ପାଇଁ ସହରସ୍ଥିତ ବାଲେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଅଧକ୍ଷ ରୋ: ଡଃ ମାତୃଦତ୍ତ ଦାସ ଓ ଟ୍ରଷ୍ଟି ମାନଙ୍କର ପ୍ରଚେଷ୍ଟାରେ ସଂପୃକ୍ତ ଚକ୍ଷୁରୋଗୀ ଆବଶ୍ୟକତା ଥିବା ମୂଲ୍ୟବାନ ଆଲକନ ଲେନସସ ପ୍ରଦାନ ନିଜର ଚକ୍ଷୁ ଅସ୍ତ୍ରୋପଚାର କ୍ଷେତ୍ରରେ ସହଯୋଗ କରିଥିବାରୁ ଗୁଡୁଡ଼ିଆ ଗ୍ରାମରେ ଆନନ୍ଦ ପ୍ରକାଶ ପାଇଛି । ରଂଜିତାଙ୍କର ବଡ଼ଭାଇ ସୁକୁମାର ମଲ୍ଲିକ ଆର୍ଥୀକ ଅନାଟନରେ ଦୀର୍ଘ ବର୍ଷ ଧରି ବହୁ ଚେଷ୍ଟା ସର୍ତ୍ତେ ସାନ ଭଉଣୀଙ୍କର ବହୁମୂଲ୍ୟ ଅସ୍ତ୍ରୋପଚାର ଓ ଲେନସ୍ ରୋପଣ କରାଇପାରୁ ନଥିଲେ । ଉଲ୍ଲେଖଯୋଗ୍ୟ ଯେ ଉକ୍ତ ଲେନ୍‌ସର ବାଣିଜ୍ୟିକ ମୂଲ୍ୟ ୨୪ ହଜାରରୁ ଉର୍ଦ୍ଧ ଟଙ୍କା ହୋଇଥିବା ବେଳେ ରୋଟାରୀ କ୍ଲବ ତରଫରୁ ରୋ: ଡଃ ମାତୃଦତ୍ତ ଦାସଙ୍କ ପ୍ରଚେଷ୍ଟାରେ ସଂପୃକ୍ତ ସ୍ତ୍ରୀ ଲୋକଟିକୁ ବିନାମୂଲ୍ୟରେ ପ୍ରଦାନ କରିବା ସହ ଚକ୍ଷୁ ଅସ୍ତ୍ରୋପଚାର ଡଃ ସମାବେଶ ସ୍ୱାଇଁଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା । କାର୍ଯ୍ୟକ୍ରମରେ ଚିକିତ୍ସାଳୟର ଉପାଧ୍ୟକ୍ଷ ରୋ: ସୁଖମୟ ଦାସ, ବରିଷ୍ଠ ସଭ୍ୟ ସୁବ୍ରତ କର, ଟ୍ରଷ୍ଟି ଯଶୋଦା ନନ୍ଦନ ଆଶ ଓ ହସପିଟାଲର ପାରା ମେଡିକାଲ କର୍ମଚାରୀମାନେ ଉପସ୍ଥିତ ଥିଲେ । ଚକ୍ଷୁ ଚିକିତ୍ସାଳୟର ସମୟ ଯୋଗୀ ପଦକ୍ଷେପ ଓ ସହଯୋଗ ଆଗାମୀ ଦିନରେ ଜାରି ରହିବ ବୋଲି ଅଧକ୍ଷ ରୋ: ଡଃ. ମାତୃଦତ୍ତ ଦାସ ଜଣାଇଛନ୍ତି ।

# ବିଟ୍ସ ମ୍ୟାନେଜମେଣ୍ଟ କଲେଜ ମହିଳା ଶାଖା ପକ୍ଷରୁ ଏନଏସଏସ ଶିବିର

ବାଲେଶ୍ୱର,୨୦/୧୦ (ନି.ପ୍ର): ବିଟ୍ସ ମ୍ୟାନେଜମେଣ୍ଟ ମହାବିଦ୍ୟାଳୟ ମହିଳା ଏନଏସଏସ ଶାଖା ପକ୍ଷରୁ ପୌଷ୍ୟଗ୍ରାମ ସୁତେଇରେ ସଫେଇ ସାଙ୍ଗକୁ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖଠାରୁ ଆରମ୍ଭ ହୋଇଥିଲା ଏହି କାର୍ଯ୍ୟକ୍ରମ। ମହାବିଦ୍ୟାଳୟର ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ଧଳ ଏହାକୁ ଉଦଘାଟନ କରିଥିଲେ। ଶିକ୍ଷାନୁଷ୍ଠାନ ପକ୍ଷରୁ ବିନତା ପାଣି, ଡ. ଧୀରେନ୍ଦ୍ର ଜେନା, ରଶ୍ମିରେଖା ବେହେରା ପ୍ରମୁଖ ଅଧାପକ ଅଧାପିକା ଓ ସମାଜସେବୀ ଜୟନ୍ତୀ ବାରିକ ପ୍ରମୁଖ ଏହି ଉଦଘାଟନ ଉତ୍ସବରେ ଉପସ୍ଥିତ ଥିଲେ। ସୁତେଇ ଓ ଆଖପାଖ ଅଞ୍ଚଳରେ ସଫେଇ କାର୍ଯ୍ୟ ଏବେ ଜାରି ରହିଥିବା ବେଳେ ଶିବିରରେ ଗ୍ରାମବାସୀଙ୍କୁ ଯୋଗଶିକ୍ଷା ଓ ସ୍ୱଚ୍ଛତା ସମ୍ପର୍କରେ ସଚେତନତ କରାଯାଉଛି। ପ୍ରତ୍ୟେହ ସ୍ଥାନୀୟ ସମାଜସବେୀ, ରାଜନେତା, ସାମାଜିକ କର୍ମୀ ଶିବିରରେ ଅତିଥି ଓ ବକ୍ତାଭାବେ ଯୋଗ ଦେଉଛନ୍ତି। ସୋମବାର ବାଲେଶ୍ୱର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ନିରଞ୍ଜନ ପରିଡ଼ା ଯୋଗଦେଇ ଜନସାଧାରଣଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ସମ୍ପର୍କରେ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିବିରାର୍ଥୀମାନଙ୍କୁ ମହିଳା ଓ ଶିଶୁଙ୍କ ଆଇନଗତ ଅଧିକାର ଉପରେ ସଚେତନ କରାଇଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧାପିକା ରଶ୍ମିରେଖା ବେହେରା ସଂଚାଳନ କରିଥିବା ବେଳେ ପ୍ରୋଗ୍ରାମ ଅଫିସର ଡ. ଅମୂଲ୍ୟ ଆଚାର୍ଯ୍ୟ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo